ଆମର ପ୍ରତିବଦ୍ଧତା
ସରକାର ଓ ପ୍ରଶାସନ ସହ ଜନସାଧାରଣଙ୍କ ସମ୍ପର୍କର ସେତୁ
ନିଷ୍କର୍ଷ
Approved by DAVP Govt. of India

# ନିଷ୍କର୍ଷ
# NISHKARSHA

RNI REGD. No. : ODIODI/2020/78909
QR Code Scan for Play NTv(24X7) Channel on Your Mobile Phone
Email : nishkarsha.media@gmail.com
Email for Advt. : nishkarsha.advt@gmail.com
Youtube Channel : Ntv Nishkarsha @Ntv_Nishkarsha
www.nishkarsha.com
www.nishkarsha.site
www.nishkarsha.in
NISHKARSHA MEDIA ENTERTAINMENT & PUBLICATION

♦ VOLUME - 07 ♦ ISSUE- 24 ♦ CUTTACK ♦ WEEKLY ♦ 15 TO 21 - JUNE 2026 ♦ 8 PAGE ♦ RATE- 5/- ■ ବର୍ଷ - ୦୭ ♦ ସଂଖ୍ୟା - ୨୪ ♦ କଟକ ♦ ସାପ୍ତାହିକ ♦ ୧୫ ରୁ ୨୧ - ଜୁନ ୨୦୨୬ ♦ ପୃଷ୍ଠା-୮ ♦ ମୂଲ୍ୟ- ୫ ଟଙ୍କା

# ଚର୍ଚ୍ଚାରେ ଚାମେଲି

## ଅକଳରେ ପଡ଼ି ପାରନ୍ତି ସରକାର !

**କେନ୍ଦ୍ରାପଡ଼ା (ଏନ୍.ଏମ୍.):** କେନ୍ଦ୍ରାପଡ଼ା ଜିଲ୍ଲା ମହକାଳପଡ଼ା ବ୍ଲକ ଅଧୀନ ତିଖିରି ସରପଞ୍ଚ ଚାମେଲି ଓଝାଙ୍କୁ ଦୁବ୍ୟବହାର ଓ ମାଡ ଘଟଣାକୁ ନେଇ ରାଜନୀତି ଜୋର ଧରିଛି । ଏହାକୁ ନେଇ ଆଗାମୀ ଦିନରେ ରାଜ୍ୟସରକାର ଅକଳରେ ପଡ଼ି ପାରନ୍ତି ବୋଲି ବିଭିନ୍ନ ମହଲରେ ଚର୍ଚ୍ଚା ହେଉଛି । ଗୋଟିଏ ପଟେ ବିଜେପି ଶାସନକୁ ଆସିବା ଦିନ ଠାରୁ ରାଜ୍ୟରେ ଅରାଜକତା ବଢୁଛି ବୋଲି ବିରୋଧୀମାନେ କହି ଆସୁଛନ୍ତି । ଖୋଦ ବିଜେପି କର୍ମୀମାନେ ଗୁଣ୍ଡାରାଜ ଚଳାଇବା ସହ ପ୍ରଶାସନକୁ ହାତମୁଠାରେ ରଖି ଜୋର ଯାହାର ମୂଲକ ତାହାର ନୀତି ଆପଣେଇଥିବାର ଅଭିଯୋଗ ଉଠିଛି । ଯଦି ଏହା ସତ୍ୟ ହୋଇଥାଏ ତେବେ ଭବିଷ୍ୟତରେ ବିଜେପି ପାଇଁ ଅନେକ କ୍ଷତିକରିବ ବୋଲି ବିଭିନ୍ନ ମହଲରେ ମତ ପ୍ରକାଶ ପାଉଛି । ଗୋଟିଏ ପଟେ ଲୋକଙ୍କ ସରକାର କହୁଥିବା ବିଜେପି କିଭଳି ଲୋକଙ୍କ ଠାରୁ ଦୂରେଇ ଯିବାକୁ ବସିଛି ତାହାର ଗୋଟିଏ ଗୋଟିଏ ଘଟଣା ଆଜି ସାମ୍ନାକୁ ଆସୁଛି ବୋଲି ରାଜନୈତିକ ସମୀକ୍ଷକମାନେ ମତ ପ୍ରକାଶ କରିଛନ୍ତି । ଏପରିକି ପୁଲିସ ଠାରୁ ଆରମ୍ଭ କରି ପ୍ରଶାସନିକ ଅଧିକାରୀମାନେ ସମସ୍ତ ନୀତି ନିୟମକୁ ଜଳାଞ୍ଜଳି ଦେବାକୁ ପଛାଉନଥିବା କୁହାଯାଉଛି ।



ଏ ନେଇ ଜିଲ୍ଲା କଂଗ୍ରେସ ମହାକାଳପଡା ଥାନା ଆଗରେ ଧାରଣାରେ ବସିଥିବା ବେଳେ ଅପରାହ୍ନରେ ପିସିସି ସଭାପତି ଭକ୍ତ ଚରଣ ଦାସ କେନ୍ଦ୍ରାପଡାରେ ପହଞ୍ଚି ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଅସୁସ୍ଥ ଚାମେଲି ଓଝାଙ୍କୁ ଭେଟି ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିଛନ୍ତି । ଜିଲ୍ଲା ମୁଖ୍ୟ ଚିକିସାଧିକାରୀଙ୍କ ସହିତ ଆଲୋଚନା କରିବା ସହ ଉତ୍ତମ ଚିକିସା ପାଇଁ କଟକ ବଡ ମେଡିକାଲ୍ କିମ୍ବା ଏମଏସକୁ ସ୍ଥାନତରିତ କରିବା ପାଇଁ ପରାମର୍ଶ ଦେଇଛନ୍ତି । ଜିଲ୍ଲାପାଳଙ୍କ ବାସଭବନ

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

### ଓଡ଼ିଶାରେ ମୋହନ ସରକାରଙ୍କ ୨ବର୍ଷର ପୂର୍ତ୍ତି

# ମିସନ ମୋଡରେ ଆମ ସରକାର ମୌଳିକ ସୁବିଧା ପୂରଣ କରୁଛନ୍ତି : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର (ଏନ୍.ଏମ୍.):** ଭାରତୀୟ ଜନତା ପାର୍ଟି ନେତୃତ୍ୱରେ ବିଜେପି ସରକାର ଓଡ଼ିଶାରେ ଦୁଇ ବର୍ଷ ପୂର୍ତ୍ତି ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟବାସୀଙ୍କୁ ସମ୍ବୋଧିତ କରିଛନ୍ତି । ସେ କହିଛନ୍ତି, ଆମ ସରକାରରେ ୧୨୧ଟି ନୂଆ ଯୋଜନା ଲାଗୁ ହୋଇଛି । ଏବେ ଆପଣ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶ୍ନ କରି ପାରୁଛନ୍ତି । କିନ୍ତୁ ଗଲା ୨୪ ବର୍ଷରେ କଥାକଥିତ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶ୍ନ ପଚାରିବାର ସୁଯୋଗ ନଥିଲା । ପ୍ରତ୍ୟେକ ଗାଁରେ ପାଣି, ରାସ୍ତା, ବିଦ୍ୟୁତ୍ ସ୍ୱାଧୀନତା ପରେ ବି ମୌଳିକ ସୁବିଧା ନଥିଲା । ମିସନ ପାୱାରରେ ମିସନ ମୋଡ଼ରେ ଆମ ସରକାର ଏଗୁଡ଼ିକୁ ପୂରଣ କରୁଛନ୍ତି ।

ମୁଖ୍ୟମନ୍ତ୍ରୀ କହିଛନ୍ତି, ୨୪ ବର୍ଷ ଧରି ଗଲା ସରକାର କରିନଥିଲେ । କିଏ ତାଙ୍କ ହାତ ବାନ୍ଧି ଥିଲା ? ଆମ ସରକାରଙ୍କ ପ୍ରଥମ କ୍ୟାବିନେଟରେ ମହିଳାଙ୍କ ପାଇଁ ପ୍ରଥମ ଯୋଜନା ସୁଭଦ୍ରା ଥିଲା । ଏହି ଦୁଇ ବର୍ଷରେ ୨୦ହଜାର ୬୦୦ଶହ କୋଟି ଟଙ୍କା ଯୋଗାଇ ଦିଆଯାଇଛି । ୧୩ଶହ କନ୍ୟାଙ୍କୁ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାରେ ସାମୂହିକ ବିବାହ କରାଯାଇଛି । ୨୩ଲକ୍ଷ ୫୦ହଜାର ଲକ୍ଷପତି ଦିଦି ସୃଷ୍ଟି କରି ଦେଶରେ ରେକଡ କରିଛୁ । ଗତ ୭ତାରିଖ ସୁଦ୍ଧା ୧୮ଲକ୍ଷ ୮୩ହଜାର ଚାଷୀଙ୍କ ଠାରୁ ୭୭ଲକ୍ଷ ମେଟ୍ରିକ ଟନ୍ ଧାନ କିଣା ଯାଇଛି । କୃଷକ ସମୃଦ୍ଧି ଯୋଜନା ଆସିଛି ।

**ଅନ୍ନପୂର୍ଣ୍ଣ ଯୋଜନା ଆରମ୍ଭ :**
ଆଜିଠାରୁ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ରାଜ୍ୟ ସରକାର ଆରମ୍ଭ କରିବାକୁ ଯାଉଛନ୍ତି । ଏବେ ଲୋକମାନେ ରାସନ୍ କାର୍ଡ ଦ୍ୱାରା ମୁଣ୍ଡ ପିଛା



୧୦କିଲୋ ଚାଉଳ ପାଇବେ । ୮ହଜାର ୮୧୩କୋଟି ସରକାର ଖର୍ଚ୍ଚ ହେବ । କେବଳ ସ୍କୁଲରେ ପୂର୍ବ ସରକାର ରଙ୍ଗ ମାରିଥିଲେ । କିନ୍ତୁ ୨୪ବର୍ଷ ଭିତରେ ତାଙ୍କର ମନ ପଡୁନଥିଲା । ରାଜନୈତିକ ଉଦ୍ଦେଶ୍ୟ ରଖି ଜାତୀୟ ଶିକ୍ଷା ନୀତି ଲାଗୁ କରିନଥିଲେ । ଆମ ସରକାର ଆସିବା ପରେ ଏହାକୁ ଲାଗୁ କରିଛନ୍ତି । ଆମ ସରକାର ୩୨୨ ଗୋଦାବରୀଶ ମିଶ୍ର ବିଦ୍ୟାଳୟ ପ୍ରତିଷ୍ଠା କରିଛନ୍ତି ।

**୨୬,୦୦୦ରୁ ଉର୍ଦ୍ଧ୍ୱ ଶିକ୍ଷକ ନିଯୁକ୍ତି :**
ମୁଖ୍ୟମନ୍ତ୍ରୀ କହିଛନ୍ତି, ଦୁଇ ବର୍ଷରେ ୨୬ହଜାରରୁ ଅଧିକ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଛି । ଗତ ସରକାର ସରକାରୀ ନିଯୁକ୍ତିରେ ପ୍ରତିବନ୍ଧକ ସାଜିଥିଲା । ୧୮ଟି ନୂଆ ସରକାରୀ ମହାବିଦ୍ୟାଳୟ ଖୋଲିଛନ୍ତି । କେଜିରୁ ପିଜି ଯାଏଁ ସମ୍ପୂର୍ଣ୍ଣ ଦେୟମୁକ୍ତ ପାଠ ପଢ଼ିବେ ପିଲା ମୁଁ ଘୋଷଣା କରୁଛି । ପରିବାର ଲୋକ ଅର୍ଥିକରେ ଆଉ ସମସ୍ୟାରେ ପଡ଼ିବେ ନାହିଁ ।

**ସବୁ ଜିଲ୍ଲାରେ ଶିଳ୍ପ ପ୍ରତିଷ୍ଠା ଲକ୍ଷ୍ୟ :**
ଓଡ଼ିଶାରେ ପ୍ରାକୃତିକ ସମ୍ପଦ ଭରପୂର ରହିଛି । ଏହାକୁ ଠିକ୍ ଭାବରେ ପରିଚାଳନା କରାଯିବ । ୨୦ଲକ୍ଷ କୋଟି ନିବେଶ ପାଇଛୁ । ୧୭କୋଟି ଲକ୍ଷ କାର୍ଯ୍ୟକାରୀ ହୋଇଛି । ବିଭିନ୍ନ ଦେଶ ଓ ରାଜ୍ୟରେ ରୋଡ ସୋ' ସରକାର କରି ଏ ସଫଳତା ହାସଲ କରିଛନ୍ତି । ରାଜ୍ୟର ସବୁ ଜିଲ୍ଲାରେ ହେବ ଶିଳ୍ପ । ଏହା ଆମର ସଂକଳ୍ପ ରହିଛି ।

**ଅଭିଯୁକ୍ତଙ୍କୁ ଗିରଫ କରାଯାଉଛି : ମୋହନ**
ରାଜ୍ୟର ଆଇନ ଶୃଙ୍ଖଳାକୁ ନେଇ ଅନେକ ପ୍ରଶ୍ନ । ରାଜନୈତିକ ରୂପ ଆଇନ ଶୃଙ୍ଖଳା ଧାରଣ କରିଛି । କେଉଁ କେଶରେ ଅଭିଯୁକ୍ତ ଗିରଫ କରାଯାଇ ନାହିଁ କୁହନ୍ତୁ । ସମସ୍ତେ ଗିରଫ ହୋଇଛନ୍ତି ଦଣ୍ଡ ପାଉଛନ୍ତି । ଯଦି ବିରୋଧୀ କିଛି ଘଟଣାରେ ମତ ଦେବାକୁ ଚାହୁଁଛନ୍ତି ମୋତେ କୁହନ୍ତୁ । ମହିଳା ବିରୋଧୀ ଅପରାଧ କ୍ଷେତ୍ରରେ ଆମ ସରକାର ସଂକଳ୍ପ ବଧ ଦଣ୍ଡ ଦେବା କ୍ଷେତ୍ରରେ । ଅଭିଯୁକ୍ତଙ୍କୁ ଦଣ୍ଡିତ କରିବା ଆମର ଦାୟିତ୍ୱ । ବିରୋଧୀ ଦଳ ନେତା କୁହନ୍ତୁ ଅପରାଧୀଙ୍କୁ କରିବୁନି ଦଣ୍ଡିତ ତ କାହାକୁ କରିବୁ । ୭୭ ଏକରରେ ସାଇନ୍ସ ସିଟି ଭୁବନେଶ୍ୱରରେ କରିବାକୁ ଯାଉଛନ୍ତି ସରକାର । ତିନୋଟି ସେମିକଣ୍ଡକଟର କରାଯାଇଛି । ୧ହଜାର ୭୫ଟି ରାଜସ୍ୱ ଗ୍ରାମ କରାଯାଇଛି ।

**ବସୁନ୍ଧରା ଯୋଜନାରେ ଜମି ପ୍ରଦାନ :**
୨୮ହଜାର ୫୭୧ ଜଣଙ୍କୁ ବସୁନ୍ଧରାରେ ଜମି ଦିଆଯାଇଛି । ବ୍ରିକ୍ସ ରାଷ୍ଟ୍ର ସମୂହ ଆମ ସରକାରଙ୍କୁ ପ୍ରଶଂସା ମିଳିଛି । ଗତ ସରକାର ସମୟରେ ରାଜୀବ ଭବନକୁ ଠିକାଦାରଙ୍କ ଆଡା ସ୍ଥଳୀରେ ପରିଣତ କରାଯାଇଥିଲା । ସେଥିରୁ ଆମ ସରକାର ମୁକ୍ତ କରିଛନ୍ତି । ୧୫ହଜାର ହେକ୍ଟର ଜମିକୁ ୪ବର୍ଷରେ ଜଳସେଚନ ହେବ । ଅନୁସୂଚିତ ଜନଜାତି ଉନ୍ନତି ହେବା ଆବଶ୍ୟକ । କାହିଁକିନା ଜନସଂଖ୍ୟାର ୪୦ ପ୍ରତିଶତ ସେହି ସମ୍ପ୍ରଦାୟରୁ ଆସୁଛନ୍ତି । ଗତ ୧୩ବର୍ଷରେ ଦୁଇରୁ ତିନିଟି ଟ୍ରାଇଉ ବୈଠକ ହୋଇଥିଲା କିନ୍ତୁ ଆମ ସରକାର ଆସିବା ଦିନଠାରୁ ବୈଠକ କରି ବିସ୍ତାର ରୂପରେଖ ପ୍ରସ୍ତୁତ କରୁଛୁ । ୮୦ବର୍ଷରୁ ଅଧିକ

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

### ସୀମା ଲଙ୍ଘିଲା ଇସ୍କନ୍ ?

# ରାସ୍ତା କଡ଼ରେ ବସାଇଦେଲେ ମହାପ୍ରଭୁଙ୍କୁ



**ପୁରୀ (ଏନ୍.ଏମ୍.):** ବିଦେଶୀ ଇସ୍କନ୍ ଶାଖାର ମନମାନି ବଳବତ୍ତର ରହିଛି । ଏତେ ବିରୋଧ, ତାଗିଦ ସତ୍ତ୍ୱେ ପୁଣି ଜର୍ମାନୀରେ ଅଦିନିଆ ରଥଯାତ୍ରା ଆୟୋଜନ ହୋଇଛି । ତା'ଠୁ ଅଧିକ ସାଂଘାତିକ ହେଉଛି, କୋଟି ଓଡ଼ିଆର ମଉଡ଼ମଣି, ସ୍ୱୟଂ ଶ୍ରୀଜଗନ୍ନାଥଙ୍କୁ ରାସ୍ତାକଡ଼ରେ ଛତା ତଳେ ବସେଇ ଦିଆଯାଇଛି । ସେଠାରେ (ଜର୍ମାନୀ)ରେ ଏକ ମେଳା ଚାଲିଥିବାରୁ ଅଧିକ ଲୋକଙ୍କ ଦୃଷ୍ଟିକୁ ଆସିବା ଉଦ୍ଦେଶ୍ୟରେ ମହାପ୍ରଭୁଙ୍କୁ ରାସ୍ତା କଡ଼ରେ ବସାଇବା ଭଳି ଦୁଃସାହସ କରିଛି ଇସ୍କନ୍ । ଏପରି ହୀନ ଉଦ୍ୟମ ପରେ ସେମାନେ ଖାଲି କୋଟିକୋଟି ଜଗନ୍ନଥପ୍ରେମୀଙ୍କ ଭାବାବେଗକୁ କୁଠାରାଘାତ କରିନାହାନ୍ତି, ମହାପ୍ରଭୁଙ୍କ ଅପମାନିତ କରିଛନ୍ତି ବୋଲି ଜର୍ମାନୀରେ ରହୁଥିବା ପ୍ରବାସୀ ଭାରତୀୟମାନେ କହିଛନ୍ତି । ଜର୍ମାନୀର ୱିସବାଡେନ୍ ସହରରେ ଆଜି ଏକ ଉତ୍ସବ ଚାଲିଥିବା ବେଳେ ସେଠାରେ ଭିଡ଼ ଫାଇଦାକୁ ଦୃଷ୍ଟିରେ ରଖି ଅ-ତିଥିରେ ରଥଯାତ୍ରା କରାଯାଇଛି । ଶାସ୍ତ୍ରୀୟ ବିଧିବିଧାନକୁ ଅନୁକରଣ କରିବା ନେଇ ସମଗ୍ର ବିଶ୍ୱରେ ଥିବା ପ୍ରବାସୀ ଓଡ଼ିଆ ଓ ଜଗନ୍ନାଥପ୍ରେମୀ ପ୍ରବାସୀ ଭାରତୀୟମାନେ ସ୍ମାରକପତ୍ର ଦେଇ ଆସୁଛନ୍ତି । ତଥାପି ଅମାନିଆ ଇସ୍କନ୍କୁ କିଛି ଫରକ ପଡୁନି । ଏ ନେଇ ସେଠାରେ ରହୁଥିବା ପ୍ରବାସୀ ଓଡ଼ିଆ ପ୍ରିୟଦର୍ଶନ ସାମଲ କହିଛନ୍ତି, ମହାପ୍ରଭୁଙ୍କୁ ଏଭଳି ଅପମାନ ଦେଖିଲେ ଯେକେ ?ଣସି ସନାତନୀ ବ୍ୟକ୍ତିର ଆଖିରେ ଲୁହ ଆସିଯିବ । ସପ୍ତାହେ ଆଗରୁ ଏ ସମ୍ପର୍କରେ ଖବର ପାଇବା ପରେ ସ୍ୱିଜରଲାଣ୍ଡରେ ଜିବିସିକୁ ଭେଟି ଆମେ ସ୍ମାରକପତ୍ର ଦେଇଥିଲୁ । ବାସ୍ତବରେ ସ୍ୱିଜରଲାଣ୍ଡ ଅଧୀନରେ ଜର୍ମାନୀ, ସ୍ୱିଜରଲାଣ୍ଡ ଓ ଅଷ୍ଟ୍ରିଆରେ ଇସ୍କନ୍ କାର୍ଯ୍ୟକ୍ରମ ସଂକ୍ରାନ୍ତରେ ନିଷ୍ପତ୍ତି ନିଆଯାଉଛି । ଏହି ଆଧାରରେ ଜାଣିବାକୁ ପାଇଲୁ, ଜର୍ମାନୀରେ ୧୧ଟି ଜାଗାରେ ଏଭଳି ରଥଯାତ୍ରା ପାଳନ କରାଯାଉଛି । ତେଣୁ ଏହାର ବିରୋଧ କରିଥିଲୁ । ମୂଳପୀଠ ପୁରୀର ଶାସ୍ତ୍ରୀୟ ବିଧିବିଧାନକୁ ଅନୁକରଣ କରିବା ପଛରେ ମାହାତ୍ମ୍ୟ ଏବଂ ଏହା ସ୍ୱୟଂ ମହାପ୍ରଭୁଙ୍କ

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

### ଏସ୍କର୍ଟ ସର୍ଭିସ ନାଁରେ ସେକ୍ସ ର୍ୟାକେଟ୍

# ସୁନ୍ଦରୀ ଯୁବତୀଙ୍କ ଫଟୋରେ ଠକେଇର ମାୟାଜାଲ, ଦେହଜୀବୀ ସହ ୩ ଦଲାଲ୍ ଗିରଫ

**ଭୁବନେଶ୍ୱର (ଏନ୍.ଏମ୍.):** ଏସ୍କର୍ଟ ସର୍ଭିର୍ସ ୱେବସାଇଟରେ ସୁନ୍ଦରୀ ଯୁବତୀଙ୍କ ଫଟୋ ଲଗାଇ ଗ୍ରାହକମାନଙ୍କୁ ପ୍ରଲୋଭିତ କରି ଡାକୁଥିଲେ ଓ ଲୁଟୁଥିଲେ । ଯେଉଁ ସୁନ୍ଦରୀ ଯୁବତୀଙ୍କ ଫଟୋକୁ ଡିପିରେ ବ୍ୟବହାର କରୁଥିଲେ ସେମାନଙ୍କ ମଧ୍ୟରୁ ଜଣେ ଯୁବତୀ ଥାନା ଏତଲା ଦେଲା ପରେ ତମାଣ୍ଡୋ ଥାନା ପୁଲିସ୍ ଏହି ଗ୍ୟାଙ୍ଗର ଫର୍ଦ୍ଦାଫାସ୍ କରିଛି । ଜଣେ ଦେହଜୀବୀ ସହ ପୁଲିସ୍ ୩ ଜଣ ଦଲାଲ୍ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତ ହେଲେ ଖୋର୍ଦ୍ଧାର ଉମାକାନ୍ତ ଦଳେଇ ଓରଫ ବାବୁନି ଓରଫ, ଓରଫ ସମ୍ବିତ ଓରଫ ପୁଅ, ଚିତ୍ତରଞ୍ଜନ ମହାନ୍ତି ଓରଫ ପେନ୍ତୁ, ନୟାଗଡ଼ର ତୋଫାନ ପ୍ରଧାନ ଓ କଟକ ନିଆଳୀ ଅଞ୍ଚଳର କୁମାରୀ ମିଞ୍ଜି ଭୋଇ । ଏହି ଗ୍ୟାଙ୍ଗର ମାଷ୍ଟରମାଇଣ୍ଡ ହେଉଛନ୍ତି ସମ୍ବିତ । ସେ ବିଭିନ୍ନ ଏସ୍କର୍ଟ ସର୍ଭିସ୍ ୱେବସାଇଟ



ସହ ଜଡ଼ିତ ଥିଲା । ସୋସିଆଲ ମିଡିଆ ଇନ୍ଷ୍ଟାଗ୍ରାମରୁ ଯୁବତୀଙ୍କ ଫଟୋ ଆଣି ଏସ୍କର୍ଟ ସର୍ଭିସ୍ ୱେବସାଇଟରେ ବ୍ୟବହାର କରୁଥିଲା । ଯେଉଁ ଯୁବତୀଙ୍କ ଫଟୋକୁ ସେ ବ୍ୟବହାର କରୁଥଲା ତା' ତଳେ ନିଜର ଫୋନ୍ ନମ୍ବର ଦେଉଥିଲା । ଯୁବତୀଙ୍କ ସହ ସମୟ କାଟିଲେ ଘଣ୍ଟାକୁ କେତେ ? ଦିନକୁ କେତେ ? ୧୫ ଦିନକୁ କେତେ ଟଙ୍କା ଦେବାକୁ ପଡ଼ିବ ତାକୁ ଉଲ୍ଲେଖ କରୁଥିଲା ସମ୍ବିତ । ଚିତ୍ତରଞ୍ଜନ ଓ ତୋଫାନ ତାକୁ ସହଯୋଗ କରୁଥିଲେ । ସୁନ୍ଦରୀ ଯୁବତୀଙ୍କ ଫଟୋ ଦେଖି ଯେଉଁ ଗ୍ରାହକ ଆସୁଥିଲେ ସେମାନଙ୍କୁ ଏହି ୩ ଦଲାଲ୍ ବିଭିନ୍ନ ବାହାନା ଦେଖାଉଥିଲେ । ସେ ଝିଅର ଦେହ ଖରାପ ଓ ଦୁର୍ଘଟଣା କଥା କହି ଗ୍ରାହକମାନଙ୍କୁ ବୁଝାଇ ଦେଉଥିଲେ । ଅଗ୍ରୀମ ଦେଇଥିବା ଗ୍ରାହକକୁ କୁମାରୀ ମିଞ୍ଜି ଓ ଅନ୍ୟ ଯୁବତୀଙ୍କ ସହ ସମ୍ପର୍କ ରଖିବାକୁ କହୁଥିଲେ । ଯଦି କେହି ବିରୋଧ କରୁଥିଲା ତାକୁ ମାଡ଼ ମାରି ଲୁଟ୍ ପାଟ୍ କରୁଥିଲେ । ଲୋକ ଲଜ୍ଜା ଭୟରେ କେହି ଏତଲା ଦେଉ ନଥିଲେ । ଗତ କିଛି ଦିନ ତଳେ କଳିଙ୍ଗ ନଗରରେ ରହୁଥିବା ଜଣେ ଯୁବତୀ ଜାଣିବାକୁ ପାଇଥିଲେ ତାଙ୍କର ଏକାଧିକ ଫଟୋ ଏସ୍କର୍ଟ ସର୍ଭିସ୍ ୱେବସାଇଟରେ ଅପ୍ଲୋଡ୍ ହୋଇଛି । ଘଣ୍ଟାକୁ ୫ ହଜାର

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

### ନା ଯାଇଛି ବିଜୁଳି ନା ମିଳୁଛି ପାଣି

# ଅନ୍ଧାର ଭିତରେ ହଜି ଯାଇଛି 'ସାଲର' ଗାଁର ଭାଗ୍ୟ

**ଅନୁଗୋଳ(ଏନ୍.ଏମ୍.):** କେଉଁଠି ରାଜରାସ୍ତା ଆଲୁଅରେ ଚମକୁଛି । ହେଲେ ଏମାନଙ୍କ ଭାଗ୍ୟରେ ଅନ୍ଧାର ଲେଖା ଯାଇଛି । ଏହି ଅନ୍ଧାର ଭିତରେ ପୀଢି ପରେ ପୀଢି କରି ଆସୁଛନ୍ତି ଜୀବନ ସଂଘର୍ଷ । ସମସ୍ୟା ସହ ଲଢି ଲଢି ଏମାନଙ୍କ ଆଖିରୁ ଯେମିତି ସ୍ୱପ୍ନ ହଜିଯାଇଛି । ବୋଧହୁଏ ସେଥିପାଇଁ ଜଙ୍ଗଲ ଭିତରେ ଜଙ୍ଗଲୀ ଜୀବନକୁ ଏମାନେ ଆପଣେଇ ନେଇଛନ୍ତି । ଏ ଜଙ୍ଗଲୀ ଜୀବନ ସେମାନଙ୍କୁ ଖାଲି ଅଭାବ, ଅନଟନ ଦେଇନି ବରଂ ରୋଗାକ୍ରାନ୍ତ କରି ଦେଇଛି । ହେଲେ ଏଥିରୁ ବର୍ତ୍ତିବାର ଉପାୟ କାହିଁ ?

ଅନୁଗୋଳ ଜିଲ୍ଲାର ସତକୋଶିଆ ଅଭୟାରଣ୍ୟ ଭିତରେ ଜଙ୍ଗଲ ଓ ପାହାଡ଼ ଘେରା ମଧ୍ୟରେ ଥିବା ସାଲର ଗାଁ । ସମସ୍ୟା ଘେରା ଏ ଗାଁର ବିକଳ ଚିତ୍ର ଖାଲି ଦୁଃଖଦାୟକ ନୁହେଁ, ଏମାନଙ୍କ ଜୀବନଶୈଳୀ ଆମର ପ୍ରଶାସନିକ ବ୍ୟବସ୍ଥା, ସରକାରୀ ଯୋଜନା ପ୍ରତି ମଧ ଏକ ବଡ ଧକ୍କା । ଗରିବଙ୍କ ପାଇଁ ସରକାରଙ୍କର ଯୋଜନା ପରେ ଯୋଜନା, କୋଟି କୋଟି ଟଙ୍କାର ଅନୁଦାନ କେମିତି ଏ ଗାଁରେ ପହଞ୍ଚି ପାରୁନି, କେମିତି ଏ ଗାଁର ଅସ୍ତିତ୍ୱ ପ୍ରଶାସନ ଭୁଲି ଯାଉଛି ତାହା ଏକ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଗ୍ରାମର ବିଷ୍ଣୁ ଚରଣ ଦେହୁରୀଙ୍କ କହିବା ଅନୁଯାୟୀ,



'ସାଲର ଗାଁରେ ପ୍ରାୟ ୫୦ରୁ ଅଧିକ ଆଦିବାସୀ ପରିବାର ବସବାସ କରି ଆସୁଛନ୍ତି । ଲୋକସଂଖ୍ୟା ୨୦୦ରୁ ଅଧିକ ହେବ । ଆଜିର ଦିନରେ ଏ ଗାଁରେ ବିଜୁଳି ଆଲୁଅ ସାତସପନ । ବିଦ୍ୟୁତ ସଂଯୋଗ ନ ଥିବାରୁ ସନ୍ଧ୍ୟା ହେଲେ ଚାରିଆଡେ ଅନ୍ଧାର ଘୋଟି ଆସେ । ତାଟି କବାଟ ପଡିଯାଏ । ବନ୍ୟଜନ୍ତୁ ଗାଁ ଦାଣ୍ଡରେ ବିଚରଣ କରନ୍ତି । ତେଣୁ ବାହାରକୁ ବାହାରିବା ବିପଦ । ଦିନର ଅବସ୍ଥା ବି ଆହୁରି ଦୟନୀୟ । ୪୫ ଡିଗ୍ରୀ ଖରାରେ ଏମାନଙ୍କୁ ସେଇ ନୁଆଁଣିଆ ନିବୁଜ କୋଠରୀ ଭିତରେ ରହିବାକୁ ପଡେ । ହାତ ପଙ୍ଖା ହିଁ ଏକମାତ୍ର ସାହାରା । ଅତ୍ୟଧିକ ଗରମ ଯୋଗୁ ଏଠି ପିଲାଠାରୁ ବୟସ୍କ ପର୍ଯ୍ୟନ୍ତ ସମସ୍ତେ ଚର୍ମ ରୋଗର ଶିକାର ହୁଅନ୍ତି ।' ସାଲର ଗାଁ ଚାରିପଟେ ଘଞ୍ଚ ଜଙ୍ଗଲ ଓ ପାହାଡ଼ । କାହିଁ କେଉଁ ଆବାହମାନ କାଳରୁ ଏହି ଆଦିବାସୀ ପରିବାର ଏଠାରେ ବସବାସ କରି ଆସୁଛନ୍ତି । ସ୍ୱାଧୀନତାର ଏତେ ବର୍ଷ ପରେ ମଧ ସେମାନଙ୍କ ଆର୍ଥିକ ଓ ସାମାଜିକ ଅବସ୍ଥାରେ କୌଣସି ପରିବର୍ତ୍ତନ ଆସି ପାରି ନାହିଁ । ବିକାଶ କହିଲେ, କିଛି ବର୍ଷ ପୂର୍ବେ ଗାଁକୁ ନିର୍ମାଣ କରାଯାଇଥିବା କେବଳ ପକ୍କା ସଡ଼କଟି । ହେଲେ ଏ ସଡକ ଦେଇ ଆସୁଥିବା ସରକାରୀ ଯୋଜନା କୁଆଡ଼େ ବାଟବଣା ହୋଇ ଯାଉଛି ଗାଁ ଲୋକେ ଜାଣି ପାରୁ ନାହାନ୍ତି । ଏଠି ନା ଅଛି ଶିକ୍ଷା, ନା ମିଳିଛି ସ୍ୱାସ୍ଥ୍ୟସେବା । ଏପରିକି ମଣିଷର ସର୍ବନିମ୍ନ ସୁବିଧା ପାନୀୟ ଜଳ ଟିକିଏ ବି ମିଳେନି । କେତେ ଜଙ୍ଗଲ ବାଡି ଡେଇଁ ଚାଲି ଚାଲି ଯାଇ ଗାଁର ମହିଳାମାନେ ଚୁଆ ଖୋଳି ପିଇବା ପାଣି ସଂଗ୍ରହ କରନ୍ତି । ଗାଁର ଜଣେ ବାସିନ୍ଦା ଅନାଦି ଦଣ୍ଡସେନାଙ୍କ କହିବା ଅନୁଯାୟୀ, 'ଏ ଗାଁର ମୁଖ୍ୟ ସମସ୍ୟା ହେଉଛି ବିଦ୍ୟୁତ୍ । ବସତି ଆରମ୍ଭରୁ ଗାଁରେ ବିଦ୍ୟୁତ ସଂଯୋଗ ନାହିଁ । ଗାଁଠାରୁ ପ୍ରାୟ ୬କିମି ଦୂରରେ ବିଦ୍ୟୁତ ସଂଯୋଗ ମିଳିଛି । ଅଥଚ ସାଲର ଗାଁକୁ ଭୁଲି ଯାଇଛନ୍ତି ବିଦ୍ୟୁତ ବିଭାଗ, ପ୍ରଶାସନ ଓ ବନ ବିଭାଗ । ବନ ବିଭାଗ ତରଫରୁ କିଛି ବର୍ଷ ପୂର୍ବେ ଗାଁକୁ ସୋଲାର ଆଲୋକ ବ୍ୟବସ୍ଥା ଯୋଗାଇ ଦିଆଯାଇଛି । ହେଲେ ରକ୍ଷଣାବେକ୍ଷଣ ଅଭାବରୁ ଏଇ ବ୍ୟବସ୍ଥା ଅଚଳ ହୋଇ ଯାଇଛି ।

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

## ଇରାନ ସହିତ ଶାନ୍ତି ଚୁକ୍ତି ସ୍ୱାକ୍ଷରିତ ହେବ, ପୁଣି ଖୋଲିବ ହର୍ମୁଜ୍ !

**ୱାସିଂଟନ (ଏଜେନ୍ସି):** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନ ସହିତ ଶାନ୍ତି ଚୁକ୍ତିନାମା ସମ୍ପର୍କରେ ଏକ ବଡ଼ ଘୋଷଣା କରିଛନ୍ତି । ସେ କହିଛନ୍ତି ଯେ (ରବିବାର) ଶାନ୍ତି ଚୁକ୍ତିନାମା ସ୍ୱାକ୍ଷରିତ ହେବ । ଏହା ପରେ ହର୍ମୁଜ୍ ପ୍ରଣାଳୀ ପୁଣି ଖୋଲିଯିବ । ପରିସ୍ଥିତି ସ୍ୱାଭାବିକ ହେବା ପରେ, ଆମେରିକା ପରମାଣୁ ଧୂଳି ଅର୍ଥାତ୍ ୟୁରାନିୟମ ସଂଗ୍ରହ କରିବା ପାଇଁ ଇରାନ ଯାତ୍ରା କରିବ । ଏହି ସମୟରେ, ପାକିସ୍ତାନ ପ୍ରଧାନମନ୍ତ୍ରୀ ଶାହବାଜ ସରିଫ ଦାବି କରିଛନ୍ତି ଯେ, ଆମେରିକା-ଇରାନ ଶାନ୍ତି ଚୁକ୍ତିନାମା ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଚୂଡ଼ାନ୍ତ ହୋଇପାରେ । ମାସ ମାସର ମୁକାବିଲା ଏବଂ ଆଲୋଚନା ପରେ ଏକ କୂଟନୈତିକ ସଫଳତା ନେଇ ଇସଲାମାବାଦ ସୂଚିତ କରିଛି ଯେ, ରବିବାର ଚୁକ୍ତିନାମା ସ୍ୱାକ୍ଷରିତ ହେବାର ଆଶା କରାଯାଉଛି । ଇରାନ ଚୁକ୍ତି ବିଷୟରେ ଏକ ବଡ଼ ଦାବି କରି ଟ୍ରମ୍ପ୍ ଟ୍ରୁଥ୍ ସୋସିଆଲରେ ଲେଖିଛନ୍ତି ଯେ, ଇରାନ ସହିତ ବାରାକ ଓବାମାଙ୍କ ଚୁକ୍ତି, ଜେସିପିଓଏ ପରମାଣୁ ଅସ୍ତ୍ର ପାଇଁ ଏକ ସହଜ, ସୁନ୍ଦର ଏବଂ ସରଳ ପଥ ଥିଲା । ଯଦି ସେହି ଚୁକ୍ତି ବଳବତ୍ତର ରହିଥାନ୍ତା, ତେବେ ଇରାନ ଛଅ ବର୍ଷ ପୂର୍ବରୁ ପରମାଣୁ ଅସ୍ତ୍ର ହାସଲ କରିଥାନ୍ତା ଏବଂ ବର୍ତ୍ତମାନ ସୁଦ୍ଧା ସେଗୁଡ଼ିକୁ ବ୍ୟବହାର କରିଥାନ୍ତା । ଇରାନ ସହିତ ମୋର ଚୁକ୍ତି ଏହାର ସମ୍ପୂର୍ଣ୍ଣ ବିପରୀତ । ଟ୍ରମ୍ପ କହିଛନ୍ତି ଯେ, ଇରାନ ଆଉ ପରମାଣୁ ଅସ୍ତ୍ର ଚାହୁଁନାହିଁ, କିମ୍ବା ସେଗୁଡ଼ିକୁ କ୍ରୟ, ଉତ୍ପାଦନ କିମ୍ବା ଅନ୍ୟ କୌଣସି ଉପାୟରେ ଗ୍ରହଣ କରିବ ନାହିଁ । ସେ ଆହୁରି ମଧ କହିଛନ୍ତି ଯେ, ଏହି ଚୁକ୍ତି ଆଜି ସ୍ୱାକ୍ଷରିତ ହେବାକୁ ଯାଉଛି । ଏହା ସ୍ୱାକ୍ଷରିତ ହେବା ପରେ, ହର୍ମୁଜ୍ ପ୍ରଣାଳୀ ସମସ୍ତଙ୍କ ପାଇଁ ଖୋଲା ରହିବ । ଇରାନ ସହିତ ଆମର ସମ୍ପର୍କ ପୂର୍ବ ସରକାରମାନଙ୍କ ସମୟରେ ଥିବା ସମ୍ପର୍କ ଅପେକ୍ଷା ବହୁତ ଭିନ୍ନ ଏବଂ ଭଲ ହେବ । ଓବାମା ସେମାନଙ୍କୁ ଯେଉଁ କୋଟି କୋଟି ଡଲାର ଦେଇଥିଲେ, ଯେଉଁଥିରେ ୧.୭ ବିଲିୟନ ଡଲାର ନଗଦ ଅନ୍ତର୍ଭୁକ୍ତ ଥିଲା, ତାହା ପରିବର୍ତ୍ତେ ଏବେ କୌଣସି ଆର୍ଥିକ ବିନିମୟ ହେବ ନାହିଁ । ଶାନ୍ତି ଚୁକ୍ତି ପରେ

# ଆଲିୟା ଭଟ୍ଟଙ୍କ ବହୁ ପ୍ରତୀକ୍ଷିତ ଫିଲ୍ମ 'ଆଲ୍‌ଫା' ଟିଜର ରିଲିଜ୍






**ମୁମ୍ବାଇ(ଏଜେନ୍ସି):** ବୁଧବାର ରିଲିଜ୍ ହୋଇଛି ଆଲିୟା ଭଟ୍ଟଙ୍କ ବହୁ ପ୍ରତୀକ୍ଷିତ ଫିଲ୍ମ 'ଆଲ୍‌ଫା'ର ଟିଜର। ୧.୫୫ ମିନିଟ୍‌ର ଟିଜରରେ ଆଲିୟାଙ୍କର ଦମ୍‌ଦାର ଆକ୍ସନ୍ ଦେଖିବାକୁ ମିଳିଛି। ଜଣେ ଯୁବତୀଙ୍କ ଉପରେ ଏହାର କାହାଣୀ ପର୍ଯ୍ୟବେସିତ। ଆଲିୟା ସେହି ଚରିତ୍ରରେ ଅଭିନୟ କରିଛନ୍ତି। ପିଲାଦିନୁ ତାଙ୍କୁ ଏକ ସ୍ୱତନ୍ତ୍ର ଉଦ୍ଦେଶ୍ୟ ପାଇଁ ତାଲିମ ଦିଆଯାଇଛି। ଟିଜରରେ ତାଙ୍କ ବାପା ଭୂମିକାରେ ଥିବା ବବି ଦେଓଲ ତାଙ୍କୁ 'ଆଲଫା' ନାମକ ଏକ ଗୁପ୍ତ କାର୍ଯ୍ୟକ୍ରମ ସହ ପରିଚୟ କରାଉଛନ୍ତି, ଯାହାକୁ ଭାରତର ପରବର୍ତ୍ତୀ ପିଢ଼ିର ସୈନ୍ୟଙ୍କୁ ପ୍ରସ୍ତୁତ କରିବାକୁ ଡିଜାଇନ୍ କରାଯାଇଛି। 'ଆଲଫା'ର ଟିଜର୍ ଦେଖି ଶାହରୁଖ ଆଲିୟାଙ୍କୁ ଖୁବ୍ ପ୍ରଶଂସା କରିଛନ୍ତି। ଏକ୍ସରେ ଲେଖିଛନ୍ତି 'ବହୁତ ଭଲ ଆଲିୟା। ପୂର୍ବରୁ ତୁମେ ହୃଦୟ ଭାଙ୍ଗୁଥିଲ, ଏବେ ହାଡ଼ ଭାଙ୍ଗୁଛ। ତୁମ ପ୍ରତିଭା ଲଗାତାର ବଢୁଛି। ଆଶା କରୁଛି 'ଆଲଫା' ଲୋକଙ୍କ ହୃଦୟ ଜିତିବ ଏବଂ ସିକ୍ୱେଲ ପାଇଁ କିଛି ଖଳନାୟକଙ୍କୁ ମଧ୍ୟ ସଂରକ୍ଷିତ ରଖାଯିବ। ଯାଅ, ସମସ୍ତଙ୍କୁ ଦେଖାଇଦିଅ ସିଗ୍ମା ଗର୍ଲ! ବବି ସାର ଆପଣ ଯେତେବେଳେ ଭିଲେନ୍ ହୁଅନ୍ତି, କମାଲ୍ କରିଦିଅନ୍ତି। ପୂରା ଟିମକୁ ଢେର ଶୁଭକାମନା।' ତେବେ ଫିଲ୍ମଟି ଜୁଲାଇ ୩ରେ ରିଲିଜ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।

# କଙ୍ଗନାଙ୍କ 'ଭାରତ ଭାଗ୍ୟ ବିଧାତା'କୁ ପ୍ରଶଂସା କଲେ ଦିଲ୍ଲୀ ସିଏମ୍, ଫିଲ୍ମକୁ ସହରରେ କଲେ ଟ୍ୟାକ୍ସ ଫ୍ରି




**ନୂଆଦିଲ୍ଲୀ(ଏଜେନ୍ସି):** ଅଭିନେତ୍ରୀ ଏବଂ ସାଂସଦ କଙ୍ଗନା ରାଣାଓ୍ୱତଙ୍କ ଫିଲ୍ମ 'ଭାରତ ଭାଗ୍ୟ ବିଧାତା' ରିଲିଜ୍ ପୂର୍ବରୁ ସକାରାତ୍ମକ ପ୍ରତିକ୍ରିୟା ପାଉଛି। ନିକଟରେ ଏହି ଫିଲ୍ମଟି ଦିଲ୍ଲୀରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପ୍ରଦର୍ଶିତ ହୋଇଥିଲା, ଯେଉଁଥିରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଯୋଗ ଦେଇଥିଲେ। ଫିଲ୍ମଟି ଦ୍ୱାରା ପ୍ରଭାବିତ ହୋଇ ରେଖା ଗୁପ୍ତା ଏହାର କାହାଣୀକୁ ପ୍ରଶଂସା କରିଛନ୍ତି ଏବଂ ଦିଲ୍ଲୀରେ ଏହାକୁ ଟିକସମୁକ୍ତ କରିବାକୁ କହିଛନ୍ତି। ସ୍କ୍ରିନିଂ ପରେ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା କହିଛନ୍ତି, 'ଭାରତ ଭାଗ୍ୟ ବିଧାତା ଏକ ଉତ୍କୃଷ୍ଟ ଫିଲ୍ମ। ଏହା ଏକ ପ୍ରାସଙ୍ଗିକ ବିଷୟ ଉପରେ ଆଧାରିତ। ଏହି ଫିଲ୍ମଟି ଦର୍ଶାଏ ଯେ ସମର୍ପଣ କେବଳ ୟୁନିଫର୍ମ ପିନ୍ଧା ଲୋକଙ୍କ ପାଇଁ ସୀମିତ ନୁହେଁ; ଏହା ଏପରି ଏକ ଜିନିଷ ଯାହା ଆମ ଦେଶର ସମସ୍ତ ନାଗରିକଙ୍କ ଭିତରେ ରହିଥାଏ। ଯେତେବେଳେ ଆବଶ୍ୟକତା ପଡ଼ିଥାଏ, ପ୍ରତ୍ୟେକ ଭାରତୀୟ ଦେଶକୁ ସାହାଯ୍ୟ କରିବା ପାଇଁ ଆଗକୁ ବଢ଼ନ୍ତି। ପ୍ରକୃତ 'ଭାରତ ଭାଗ୍ୟ ବିଧାତା' ଆମ ଦେଶର ନାଗରିକ। ମୁଁ ଲୋକମାନଙ୍କୁ ଏହି ଫିଲ୍ମ ଦେଖିବାକୁ ଅନୁରୋଧ କରିବି। ମୁଁ ଘୋଷଣା କରିବାକୁ ଚାହୁଁଛି ଯେ ଦିଲ୍ଲୀ ସରକାର ଏହି ଫିଲ୍ମକୁ ସହରରେ ଟିକସମୁକ୍ତ କରିବ ଯାହା ଦ୍ୱାରା ପ୍ରତ୍ୟେକ ନାଗରିକ 'ଭାରତ ଭାଗ୍ୟ ବିଧାତା' ଦେଖିପାରିବେ। କଙ୍ଗନାଙ୍କୁ ପ୍ରଶଂସା କରି ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା କହିଛନ୍ତି, 'କଙ୍ଗନା ରାଣାଓ୍ୱତ ସଂସଦରେ ଜଣେ ଦୃଢ଼ ସ୍ୱର ଯିଏ ସିନେମା ଏବଂ ଭାରତର ଲୋକଙ୍କ ଉନ୍ନତି ପାଇଁ ନିରନ୍ତର ଲଢ଼ନ୍ତି। ସେ କେବଳ ସଂସଦରେ ନୁହେଁ ବରଂ ପରଦାରେ ମଧ୍ୟ ନିଜର ମତାମତ ଦିଅନ୍ତି। ଏପରି କାହାଣୀ ଏବଂ ବିଷୟବସ୍ତୁ ବାଛିବା ପାଇଁ ମୁଁ କଙ୍ଗନାଙ୍କୁ ହୃଦୟର ସହିତ ଅଭିନନ୍ଦନ ଜଣାଉଛି।' ଏଥିସହିତ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଡ ରେ ସ୍କ୍ରିନିଂର ଫଟୋ ମଧ୍ୟ ସେୟାର କରିଛନ୍ତି। ସେ ଲେଖିଛନ୍ତି, 'ଅଭିନେତ୍ରୀ ଏବଂ ସାଂସଦ କଙ୍ଗନା ରାଣାଓ୍ୱତଙ୍କ ଫିଲ୍ମ 'ଭାରତ ଭାଗ୍ୟ ବିଧାତା' ୨୬/୧୧ ଆତଙ୍କବାଦୀ ଆକ୍ରମଣ ସମୟରେ ନିଜକୁ ଉତ୍ସର୍ଗ କରିଥିବା ସାହସୀ ଡାକ୍ତର ଏବଂ ନର୍ସଙ୍କ ସାହସକୁ ଚିତ୍ରଣ କରିଛି। କଙ୍ଗନାଙ୍କ ଶକ୍ତିଶାଳୀ ଅଭିନୟ ପ୍ରଭାବଶାଳୀ ଭାବରେ ଫିଲ୍ମର ବାର୍ତ୍ତା ପ୍ରଦାନ କରେ। ଏପରି ଫିଲ୍ମ ସମାଜରେ ସେବା, କରୁଣା ଏବଂ କର୍ତ୍ତବ୍ୟର ମୂଲ୍ୟବୋଧକୁ ସୁଦୃଢ଼ କରିଥାଏ। ସମଗ୍ର ଟିମ୍ ପାଇଁ ହୃଦୟର ଶୁଭେଚ୍ଛା।'

# ବକ୍ସ ଅଫିସ୍‌ରେ ମନ୍ଥର ପଡ଼ିଲା 'ହୈ ଜୱାନି ତୋ ଇସ୍କ ହୋନା ହୈ'



**ମୁମ୍ବାଇ(ଏଜେନ୍ସି):** ବହୁ ପ୍ରତୀକ୍ଷିତ ହିନ୍ଦୀ ଚଳଚ୍ଚିତ୍ର 'ହୈ ଜୱାନି ତୋ ଇସ୍କ ହୋନା ହୈ' ମୁକ୍ତିଲାଭ ପରେ ପ୍ରେକ୍ଷାଳୟରେ ଦର୍ଶକଙ୍କ ଭଲ ସମର୍ଥନ ପାଇଥିଲା। କିନ୍ତୁ ସିନେମାର ବକ୍ସ ଅଫିସ୍ ଯାତ୍ରା ଏବେ କିଛିଟା ମନ୍ଥର ହୋଇଥିବା ଦେଖାଯାଇଛି। ମୁକ୍ତିଲାଭର ପ୍ରଥମ ତିନି ଦିନରେ ଆଶାଜନକ ବ୍ୟବସାୟ କରିଥିବା ଏହି ଚଳଚ୍ଚିତ୍ରର ଆୟ ସପ୍ତାହର ମଝିଭାଗରେ କ୍ରମଶଃ ହ୍ରାସ ପାଇବାରେ ଲାଗିଛି। ବ୍ୟବସାୟିକ ରିପୋର୍ଟ ଅନୁସାରେ, ଚଳଚ୍ଚିତ୍ରଟି ମୁକ୍ତିଲାଭର ଷଷ୍ଠ ଦିନରେ ପ୍ରାୟ ୨.୮ କୋଟି ଟଙ୍କା ଆୟ କରିଛି। ଏହା ସହିତ ଦେଶରେ ଏହାର ମୋଟ ନିଟ୍ ଆୟ ୩୪ କୋଟି ଟଙ୍କାରୁ ଅଧିକରେ ପହଞ୍ଚିଛି। ପ୍ରଥମ ଦିନରେ ଭଲ ଆରମ୍ଭ କରିଥିବା ଏହି ସିନେମା ଶନିବାର ଓ ରବିବାର ଦିନ ଅଧିକ ଦର୍ଶକ ଆକର୍ଷଣ କରିଥିଲା। ତେବେ ସୋମବାରଠାରୁ ଦର୍ଶକ ସଂଖ୍ୟା କମିବା ସହ ଆୟରେ ମଧ୍ୟ ହ୍ରାସ ଦେଖାଦେଇଛି। ଅନ୍ୟପକ୍ଷରେ ଦେଖିବାକୁ ଗଲେ ବିଶ୍ୱସ୍ତରରେ ଚଳଚ୍ଚିତ୍ରଟି ୫୦ କୋଟି ଟଙ୍କାରୁ ଅଧିକ ବ୍ୟବସାୟ କରିବାରେ ସଫଳ ହୋଇଛି। ବିଦେଶରେ ଏହାକୁ ଅପେକ୍ଷାକୃତ ଭଲ ପ୍ରତିକ୍ରିୟା ମିଳୁଥିବା ବେଳେ ଦେଶୀୟ ବଜାରରେ ଅନ୍ୟ ଚଳଚ୍ଚିତ୍ରଗୁଡ଼ିକର ପ୍ରତିଯୋଗିତା ଏହାର ଆୟ ଉପରେ ପ୍ରଭାବ ପକାଇଛି। ରୋମାଞ୍ଚ, ହାସ୍ୟ ଓ ପାରିବାରିକ ମନୋରଞ୍ଜନକୁ ନେଇ ନିର୍ମିତ ଏହି ଚଳଚ୍ଚିତ୍ରକୁ ଦର୍ଶକଙ୍କ ଠାରୁ ମିଶ୍ରିତ ପ୍ରତିକ୍ରିୟା ମିଳିଛି। କେତେକ ଦର୍ଶକ ଏହାର ହାସ୍ୟରସ ଓ ଅଭିନୟକୁ ପସନ୍ଦ କରିଥିବା ବେଳେ ଅନ୍ୟ କେତେକ କାହାଣୀକୁ ସାଧାରଣ ବୋଲି ମତ ଦେଇଛନ୍ତି। ଏବେ ନଜର ରହିଛି ଆଗାମୀ ସପ୍ତାହାନ୍ତ ଉପରେ। ଯଦି ଛୁଟିଦିନରେ ଦର୍ଶକଙ୍କ ସମର୍ଥନ ବଢ଼େ, ତେବେ ଚଳଚ୍ଚିତ୍ରଟି ପୁଣିଥରେ ବକ୍ସ ଅଫିସ୍ରେ ନିଜର ପୁରୁଣା ଗତି ଫେରାଇ ଆଣିପାରିବ ବୋଲି ସିନେ ବିଶ୍ଳେଷକମାନେ ଆଶା ପ୍ରକାଶ କରିଛନ୍ତି।

## 'ୱେଲକମ ଟୁ ଦ ଜଙ୍ଗଲ'ର ଟ୍ରେଲର ରିଲିଜ: ଜୋରଦାର କମେଡି ସହ ଆକ୍ସନ ଓ ରୋମାନ୍ସର ଝଲକ

**ମୁମ୍ବାଇ(ଏଜେନ୍ସି):** ଆକ୍ସନ, ରୋମାନ୍ସ, ଡ୍ରାମା ଓ ସସପେନ୍ସରେ ଭରପୂର ବଲିଉଡର ବଡ଼ ବଡ଼ ଷ୍ଟାରଙ୍କ ନେଇ କମେଡି ଓ ଆକ୍ସନ ଭରା 'ୱେଲକମ୍' ଫ୍ରାଞ୍ଚାଇଜିର ଫିଲ୍ମ 'ୱେଲକମ ଟୁ ଦ ଜଙ୍ଗଲ'ର ଟ୍ରେଲର ଶେଷରେ ରିଲିଜ ହୋଇ ଯାଇଛି। ଯେମିତି ଆଶା କରାଯାଉ ଥିଲା, ଟ୍ରେଲର ସେହିପରି ସଂପୂର୍ଣ୍ଣ ଫିଟ୍ ନଜର ଆସୁଛି। ଟ୍ରେଲରରେ କେତେକ ସ୍ଥାନରେ ଅକ୍ଷୟ କୁମାର ଓ ସୁନିଲ ସେଟ୍ଟୀଙ୍କ ମଧ୍ୟରେ 'ହେରା ଫେରି' ଭଳି ସିନ ମଧ୍ୟ ମନେପକାଇ ଦେବାର ନଜର ଆସୁଛି। 'ୱେଲକମ ଟୁ ଦ ଜଙ୍ଗଲ'ର ଟ୍ରେଲର ଲଞ୍ଚ ପାଇଁ ୱାଇଆରଏଫ ଷ୍ଟୁଡିଓ ପକ୍ଷରୁ ଭବ୍ୟ ଇଭେଣ୍ଟ ଲଞ୍ଚ କରାଯାଇ ଥିଲା, ଯେଉଁଠି ଷ୍ଟାରଙ୍କ ବଡ଼ ମଜାମସ୍ତି ମଧ୍ୟ ଦେଖିବାକୁ ମିଳୁଛି। ଟ୍ରେଲରରେ ଖୁବ୍ ଖୁସି ମଜା ସହ ନନ୍-ଷ୍ଟପ୍ ଏଣ୍ଟରଟେନମେଣ୍ଟ ସହ ଫୁଲ ଫ୍ୟାମିଲି ଏଣ୍ଟରଟେନମେଣ୍ଟ ମଧ୍ୟ ଅଛି। ପାଖାପାଖି ୪ ମିନିଟ୍ ୧୦ ସେକେଣ୍ଡର ଏହି ଟ୍ରେଲରରେ କମେଡି, ରୋମାଞ୍ଚ, ମସ୍ତି, ଡ୍ରାମା ଭଳି ଜିନିଷ ଦର୍ଶକଙ୍କୁ ହସର ଖୋରାକ ଯୋଗାଇବାରେ ଯଥେଷ୍ଟ। ଏହି ଟ୍ରେଲରରେ ଫିଲ୍ମର ପ୍ରତି ଚରିତ୍ରକୁ ଚମକିବା ଭଳି ସୁଯୋଗ ଦିଆ ଯାଇଛି, ଯେଉଁଥିରେ ଅକ୍ଷୟଙ୍କ ଠାରୁ ନେଇ ପରେଶ ରାୱଲ, ରାଜପାଲ ଯାଦବ, ରବୀନା ଟଣ୍ଡନ, ସୁନୀଲ ସେଟ୍ଟୀ, ଲାରା ଦତ୍ତା, ଫରିଦା ଜଲାଲ, ଜ୍ୟାକି ଶ୍ରଫଙ୍କ ଭଳି କଳାକାରଙ୍କର ମଜାଦାର ଝଲକ ଦେଖିବାକୁ ମିଳିବ। ଟ୍ରେଲରର ଆରମ୍ଭରେ ଲେଖା ନଜର ଆସୁଛି, ଭାରତର ପ୍ରଥମ ୨୦୦୦ କୋଟି ଫେକ୍ ଫିଲ୍ମ। ଆରମ୍ଭ ହେଉଛି ମଜାଦାର ଏବଂ ଫନି ଷ୍ଟେଟମେଣ୍ଟରୁ ହେଉଛି, ଯେବେ ଜ୍ୟାକଲିନ ପଚାରୁଛନ୍ତି –ତୁମର ଟାଇଟଲ କଣ ? ପରେଶ ରାୱଲ କହୁଛନ୍ତି – ଏକ ଜବରଦସ୍ତ କାହାଣୀ ଅଛି – ୱେଲକମ୍ ଟୁ ଜଙ୍ଗଲ। ଏହାପରେ ଫିଲ୍ମର ସମସ୍ତ ଚରିତ୍ରଙ୍କ ସହ ପରିଚୟ କରାଯାଉଛି, ଯାହା ଖୁବ୍ ଫନି ଓ ମଜାଦାର। ଏହାପରେ ପରେଶ ରାୱଲ ଟିମକୁ ବୁଝାଉଛନ୍ତି ଯେ, ଆମର ଫିଲ୍ମ ଆର୍ମି ଭଳି। ପୂରା କାହାଣୀଟି ଏକ ଟ୍ରିକ୍ ଚାରିପଟେ ଘୁରି ବୁଲୁଛି। ପୂରା ଟ୍ରେଲର ଜବରଦସ୍ତ ନଜର ଆସୁଛି, ଯେଉଁଥିରେ ଭରପୂର କମେଡି ରହିଛି।

## ଏ ସପ୍ତାହର ଭାଗ୍ୟବିଚାର

**ମେଷ:** ସୋମବାର: ଜୀବନସାଥୀଙ୍କର ପ୍ରେମ ଓ ସୁଖ ପାଇବେ। ମଙ୍ଗଳ, ବୁଧ ଓ ଗୁରୁବାର: ବ୍ୟବସାୟୀଙ୍କ ଲାଗି ସମୟ ଉତ୍ତମ। ଶୁକ୍ର ଓ ଶନିବାର: ଶିକ୍ଷକଙ୍କର ସହଯୋଗ ପାଇବେ। ରବିବାର ପାରିବାରିକ ସୁଖ ମିଳିବ।

**ବୃଷ:** ସୋମବାର: ପୂର୍ବରୁ କରି ଆସୁଥିବା କାମରେ ଲାଭ ପାଇବେ। ମଙ୍ଗଳ, ବୁଧ ଓ ଗୁରୁବାର: ବ୍ୟବସାୟ ଉପରେ ବିରୋଧୀଙ୍କର ନଜର ରହିବ। ଶୁକ୍ର ଓ ଶନିବାର: ଘରର ପରିବେଶ ଭଲ ରହିବ। ରବିବାର: ଲାଭବାନ ହେବେ।

**ମିଥୁନ:** ସେମାବାର: ମହତ୍ତ୍ୱପୂର୍ଣ୍ଣ ଲୋକଙ୍କ ସାକ୍ଷାତ ହେବ। ମଙ୍ଗଳ, ବୁଧ ଓ ଗୁରୁବାର: କିଛି ନୂଆ କରି ଦେଖାଇବାର ଇଚ୍ଛା ଜାଗିବ। ଶୁକ୍ର ଓ ଶନିବାର: ଆର୍ଥିକ ମାମଲାରେ ହଇରାଣ ହୋଇପାରନ୍ତି। ରବିବାର:ଦୀର୍ଘ ଦିନ ଧରି ଅପେକ୍ଷା କରିଥିବା ବନ୍ଧୁଙ୍କ ସାକ୍ଷାତ ମିଳିବ।

**କର୍କଟ:** ସୋମବାର: ଜୀବନସାଥୀଙ୍କୁ ମନ ଓ ହୃଦୟର କଥା କହିବେ। ମଙ୍ଗଳ, ବୁଧ ଓ ଗୁରୁବାର: ଅଧୁରା ଥିବା କାମ ସଂପୂର୍ଣ୍ଣ ହେବ। ଶୁକ୍ର ଓ ଶନିବାର: ବ୍ୟବସାୟରେ ବିକ୍ରୀ ବଢ଼ିବ। ରବିବାର: ମନବାଞ୍ଛା ପୂର୍ଣ୍ଣ ହେବ।

**ସିଂହ:** ସୋମବାର: ନୂଆ କାମର ସୁଯୋଗ ଲାଗି ପ୍ରସ୍ତୁତ ରହିବେ। ମଙ୍ଗଳ, ବୁଧ ଓ ଗୁରୁବାର: ମନ ଆଧ୍ୟାତ୍ମିକ ଦିଗରେ ଲାଗି ରହିବ। ଶୁକ୍ର ଓ ଶନିବାର: କିଛିନା କିଛି ଇଚ୍ଛା ପୂରା ହେବ। ରବିବାର: ନୂତନ କାର୍ଯ୍ୟରେ ଯୋଗଦେବେ।

**କନ୍ୟା:** ସୋମବାର: କାର୍ଯ୍ୟକ୍ଷେତ୍ର ବୃଦ୍ଧି ଲାଗି ନୂଆ ଅବସର ପାଇବେ। ମଙ୍ଗଳ, ବୁଧ ଓ ଗୁରୁବାର: ପୂର୍ବ କଥାକୁ ନେଇ ଚିନ୍ତିତ ରହିବେ। ଶୁକ୍ର ଓ ଶନିବାର: ପ୍ରେମ ପ୍ରସଙ୍ଗରେ ସବୁ କିଛି ଭଲ ହେବ। ରବିବାର: କର୍ମକ୍ଷେତ୍ରକୁ ନେଇ ଚିନ୍ତିତ ରହିବେ।

**ତୁଳା:** ସୋମବାର: ସ୍ୱାସ୍ଥ୍ୟ ପ୍ରତି ସଚେତନ ରୁହନ୍ତୁ। ମଙ୍ଗଳ, ବୁଧ ଓ ଗୁରୁବାର: ବେକାରଙ୍କୁ ରୋଜଗାର ମିଳିବ। ଶୁକ୍ର ଓ ଶନିବାର: ବିଶେଷ କାମରେ ବାଧା ଉପୁଜିପାରେ। ରବିବାର: ହଠାତ୍ ଅସୁସ୍ଥ ଅନୁଭବ କରିବେ।

**ବିଛା:** ସୋମବାର: ବ୍ୟବସାୟରେ ସବୁ ଭଲ ହେବ। ମଙ୍ଗଳ, ବୁଧ ଓ ଗୁରୁବାର: ଅଫିସ୍ରେ ଆପଣଙ୍କ କାମର ପ୍ରଶଂସା ହେବ। ଶୁକ୍ର ଓ ଶନିବାର: ଜୀବନସାଥୀଙ୍କ ସହିତ ସମ୍ବନ୍ଧ ମଧୁର ହେବ। ରବିବାର: ବ୍ୟବସାୟରେ ଲାଭବାନ ହେବେ।

**ଧନୁ:** ସୋମବାର: କୌଣସି କାମରେ ଅଧିକ ସମୟ ବ୍ୟୟ ହେବ। ମଙ୍ଗଳ, ବୁଧ ଓ ଗୁରୁବାର: ନୂଆ ଲୋକଙ୍କ ସହିତ ସଂପର୍କ ହେବ। ଶୁକ୍ର ଓ ଶନିବାର: କ୍ୟାରିୟରରେ ନୂଆ କୀର୍ତ୍ତିମାନ ସ୍ଥାପିତ କରିବେ। ରବିବାର: ଅଯଥାରେ ସମୟ ଅତିବାହିତ ହେବ।

**ମକର:** ସୋମବାର: ବନ୍ଧୁ ତାଲିକାରେ ଭଲ ଲୋକ ଯୋଡ଼ିବେ। ମଙ୍ଗଳ, ବୁଧ ଓ ଗୁରୁବାର: ଉପାର୍ଜନ ଲାଗି ସୁଯୋଗ ପାଇବେ। ଶୁକ୍ର ଓ ଶନିବାର: କାରବାରରେ ସଫଳତା ପାଇବେ। ରବିବାର: କୌଣସି ବନ୍ଧୁ ସହଯୋଗର ହାତ ବଢ଼ାଇବେ।

**କୁମ୍ଭ:** ସୋମବାର: ସାମାଜିକ କାର୍ଯ୍ୟରେ ସମୟ ଦେବେ। ମଙ୍ଗଳ, ବୁଧ ଓ ଗୁରୁବାର: ଜୀବନକୁ ଉତ୍କୃଷ୍ଟ କରିବା ଲାଗି ସୁଯୋଗ ପାଇବେ। ଶୁକ୍ର ଓ ଶନିବାର: ନୂଆ କାର୍ଯ୍ୟରେ ରୁଚି ବଢ଼ିବ। ରବିବାର: ଧର୍ମାନୁଷ୍ଠାନ କାର୍ଯ୍ୟରେ ସମୟ କଟିବ।

**ମୀନ:** ସୋମବାର: ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆସିବ। ମଙ୍ଗଳ, ବୁଧ ଓ ଗୁରୁବାର: ଅଫିସ୍ରେ ଅଧିକ ପରିଶ୍ରମ କରି ଅବଶିଷ୍ଟ କାମ ପୂରା କରିବେ। ଶୁକ୍ର ଓ ଶନିବାର: ଆୟ ବୃଦ୍ଧି ହେବ। ରବିବାର: ଦୀର୍ଘ ଦିନ ଧରି ଆଶା କରିଥିବା ଫଳ ପ୍ରାପ୍ତି ହୋଇପାରେ।

## ବିସ୍କୁଟ ବି ହୋଇପାରେ ସ୍ୱାସ୍ଥ୍ୟ ପାଇଁ ହାନିକାରକ !

ଅନେକ ଲୋକ ବିସ୍କୁଟ ବିନା ଚା ପିଇବାକୁ ପସନ୍ଦ କରନ୍ତି ନାହିଁ। ସେମାନେ ପ୍ରତିଦିନ ଚିନ୍ତା ନକରି ଚା ସହିତ ବିସ୍କୁଟ ଖାଆନ୍ତି। ସେମାନେ ଭାବନ୍ତି ଯେ ବିସ୍କୁଟ ସ୍ୱାସ୍ଥ୍ୟକର ଏବଂ ଯେକୌଣସି ପରିମାଣରେ ସେବନ କରାଯାଇପାରିବ। ବିଶେଷଜ୍ଞମାନେ କୁହନ୍ତି ଯେ ବିସ୍କୁଟର ଅତ୍ୟଧିକ ସେବନ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇପାରେ, କାରଣ ବିସ୍କୁଟ ଏକ ପ୍ରକାରର ଜଙ୍କଫୁଡ୍। ଏଥିରେ ପୁଷ୍ଟିସାର ବହୁତ କମ୍ ଥାଏ ଏବଂ ରିଫାଇନ୍ ମଇଦା ବ୍ୟବହାର କରି ତିଆରି କରାଯାଏ। ତେଣୁ, ଏହା ଅନେକ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିପାରେ। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ପ୍ରତିଦିନ ବିସ୍କୁଟ ଖାଇବା ଦ୍ୱାରା ଏହା ଅନ୍ତନଳୀରେ ଲାଗି ରହିପାରେ ଏବଂ ପାଚନକ୍ରିୟାକୁ ବାଧା ଦେଇଥାଏ, ଯାହା ଫଳରେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୁଏ। କାରଣ ପ୍ୟାକେଜ୍ ହୋଇଥିବା ବିସ୍କୁଟରେ ଚିନି, ରିଫାଇନ୍ ମଇଦା, ଟ୍ରାନ୍ସ ଫ୍ୟାଟ୍ ଏବଂ ସୋଡିୟମ୍ ଅଧିକ ଥାଏ।

ବିସ୍କୁଟ ଖାଇବା ଦ୍ୱାରା ହେଉଥିବା ରୋଗ :

ମୋଟାପଣ – ବିସ୍କୁଟରେ ଅଧିକ କ୍ୟାଲୋରୀ, ଚିନି ଏବଂ ଚର୍ବି ଥାଏ, ଯାହା ଦ୍ରୁତ ଓଜନ ବୃଦ୍ଧି କରିପାରେ।

ମଧୁମେହ – ବିସ୍କୁଟ ଖାଇବା ଦ୍ୱାରା ମଧୁମେହ ହେବାର ଆଶଙ୍କା ବଢ଼ିଥାଏ। ଅଧିକ ଚିନି ପରିମାଣ ରକ୍ତ ଶର୍କରା ସ୍ତରକୁ ପ୍ରଭାବିତ କରିଥାଏ।

ପାଚନ ସମସ୍ୟା – ବିସ୍କୁଟରେ ବ୍ୟବହୃତ ରିଫାଇନ୍ ମଇଦା ଏବଂ ଫାଇବରର ଅଭାବ ଥାଏ। ଏହା ଗ୍ୟାସ୍, କୋଷ୍ଠକାଠିନ୍ୟ, ଏସିଡିଟି ଏବଂ ପେଟ ଫୁଲିବାର କାରଣ ହୋଇପାରେ।

ହୃଦରୋଗ – ପ୍ରତିଦିନ ବିସ୍କୁଟ ଖାଇବା ଦ୍ୱାରା ଟ୍ରାନ୍ସ ଫ୍ୟାଟ୍ ଏବଂ ସୋଡିୟମ୍ ହେତୁ କୋଲେଷ୍ଟ୍ରଲ୍ ବୃଦ୍ଧି ପାଏ, ଯାହା ହୃଦରୋଗର ଆଶଙ୍କା ବୃଦ୍ଧି ପାଏ।

ଉଚ୍ଚ ରକ୍ତଚାପ – ବିସ୍କୁଟରେ ଅଧିକ ପରିମାଣରେ ସୋଡିୟମ୍ ଥାଏ। ଏହା ରକ୍ତଚାପ ବୃଦ୍ଧି କରିପାରେ, ଏକ ନୀରବ ଘାତକ।

ଅନ୍ତନଳୀ ଲାଗି ରହିବା – ରିଫାଇନ୍ ମଇଦା ଅନ୍ତନଳୀ ପାଇଁ ଭଲ ନୁହେଁ ଏବଂ ପେଟ ଖରାପ ହୋଇପାରେ।

### ମା'ରାଣ ଦେହକୁ ନେବେନି...



କ୍ୟାପିଟାଲେ ଫ୍ଲାଟ-କେତେ ଯେ ପ୍ଲଅଟ
ପୁଣି ପୁଳାପୁଳା ସୁନା...
ନିଜଘର ଖାଲି ଲକରରେ ଦୁଇ
କୋଟି ବାନ୍ଧିଥିଲେ ଅନା...
ଜେଇ ବାବୁଙ୍କର ଖାନା...
ଏଇଥିରୁ ଭାବ ଉପର ବାଲାଏ
କେତେ ଖାଉଥେବେ ଦାନା...

– ସମ୍ବିତ ସେନାପତି

## ବୋଉର ରୋଷେଇ ଘର

# କଢାଇ ପନିର କ୍ୟାପସିକମ୍ ମସଲା



**ଆବଶ୍ୟକୀୟ ସାମଗ୍ରୀ:**

ପନିର - ୨୦୦ ଗ୍ରାମ ଖଣ୍ଡ ଖଣ୍ଡ କରି କଟା, ପିଆଜ - ୨ଟି ବଡ଼ କଟା, କ୍ୟାପସିକମ୍ - ୧ ଖଣ୍ଡ ଖଣ୍ଡ କଟା, ସବୁଜ ଲଙ୍କା - ୨ଟି କଟା, ଟମାଟୋ - ୨ଟି ମଧ୍ୟମ ଆକାରର କଟା, ଅଦା ରସୁଣ ପେଷ୍ଟ - ୧ ଚାମଚ, ଜୀରା - ୧ ଚାମଚ, ଲଙ୍କା ପାଉଡର - ୧ ଚାମଚ, ହଳଦୀ ପାଉଡର - ୧ ଚାମଚ, ଧନିଆ ପାଉଡର - ୧ ଚାମଚ, ଜୀରା ପାଉଡର - ୧ ଚାମଚ, ଗରମ ମସଲା ପାଉଡର - ୧/୨ ଚାମଚ

**ପ୍ରସ୍ତୁତି ପ୍ରଣାଳୀ:**

ଏକ କଡ଼ାଇରେ ତେଲ ଗରମ କରନ୍ତୁ। ସେଥିରେ ଜିରା ପକାନ୍ତୁ। ଯେତେବେଳେ ଏହା କଡ଼ା ହେବା ଆରମ୍ଭ କରେ ସେତେବେଳେ ପିଆଜ ପକାନ୍ତୁ ଏବଂ ହାଲୁକା ସୁନେଲି ବାଦାମୀ ହେବା ପର୍ଯ୍ୟନ୍ତ ଭାଜନ୍ତୁ। ତା'ପରେ ଅଦା ରସୁଣ ପେଷ୍ଟ ପକାଇ ୩-୪ ମିନିଟ୍ ପାଇଁ ଭାଜନ୍ତୁ। ଏବେ ଟମାଟୋ, ଲୁଣ ପକାଇ ଭଲ ଭାବରେ ମିଶାନ୍ତୁ। ଏହାକୁ ଘୋଡାଇ ୧୦ ମିନିଟ୍ ପାଇଁ ସିଝାନ୍ତୁ ଯେ ପର୍ଯ୍ୟନ୍ତ ତେଲ ମସଲାରୁ ଅଲଗା ନହୁଏ। ଏବେ ଲଙ୍କା ପାଉଡର, ହଳଦୀ ପାଉଡର, ଧନିଆ ପାଉଡର, ଜୀରା ପାଉଡର ଓ ଗରମ ମସଲା ପକାଇ ଭଲ ଭାବରେ ମିଶାନ୍ତୁ। ତା'ପରେ କ୍ୟାପସିକମ୍, କଞ୍ଚା ଲଙ୍କା ଏବଂ ପନିର ପକାଇ ଭଲ ଭାବରେ ମିଶାନ୍ତୁ। କିଛି ପାଣି ଢାଳି ୫ ମିନିଟ୍ ପାଇଁ ସିଝାନ୍ତୁ। ଏବେ କ୍ଷୀର କିମ୍ବା କ୍ରିମ୍ ପକାଇ ଭଲ ଭାବରେ ମିଶାନ୍ତୁ। ଏହାକୁ ୩-୪ ମିନିଟ୍ ପାଇଁ ସିଝାନ୍ତୁ ଏବଂ ଆଞ୍ଚ ବନ୍ଦ କରନ୍ତୁ। ଏବେ କଢାଇ ପନିର କ୍ୟାପସିକମ୍ ମସଲା ଖାଇବା ପାଇଁ ହୋଇଗଲା ପ୍ରସ୍ତୁତ। ଏହାକୁ ଭାତ, ରୁଟି, ପରଟା କିମ୍ବା ପୁରୀ ସହ ଖାଇହେବ।

**ନିଷ୍କର୍ଷର ପ୍ରତି ସଂଖ୍ୟାରେ ପ୍ରକାଶ ପାଉଛି ବୋଉର ରୋଷେଇ ଘର। ଏହି ସ୍ତମ୍ଭରେ ଆପଣମାନଙ୍କ ଭଳି ମା' ଭଉଣୀମାନେ ବିଭିନ୍ନ ସୁସ୍ୱାଦୁ ରୋଷେଇ ସମ୍ପର୍କରେ ସବିଶେଷ ତଥ୍ୟ ଦେଇ ଆମ୍ଭ ପାଖକୁ ପଠାଇଥାନ୍ତି ବିଭିନ୍ନ ପ୍ରକାର ବ୍ୟଞ୍ଜନର ପ୍ରସ୍ତୁତି ପଦ୍ଧତି। ଆପଣ ବି ପଠାଇ ପାରିବେ ଆମ୍ଭ ଠିକଣାରେ।**




# ଓମାନରୁ ଗୁଜରାଟ ଯାଏଁ ଗ୍ୟାସ୍ ପାଇପଲାଇନ୍ ବିଛାହେବ

**ନୂଆଦିଲ୍ଲୀ (ଏଜେନ୍ସି):** ମଧ୍ୟ ଏସିଆରେ ଉତ୍ତେଜନା ଭିତରେ ସୃଷ୍ଟି ହୋଇଛି ଶକ୍ତି ସଙ୍କଟ । ବିଶେଷ ଭାବରେ ଭାରତ ଭଳି ଦେଶ, ଯାହାକି ମିଡିଲ ଇଷ୍ଟରୁ ସପ୍ଲାଇ ବନ୍ଦ ହେବାପରେ ସର୍ବାଧିକ ପ୍ରଭାବିତ ହୋଇଛି । ଏଭଳି ସ୍ଥିତିରେ ଭାରତ ଦ୍ରୁତ ଗତିରେ ନିଜର ଏନର୍ଜି ସପ୍ଲାଇକୁ ବଢାଇବା ଆରମ୍ଭ କରିଛି । ଭାରତ ଏବେ ଓମାନରୁ ଗୁଜରାଟ ଭିତର ଦେଇ ଲମ୍ବା ପାଇପଲାଇନ୍ ବିଛାଇବାର ପ୍ରୋଜେକ୍ଟ ଘୋଷଣା କରିଛି । ଏହା ଆରବ ସାଗର ପାର କରି ପ୍ରାୟ ୨୦୦୦ କିଲୋମିଟର ଲମ୍ବା ଏକ ଗଭୀର ସମୁଦ୍ରରେ ବିଛା ଯାଉଥିବା ଗ୍ୟାସ ପାଇପଲାଇନ୍ । ଏହା ଓମାନ ଓ ଗୁଜରାଟକୁ ଯୋଡୁଥିବା ଲମ୍ବା ସମୟର ଚର୍ଚ୍ଚିତ ଯୋଜନା, କାରଣ ଭାରତ ଦ୍ରୁତ ଗତିରେ ଅନିଶ୍ଚିତ ଭୂ-ରାଜନୈତିକ ବିବାଦ ଭିତରେ ଅଧିକ ବିଶ୍ୱାସନୀୟ ଶକ୍ତି ଯୋଗାଣକୁ ସୁନିଶ୍ଚିତ କରିବାର ଚେଷ୍ଟା କରୁଛି । ଗତ ତିନି ଦଶକ ହେବ ଏହି ପ୍ରୋଜେକ୍ଟର ବହୁବାର ସମୀକ୍ଷା କରାଯାଇଛି, କିନ୍ତୁ ଅଧିକ ଖର୍ଚ୍ଚ, ଯାନ୍ତ୍ରିକ ସମସ୍ୟା ଓ ବ୍ୟବସାୟିକ ଅସୁବିଧା କାରଣରୁ ଏହି ଯୋଜନା ଆଗକୁ ବଢିପାରିନି । ଏବେ ଏହି ପ୍ରସ୍ତାବକୁ ସପୋର୍ଟ କରୁଥିବା ପ୍ରାଇଭେଟ୍ ଗ୍ରୁପ୍ ଝଇଏର ଦ୍ୱାରା ମାର୍ଗ ଓ ଏହାର ଇଞ୍ଜିନିୟରିଂ ଚ୍ୟାଲେଞ୍ଜକୁ ଭାଲ୍ୟୁଏସନ୍ କରିବା ପାଇଁ ସମୁଦ୍ର ତଳେ ସର୍ଭେ ସହ ଟେକ୍ନୋଜି ଓ ଆର୍ଥିକ ଅଧ୍ୟୟନ ପୁରା କରିବା ପରେ ଏହି ପ୍ରକଳ୍ପକୁ ନୂଆ ଗତି ମିଳିଛି ।ଅନୁମାନ କରାଯାଉଛି ଯେ, ଏହି ପ୍ରୋଜେକ୍ଟ ଅନୁସାରେ ପ୍ରାୟ ୪୦ ହଜାର କୋଟି ଟଙ୍କା ଖର୍ଚ୍ଚ ହେବ । ଏହା ଓମାନ-ଗୁଜରାଟ ଡିପ୍-ସି ଗ୍ୟାସ୍ ପାଇପଲାଇନ୍, ଏପର୍ଯ୍ୟନ୍ତ ସବୁଠାରୁ ଗଭୀର ସମୁଦ୍ର ମାର୍ଗ ଭିତରୁ ଗୋଟିଏ ହେବ । ଏହା ନାଚୁରାଲ ଗ୍ୟାସ ସପ୍ଲାଇ ଲଗାତାର ଜାରି ରଖି । ଯଦି ଏହି ପାଇପଲାଇନ୍ ତିଆରି ହୁଏ, ତେବେ ଏହାଦ୍ୱାରା ଉପସାଗରୀୟ ଦେଶ ଓ ଭାରତ ଭିତରେ ଏକ ସିଧା ପାଓ୍ୱାର କରିଡର ସ୍ଥାପିତ ହୋଇପାରିବ । ଯାହାଦ୍ୱାରା ଦେଶକୁ ହର୍ମୁଜ ପ୍ରଣାଳୀ ଦେଇ ଯାଉଥିବା ସମୁଦ୍ର ମାର୍ଗ ଉପରେ ନିର୍ଭରତା କମ୍ ହୋଇଯିବ । ଭାରତ ଆମଦାନୀ କରୁଥିବା ଶକ୍ତି ସଙ୍କଟ ବହୁଦୂର ପର୍ଯ୍ୟନ୍ତ ହ୍ରାସ ପାିବ । ଦେଶ ନିଜର ଅଧିକାଂଶ ଅଶୋଧିତ ତୈଳର ଆବଶ୍ୟକତାକୁ ଆମଦାନୀ କରିଥାଏ । ପ୍ରାକୃତିକ ଗ୍ୟାସ, ବିଶେଷ ଭାବରେ ଏଲଏନ୍‌ଜିର ବିଦେଶୀ ଯୋଗାଣ ଉପରେ ବହୁ ଦୂର ପର୍ଯ୍ୟନ୍ତ ନିର୍ଭର କରିବାକୁ ପଡିଥାଏ । ଏହି ଆମଦାନୀର ଏକ ବଡ ଅଂଶ ଉପସାଗରୀୟ ଦେଶରୁ ଆସିଥାଏ । ଆରବ ଦେଶକୁ ଯୋଡୁଥିବା ହର୍ମୁଜ ମାଧ୍ୟମରେ ଭାରତରେ ପହଁଞ୍ଚିଥାଏ । ଏହି ମାର୍ଗରେ କୌଣସି ପ୍ରକାର ବାଧା ଗ୍ଲୋବାଲ ମାର୍କେଟ ଉପରେ ପ୍ରଭାବ ପକାଇଥାଏ । ଏହାଦ୍ୱାରା ସିପିଂ ଖର୍ଚ୍ଚ, ଇନ୍ଧନର ଦାମ୍ ଓ ଯୋଗାଣ ଚେନ୍ ପ୍ରଭାବିତ ହୋଇପାରେ । ପ୍ରସ୍ତାବିତ ପ୍ରୋଜେକ୍ଟ, ଆରବ ସାଗରରେ ବ୍ୟାପିଥିବା ପାଣି ତଳେ ଥିବା ନେଟଓ୍ୱର୍କ ମାଧ୍ୟମରେ ଓମାନରୁ ସିଧା ଗୁଜରାଟ ସହ ଯୋଡିବ । ଏହାର ସବୁଠାରୁ ଖାସ୍ କଥା ଏହା ଯେ, ଏହାର ଗଭୀରତା । ମାର୍ଗର କିଛି ଅଂଶ ସମୁଦ୍ର ତଳୁ ୩୦୦୦ ମିଟରରୁ ଅଧିକ ତଳେ ହେବାର ସମ୍ଭାବନା ରହିଛି, ଯାହାଦ୍ୱାରା ଏହା ଏପର୍ଯ୍ୟନ୍ତର ପ୍ରସ୍ତାବିତ ସବୁଠାରୁ ଗଭୀର ସମୁଦ୍ର ପାଇପଲାଇନ୍ ଭିତରୁ ଅନ୍ୟତମ ପାଲଟିଯିବ । ଏହି ପାଇପଲାଇନ୍ ଦ୍ୱାରା ଦୀର୍ଘକାଳୀନ ଯୋଗାଣ ଅନୁସାରେ, ପ୍ରାକୃତିକ ଗ୍ୟାସର ପରିବହନ ହେବାର ଆଶା ରହିଛି । ଯାହାଦ୍ୱାରା ସମ୍ଭାବିତ ରୂପରେ ଭାରତକୁ ନିଜର ଶକ୍ତି ସମ୍ବଳରେ ବିବିଧତା ଆଣିବାରେ ସାହାଯ୍ୟ ମିଳିବ । ଏହା ସହ ଓମାନକୁ ଏକ ସ୍ଥିର ରପ୍ତାନୀ ବଜାର ମିଳିବ । ଏହି ପ୍ରକଳ୍ପ ଅନୁସାରେ, ପରିବାର ଖର୍ଚ୍ଚ ୨-୨.୨ଡଲାର ପ୍ରତି ଏମ୍‌ଏମ୍‌ବିଟିୟୁ ଭିତରେ ହୋଇପାରେ । ତେବେ ଅନ୍ତିମ ଖର୍ଚ୍ଚ ଫଣ୍ଡିଂ ବ୍ୟବସ୍ଥା, ନିର୍ମାଣ ବ୍ୟୟ ଓ ଭବିଷ୍ୟତରେ ଗ୍ୟାସ୍‌ର ଦାମ୍ ଉପରେ ନିର୍ଭର କରିବ ।

## ମୀନାକ୍ଷୀ ନଟରାଜନଙ୍କ ନାମାଙ୍କନ ରଦ୍ଦ

# ଇସି ବିରୋଧରେ କଂଗ୍ରେସର ଆମରଣ ଅନଶନ

**ଭୋପାଳ (ଏଜେନ୍ସି):** ମଧ୍ୟପ୍ରଦେଶ ରାଜ୍ୟସଭା ନିର୍ବାଚନ ମଧ୍ୟରେ ଏକ ବଡ଼ ରାଜନୈତିକ ବିବାଦ ସାମ୍ନାକୁ ଆସିଛି । କଂଗ୍ରେସ ପ୍ରାର୍ଥୀ ମୀନାକ୍ଷୀ ନଟରାଜନଙ୍କ ନାମାଙ୍କନ ପତ୍ର ରଦ୍ଦ ହେବା ପରେ ରାଜ୍ୟ କଂଗ୍ରେସ ଶିବିରରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଏହି ଘଟଣାକୁ ନେଇ ଶାସକ ବିଜେପି ଉପରେ ବର୍ଷିଛି କଂଗ୍ରେସ । ଏମ୍‌ପି କଂଗ୍ରେସ ସଭାପତି ଜିତୁ ପଟୱାରୀ ସିଧାସଳଖ ବିଜେପି ଉପରେ 'ଆସନ ଡକାୟତି'ର ସଙ୍ଗିନ ଅଭିଯୋଗ ଆଣିଛନ୍ତି । ନାରୀ ସଶକ୍ତୀକରଣ ଓ ମହିଳା ସଂରକ୍ଷଣକୁ ନେଇ ବିଜେପି କେବଳ ଢୋଙ୍ଗ କରୁଛି ବୋଲି ସେ ଗଣମାଧ୍ୟମ ଆଗରେ କହିଛନ୍ତି । କଂଗ୍ରେସ ପ୍ରଦେଶ ସଭାପତି ଜିତୁ ପଟୱାରୀ କହିଛନ୍ତି ଯେ, ମୀନାକ୍ଷୀ ନଟରାଜନଙ୍କ ନାମାଙ୍କନକୁ ଆଇନଗତ ଭାବେ ରଦ୍ଦ କରାଯାଇ ପାରିନଥାନ୍ତା, ତେଣୁ ରାଜନୈତିକ ଚାପ ପ୍ରୟୋଗ କରି ଏହାକୁ ଖାରଜ କରାଯାଇଛି । ବିଜେପିର ଏଭଳି କାର୍ଯ୍ୟ ସମଗ୍ର ମଧ୍ୟପ୍ରଦେଶକୁ କଳଙ୍କିତ କରିଛି । ସାମ୍ବିଧାନିକ ସଂସ୍ଥାର ଅପବ୍ୟବହାର କରି ବିଜେପି ଗଣତନ୍ତ୍ରକୁ ହତ୍ୟା କରୁଛି ବୋଲି ସେ କହିଛନ୍ତି । ଏହି ଅନ୍ୟାୟ ବିରୋଧରେ କଂଗ୍ରେସର ସମସ୍ତ ବିଧାୟକ ନିର୍ବାଚନ କମିଶନଙ୍କ କାର୍ଯ୍ୟାଳୟ ସାମ୍ନାରେ ଭୁକ ହଡ଼ତାଳରେ ବସିଥିଲେ । ନିଜର ପ୍ରାର୍ଥିପତ୍ର ଖାରଜ ହେବା ପରେ ମୀନାକ୍ଷୀ ନଟରାଜନ ସରକାରଙ୍କ ଉପରେ ପ୍ରତିଶୋଧର ରାଜନୀତି କରୁଥିବା ଅଭିଯୋଗ ଆଣିଛନ୍ତି । ସେ କହିଛନ୍ତି, 'ବିଜେପି ପାଖରେ ପର୍ଯ୍ୟାପ୍ତ ସଂଖ୍ୟାବଳ ନଥାଇ ମଧ୍ୟ ସେମାନେ ତୃତୀୟ ପ୍ରାର୍ଥୀ ଛିଡ଼ା କରିଛନ୍ତି । ଏଥିରୁ ସ୍ପଷ୍ଟ ଜଣାପଡୁଛି ଯେ ସେମାନେ ସମ୍ବିଧାନ ଏବଂ ଗଣତନ୍ତ୍ରକୁ କୁଚଳିବାକୁ ଚାହୁଁଛନ୍ତି । ପୂର୍ବ ନିର୍ବାଚନ ଭଳି ଏଠାରେ ମଧ୍ୟ ଭୋଟ୍ ଚୋରିର ନୂଆ ଫର୍ମୁଲା ଆପଣାଯାଉଛି । କୋର୍ଟର ସମ୍ପୂର୍ଣ୍ଣ ଶୁଣାଣି ବିନା ହିଁ ଏହି ନିଷ୍ପତ୍ତି ଶୁଣାଇ ଦିଆଯାଇଛି ।'

# ଭିବି-ଜିରାମଜି ପାଇଁ ୯୫,୯୬୨ କୋଟି ଟଙ୍କାର ବ୍ୟବସ୍ଥା

**ନୂଆଦିଲ୍ଲୀ (ଏଜେନ୍ସି) :** କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ମଙ୍ଗଳବାର (୯ ଜୁନ୍, ୨୦୨୬) ଦିନ ନୂତନ ଗ୍ରାମୀଣ ରୋଜଗାର ଯୋଜନା, 'ବିକଶିତ ଭାରତ – ରୋଜଗାର ଏବଂ ଆଜୀବିକା ମିଶନ ଗ୍ୟାରେଣ୍ଟି ଗ୍ରାମୀଣ' (ଭିବି-ଜିରାମଜି) ପାଇଁ ୯୫,୯୬୨ କୋଟି ଟଙ୍କାର ଏକ ଅନ୍ତରୀଣ ଅନୁଦାନ ଘୋଷଣା କରିଛନ୍ତି । ଏହି ରାଶି ମଧ୍ୟରେ ରାଜ୍ୟ ସରକାରମାନଙ୍କର ଅଂଶଧନ ସାମିଲ ନାହିଁ । ଅଧିକାଂଶ ରାଜ୍ୟକୁ ସେମାନଙ୍କ ପାଇଁ ଆବଣ୍ଟିତ ରାଶିର ଅତିରିକ୍ତ ୪୦% ପ୍ରତିଶତ ଅଂଶଦାନ କରିବାକୁ ପଡ଼ିବ । ଏହି ଯୋଜନା ପାଇଁ ସର୍ବମୋଟ ଅଟକଳ ମୂଲ୍ୟ ୧.୨୫ ଲକ୍ଷ କୋଟି ଟଙ୍କା ହେବ । 'ଶ୍ରମିକମାନଙ୍କ ପାଇଁ କୌଣସି ଅସୁବିଧା ସୃଷ୍ଟି ନକରି, ଆମେ ମନରେଗାରୁ ଭିବି-ଜିରାମଜିକୁ ସ୍ଥାନାନ୍ତରିତ ହେଉଛୁ । କାର୍ଯ୍ୟର ଉପଲବ୍ଧତାରେ ଗୋଟିଏ ଦିନର ବି ବ୍ୟବଧାନ ରହିବ ନାହିଁ,' ବୋଲି ସେ କହିଛନ୍ତି । ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ଅନୁଯାୟୀ, ଉତ୍ତରପ୍ରଦେଶକୁ ସର୍ବାଧିକ ୯,୭୨୧.୪୮ କୋଟିର ଅନ୍ତରୀଣ ଅନୁଦାନ ମିଳିଥିବା ବେଳେ ଏହା ପଛକୁ ପଶ୍ଚିମବଙ୍ଗ (୮,୫୦୮ କୋଟି), ତାମିଲନାଡୁ (୭,୫୮୫.୪୯ କୋଟି), ରାଜସ୍ଥାନ (୭,୫୮୧.୮୭ କୋଟି), ଆନ୍ଧ୍ରପ୍ରଦେଶ (୭,୭୦୭.୨୧ କୋଟି) ଏବଂ ବିହାର (୬,୭୧୫.୮୩ କୋଟି) ରହିଛନ୍ତି । ରାଜ୍ୟଗୁଡ଼ିକ ପାଇଁ ସୋଟମୋଟ ଆବଣ୍ଟନ ୯୨,୫୫୦.୧୭ କୋଟି ଥିବାବେଳେ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ପାଇଁ ୧,୨୯୧.୫୨ କୋଟି ଧାର୍ଯ୍ୟ କରାଯାଇଛି । କେନ୍ଦ୍ରୀୟ ପ୍ରଶାସନ ଏବଂ ସାମାଜିକ ସମୀକ୍ଷା (ସୋସିଆଲ ଅଡିଟ୍) ପାଇଁ ଅତିରିକ୍ତ ୧,୮୫୦.୬୨ କୋଟି ବ୍ୟବସ୍ଥା କରାଯାଇଛି, ଯାହାଦ୍ୱାରା ସର୍ବମୋଟ ଅର୍ଥରାଶି ୯୫,୬୯.୩୧ କୋଟିରେ ପହଞ୍ଚିଛି । ଏହି ଅନୁଦାନ ମୁଖ୍ୟତଃ ପୂର୍ବ ଆର୍ଥିକ ବର୍ଷଗୁଡ଼ିକରେ ମନରେଗା ଅଧୀନରେ ରାଜ୍ୟଗୁଡ଼ିକୁ ଦିଆଯାଇଥିବା ପାଣ୍ଠି ସହ ସମାନ ଅଟେ । ତେବେ, ଏହି ନୂତନ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଥିବା ରାଜ୍ୟଗୁଡ଼ିକରେ ରୋଜଗାର ଯୋଜନାର ବ୍ୟାପକ ଉପସ୍ଥିତି ସୁନିଶ୍ଚିତ କରିବା, ଯେପରିକି ଚିଠା ନିୟମାବଳୀ ପ୍ରସ୍ତାବରେ ୧୬ ତମ ଅର୍ଥ କମିଶନଙ୍କ ଭୂସମାନ୍ତର ବିକେନ୍ଦ୍ରୀକରଣ ସୂତ୍ର ବ୍ୟବହାର କରି ରାଜ୍ୟଗୁଡ଼ିକୁ କେନ୍ଦ୍ରୀୟ ଅନୁଦାନ ପ୍ରଦାନ କରାଯିବ । ଜୁଲାଇ ୧ ରେ ପ୍ରକାଶିତ ହେବାକୁ ଥିବା ପାଣ୍ଠି ବଣ୍ଟନର ଚୂଡ଼ାନ୍ତ ସୂତ୍ର ବିଭିନ୍ନ ରାଜ୍ୟର ଭବିଷ୍ୟତର ଅଂଶଧନକୁ ପରିବର୍ତ୍ତନ କରିପାରେ । ଶ୍ରୀ ଚୌହାନ ଆହୁରି ମଧ୍ୟ କହିଛନ୍ତି ଯେ, ୨୬ଟି ରାଜ୍ୟ ନୂତନ ଯୋଜନା କାର୍ଯ୍ୟକାରୀ କରିବା ପାଇଁ ଆବଶ୍ୟକ କାର୍ଯ୍ୟବିଧି ସମ୍ପୂର୍ଣ୍ଣ କରିସାରିଛନ୍ତି, ଯେତେବେଳେ କି ଝାଡ଼ଖଣ୍ଡ, କର୍ଣ୍ଣାଟକ, ତେଲେଙ୍ଗାନା ଏବଂ ମିଜୋରାମ – ଏହି ୪ଟି ରାଜ୍ୟ ଏପର୍ଯ୍ୟନ୍ତ ସମସ୍ତ ଆନୁଷ୍ଠାନିକତା ଶେଷ କରିନାହାଁନ୍ତି । ତେବେ ଏହି ରାଜ୍ୟଗୁଡ଼ିକର ପ୍ରତିନିଧିମାନେ ମଧ୍ୟ ବୈଠକରେ ଯୋଗ ଦେଇଥିଲେ ଏବଂ କାର୍ଯ୍ୟକାରୀ କରିବା ପାଇଁ ପ୍ରସ୍ତୁତ ହେଉଥିବା ନେଇ କେନ୍ଦ୍ରକୁ ଆଶ୍ୱାସନା ଦେଇଛନ୍ତି । ବିଭି-ଜିରାମଜି ଯୋଜନା କାର୍ଯ୍ୟକାରୀ ହେବା ପୂର୍ବରୁ ରାଜ୍ୟଗୁଡ଼ିକୁ ନିୟମ ପ୍ରଣୟନ କରିବା, ହିତାଧିକାରୀଙ୍କ ଇ-କେଓ୍ୱାଇସି ସମ୍ପୂର୍ଣ୍ଣ କରିବା, ସେମାନଙ୍କ କୃଷି ଚକ୍ର ଅନୁଯାୟୀ ବ୍ଲାକଆଉଟ୍ ଅବଧି ସ୍ଥିର କରିବା ଏବଂ ଜିଲ୍ଲା ଓ ବ୍ଲକ ସ୍ତରରେ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ କରିବାକୁ ପଡ଼ିବ । ପଶ୍ଚିମବଙ୍ଗରେ ସରକାର ପରିବର୍ତ୍ତନ ହୋଇ ଏବେ ବିଜେପି ଶାସନକୁ ଆସିଥିଲେ ମଧ୍ୟ ମନରେଗା ଅଧୀନରେ ଥିବା ୮,୫୦୮ କୋଟି ଟଙ୍କାର ବାକି ଅର୍ଥର ସମାଧାନ ଏପର୍ଯ୍ୟନ୍ତ ହୋଇପାରି ନାହିଁ । 'ସେହି ବିବାଦଗୁଡ଼ିକର ସମାଧାନ ନହେବା ପର୍ଯ୍ୟନ୍ତ ସେହି ପ୍ରଶ୍ନ ଉଠୁନାହିଁ । ବାକି ସମୟ ପାଇଁ ପଶ୍ଚିମବଙ୍ଗ ସରକାର ଲିଖିତ ଭାବେ ଜଣାଇଛନ୍ତି ଯେ ସେ କେନ୍ଦ୍ର ସରକାରଙ୍କ ସମସ୍ତ ନିୟମ ଓ ସର୍ତ୍ତ ଗ୍ରହଣ କରିବାକୁ ପ୍ରସ୍ତୁତ,' ବୋଲି ଶ୍ରୀ ଚୌହାନ କହିଛନ୍ତି ।



# ଆଇନ ଅଦାଲତ

## ଖାନ୍ ସାରଙ୍କ ଗିରଫଦାରୀ ସ୍ଥଗିତ

# ମିଳିଲା ସାମୂହିକ ଆଶ୍ୱସ୍ତି, ଜୁନ୍ ୩୦ରେ ପରବର୍ତ୍ତୀ ଶୁଣାଣି

**ନୂଆଦିଲ୍ଲୀ(ଏଜେନ୍ସି) :** ଅଗ୍ନି ନିରାପତ୍ତା ନିୟମ ଉଲ୍ଲଂଘନ ମାମଲାରେ ଖାନ ସାରଙ୍କ ଗିରଫଦାରୀ ସ୍ଥଗିତ ରହିଛି । ପାଟନା କୋର୍ଟ ଖାନ ସାରଙ୍କ ଗିରଫଦାରୀ ଉପରେ ରୋକ ଲଗାଇଛନ୍ତି । ଫୈଜଲ ଖାନ ଓରଫ ଖାନ ସାରଙ୍କ ଆଗୁଆ ଜାମିନ ଆବେଦନ ଉପରେ କୋର୍ଟ ମଧ୍ୟବର୍ତ୍ତୀକାଳୀନ ଆଶ୍ୱସ୍ତି ପ୍ରଦାନ କରିଛନ୍ତି । ପୁଲିସକୁ କେସ୍ ଡାଏରୀ ମାଗିଛନ୍ତି କୋର୍ଟ । ମାମଲାର ପରବର୍ତ୍ତୀ ଶୁଣାଣି ଜୁନ୍ ୩୦ ତାରିଖରେ ହେବ । ଜିଲ୍ଲୀ ଜଜ୍ କୋର୍ଟ ଖାନ ସାରଙ୍କ ଆଗୁଣା ଜାମିନ ଆବେଦନର ଶୁଣାଣି କରିବା ପରେ ନିଷ୍ପତ୍ତି ସଂରକ୍ଷଣ ରଖିଛନ୍ତି । ସେପଟେ ପୁଲିସକୁ କେସ୍ ଡାଏରୀ ମାଗିଛନ୍ତି କୋର୍ଟ । ସାଧାରଣତଃ, ଯେତେବେଳେ କୌଣସି କୋର୍ଟରେ ଜାମିନ ଆବେଦନ ଦାଖଲ କରାଯାଏ, ପୁଲିସଠାରୁ ଅଭିଯୁକ୍ତଙ୍କ କେସ୍ ଡାଏରୀ ଏବଂ ଅପରାଧିକ ଇତିହାସ ମଗାଯାଇଥାଏ । ଖାନ୍ ସାରଙ୍କ ଆଗୁଆ ଜାମି ଦିଆଯାଇନାହିଁ କିନ୍ତୁ ତାଙ୍କ ଗିରଫଦାରୀ ଉପରେ ରୋକ୍ ଲାଗିଛି । ଗତ ଜୁନ ୨ ତାରିଖରେ ପାଟନାରେ ଥିବା ଖାନ ସାରଙ୍କ କୋଚିଂ ସେଣ୍ଟ, ଖାନ୍ ଗ୍ଲୋବାଲ୍ ଷ୍ଟଡିଜ୍ ଉପରେ କିଛି ଲୋକ ଆକ୍ରମଣ କରିଥିଲେ । ଏହି ସମୟରେ ଖାନ ସାରଙ୍କ ଦୁଇ ଦଣ ଗାର୍ଡ ଗୁଳି ଚଳାଇଥିବାର ଭିଡିଓ ସାମ୍ନାକୁ ଆସିଥିଲା । ପୁଲିସ୍ ଦୁଇଜଣଙ୍କୁ ଗିରଫ କରିଥିଲା । ଏହା ପରେ ଖାନ୍ ସାରଙ୍କ ବିରୋଧରେ ଏକ ମାମଲା ରୁଜୁ ହୋଇଥିଲା । ସେବେଠାକୁ ଖାନ୍ ସାର ଗିରଫ ହେବା ନେଇ ଖବର ଆସୁଥିଲା । କିନ୍ତୁ ଏବେ ତାଙ୍କୁ ସାମୂହିକ ଆଶ୍ୱସ୍ତି ମିଳିଛି । ଫୈଜଲ ଖାନ୍ ଯିଏକି ଖାନ୍ ସାରଙ୍କ ନାମରେ ଜଣାଶୁଣା । ପାଟନାରେ ସେ ଏକ କୋଚିଂ ସେଣ୍ଟର ଚଳାଉଛନ୍ତି ।ସେ ପାଟନାରେ ଏକ ହସ୍ପିଟାଲ ମଧ୍ୟ ସ୍ଥାପନ କରିଛନ୍ତି । କୁହାଯାଏ ଯେ ସେ ପ୍ରତିମାସ ପ୍ରାୟ ୨୦ ଲକ୍ଷ ଟଙ୍କା ଆୟ କରନ୍ତି ଏବଂ ତାଙ୍କ ସମ୍ପତ୍ତିର ମୂଲ୍ୟ କୋଟି କୋଟି ଟଙ୍କା । ତଥାପି ସେ ଟଚଝଉ ପରୀକ୍ଷା ପାଇଁ ମାତ୍ର ୧୦,୦୦୦ ଟଙ୍କାରେ ପ୍ରସ୍ତୁତି କରାଉଛନ୍ତି, ଯାହା ଲକ୍ଷ ଲକ୍ଷ ଗରିବ ଏବଂ ମଧ୍ୟବିତ୍ତ ଛାତ୍ରଛାତ୍ରୀଙ୍କ ପାଇଁ ଆଶୀର୍ବାଦ ପରି । ପାଟନା ପ୍ରଶାସନ ଅଗ୍ନି ନିରାପତ୍ତା ନିୟମ ଉଲ୍ଲଂଘନ ଅଭିଯୋଗରେ ତାଙ୍କ କୋଚିଂ ସେଣ୍ଟର ବନ୍ଦ କରିବାକୁ ନୋଟିସ ଜାରି କରିଥିଲେ । ତାଙ୍କୁ ଗିରଫ କରାଯାଇପାରେ ବୋଲି ଖବର ଖବର ଆସୁଥିଲେ କିନ୍ତୁ ତାଙ୍କୁ ଅନ୍ତରୀଣ ଆଶ୍ୱସ୍ତି ମିଳିଛି । ଏକ ସାଧାରଣ ପରିବାରରୁ ଆସିଥିବା ଖାନ ସାର୍ ଅନେକ ସଂଘର୍ଷ କରି ଆଜି ଦେଶର ସବୁଠୁ ଲୋକପ୍ରିୟ ଶିକ୍ଷକମାନଙ୍କ ମଧ୍ୟରୁ ଜଣେ ହୋଇପାରିଛନ୍ତି । ତାଙ୍କର ପଢ଼ାଇବା ଶୈଳୀ ଓ ସରଳ ଭାଷା ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କୁ ସ୍ୱପ୍ନ ପୂରଣ କରିବାରେ ସହାୟତା କରିଛି ।

## ହାଇକୋର୍ଟରେ ଡାକ୍ତରୀ ଛାତ୍ରୀ ଚନ୍ଦ୍ରିକାଙ୍କ ମୃତ୍ୟୁ ମାମଲା

# ପୁରୁଷ ବନ୍ଧୁ ଭୀମସେନ ଟୁଡୁଙ୍କ ଆଗୁଆ ଜାମିନ ଆବେଦନ

**କଟକ(ଏନ୍.ଏମ୍.):** କାଠଯୋଡ଼ି ନଦୀରୁ ଡାକ୍ତରୀ ଛାତ୍ରୀ ଚନ୍ଦ୍ରିକା ଭଞ୍ଜବାଳା ହେମ୍ବ୍ରମ୍‌ଙ୍କ ମୃତଦେହ ମିଳିବା ପରେ ଏହି ଘଟଣାରେ ଆଜି ତାଙ୍କର ପୁରୁଷବନ୍ଧୁ ଭୀମସେନ ଟୁଡୁ ଓଡିଶା ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଛନ୍ତି । ଉକ୍ତ ଘଟଣାକୁ ନେଇ ତାଙ୍କ ବିରୋଧରେ ଚନ୍ଦ୍ରିକାଙ୍କ ମା' ହୀରାମଣି ହାଂସଦାଙ୍କ ବାରଙ୍ଗ ଥାନାରେ ଏତଲା ପରେ ଗିରଫଦାରକୁ ଏଡାଇବାକୁ ଯାଇ ସେ ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଥିବା ଜଣାପଡିଛି । ଗତ ୪ ତାରିଖରେ ଚନ୍ଦ୍ରିକାଙ୍କ ମୃତ୍ୟୁ ପରେ ପୁରୁଷ ମନ୍ଧୁ ଭୀମସେନ ଫେରାର ଥିଲେ । ସୂଚନାଥାଉକି ଗତ ୪ ତାରିଖ ସକାଳେ ନେତାଜୀ ସୁଭାଷ ସେତୁ ତଳୁ ବାରଙ୍ଗ ଥାନା ପୁଲିସ ଚନ୍ଦ୍ରିକାଙ୍କ ମୃତଦେହ ଜବତ କରିଥିଲା । ଚନ୍ଦ୍ରିକାଙ୍କ ଘର ମୟୂରଭଞ୍ଜ ହୋଇଥିବାବେଳେ ସେ ବାଲେଶ୍ୱର ମେଡ଼ିକାଲ୍ କଲେଜରେ ଏମ୍ବିବିଏସ୍ ପଢୁଥିଲେ । ମୃତଦେହ ମିଳିବା ପରେ ପରିବାର ଏହି ମୃତ୍ୟୁ ପାଇଁ ଚନ୍ଦ୍ରିକାଙ୍କ ପ୍ରେମିକ ଓ ପ୍ରେମିକଙ୍କ ଝିଅ ସାଙ୍ଗକୁ ଦାୟୀ କରି ବାରଙ୍ଗ ଥାନାରେ ଏତଲା ଦେଇଥିଲେ । ଚନ୍ଦ୍ରିକାଙ୍କ ମା' ହୀରାମଣି ହାଂସଦାଙ୍କ ଏତଲା ପରେ ବାରଙ୍ଗ ଥାନା ପୁଲିସ ବିଏନ୍‌ଏସ୍ ଧାରା ୧୦୮ରେ ମାମଲା ରୁଜୁ କରିଛି । ଏହା ଜାମିନ ବିହୀନ ଧର୍ତବ୍ୟ ଅପରାଧ ଶ୍ରେଣୀର ଓ ଏଥିରେ ୧୦ ବର୍ଷ ପର୍ଯ୍ୟନ୍ତ ଦଣ୍ଡାଦେଶ ଓ ଜରିମାନାର ବ୍ୟବସ୍ଥା ରହିଛି । ବିନା ଓ୍ୱାରେଣ୍ଟରେ ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରିପାରେ ବୋଲି ସୂଚନା ପାଇଥିଲେ ପୁରୁଷ ବନ୍ଧୁ । ଫଳରେ ଗିରଫଦାରୀ ଏଡାଇବାକୁ ଯାଇ ଭୀମସେନ ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଛନ୍ତି ।

## ସୁପ୍ରିମକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ

# ଚରିତ୍ରରେ ଦାଗ ନୁହେଁ ବିନା ବିବାହରେ ସମ୍ପର୍କ

**ନୂଆଦିଲ୍ଲୀ(ଏଜେନ୍ସି) :** ଦୁଇ ଅବିବାହିତ ଯୁବକ ଯୁବତୀ ପରସ୍ପର ସହମତିରେ ଶାରୀରିକ ସମ୍ପର୍କ ରଖିଲେ ତାହା କାହାରି ଚରିତ୍ରକୁ ପ୍ରତିଫଳିତ କରେ ନାହିଁ କିମ୍ବା ଏହା କୌଣସି ବ୍ୟକ୍ତିଙ୍କ ଚରିତ୍ର ଉପରେ ଦାଗ ନୁହେଁ । ଏହାକୁ ଆଧାର କରି କାହାରି ଚରିତ୍ର ଉପରେ ପ୍ରଶ୍ନ ଉଠାଯାଇପାରିବ ନାହିଁ ବୋଲି ସୁପ୍ରିମକୋର୍ଟ ସୋମବାର ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ ଦେଇଛନ୍ତି । ଶୀର୍ଷ ଅଦାଲତ କହିଛନ୍ତି, ଏପରି କୌଣସି ଆଇନ ନାହିଁ ଯାହା ଦୁଇ ପ୍ରାପ୍ତ ବୟସ୍କ ଏବଂ ଅବିବାହିତ ଲୋକଙ୍କୁ ନିଜ ପସନ୍ଦରେ ସମ୍ପର୍କ ରଖିବାକୁ ରୋକିପାରିବ । ଏଥିସହ ସେମାନଙ୍କ ମଧ୍ୟରେ ସମ୍ପର୍କ ଭାଙ୍ଗିଲେ ତାହାକୁ ପ୍ରତାରଣା ବୋଲି ମଧ୍ୟ କୁହାଯାଇପାରିବ ନାହିଁ । ଜଷ୍ଟିସ୍ ମନମୋହନ ଏବଂ ଜଷ୍ଟିସ୍ ମନୋଜ ମିଶ୍ରଙ୍କ ଖଣ୍ଡପୀଠ ଏହି ଟିପ୍ପଣୀ ତେଲଙ୍ଗାନା ରାଜ୍ୟ ପୁଲିସ ନିଯୁକ୍ତି ବୋର୍ଡର ଏକ ମାମଲାର ଶୁଣାଣି ବେଳେ ଦେଇଛନ୍ତି । ବୋର୍ଡ ଜଣେ ପ୍ରାର୍ଥୀଙ୍କୁ ନୈତିକତା ଦୃଷ୍ଟିରୁ ବିଚାର କରି କନଷ୍ଟେବଳ ଭାବେ ତାଙ୍କ ନିଯୁକ୍ତିକୁ ରଦ୍ଦ କରିଦେଇଥିଲେ । ସୁପ୍ରିମକୋର୍ଟ ଏହି ନିଯୁକ୍ତି ବାତିଲ ପ୍ରକ୍ରିୟାକୁ ଖାରଜ କରି ସେହି ପ୍ରାର୍ଥୀଙ୍କୁ ପୁଲିସ ବିଭାଗରେ ନିଯୁକ୍ତି ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଆଜିର ସମୟରେ ବିବାହ ପୂର୍ବରୁ ସମ୍ପର୍କ ବେଶ୍ ସାଧାରଣ କଥା । ତେଣୁ ଏହାକୁ ଆଧାର କରି ସେମାନଙ୍କ ଚରିତ୍ର ବାବଦରେ ନକରାତ୍ମକ ରାୟ ବନାଯାଇପାରିବ ନାହିଁ ବୋଲି ଖଣ୍ଡପୀଠ କହିଛନ୍ତି । ସୂଚନା ଅନୁସାରେ, ଅଭିଯୁକ୍ତ ପ୍ରାର୍ଥୀ ଜଣକ ବିବାହ ପ୍ରତିଶ୍ରୁତି ଦେଇ ଜଣେ ଯୁବତୀଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ । ଉଭୟେ ୪ ବର୍ଷ ଧରି ସମ୍ପର୍କରେ ରହିଥିଲେ । ତେବେ ସେ ମିଛ ପ୍ରତିଶ୍ରୁତି ଦେଇ ବଳାତ୍କାର କରିଥିବା ନେଇ ଯୁବତୀ ଜଣକ ୨୦୧୪ରେ ଅଭିଯୋଗ ଆଣିଥିଲେ । ଫଳରେ ଅଭିଯୁକ୍ତଙ୍କ ବିରୋଧରେ ବଳାତ୍କାର ମାମଲା ରୁଜୁ ହୋଇଥିଲା । ପରେ ଉଭୟଙ୍କ ମଧ୍ୟରେ ଆପୋସ ବୁଝାମଣା ହୋଇଥିଲା ଏବଂ ୨୦୧୫ରେ ଲୋକ ଅଦାଲତ ଏହି ମାମଲାକୁ ଶେଷ କରିଥିଲେ । ତେବେ ପୂର୍ବ ଅଭିଯୋଗ ଆଧାରରେ ନିଯୁକ୍ତି ବୋର୍ଡ ଅଭିଯୁକ୍ତଙ୍କୁ ଅଯୋଗ୍ୟ ଘୋଷଣା କରିଥିଲେ । ଅଭିଯୁକ୍ତ ଏହାକୁ ଅଦାଲତରେ ଚ୍ୟାଲେଞ୍ଜ କରିଥିଲେ । ତେଲଙ୍ଗାନା ହାଇକୋର୍ଟ ମଧ୍ୟ ଯୁବକଙ୍କ ନିଯୁକ୍ତି ବାବଦରେ ପୁନଃ ବିଚାର କରିବାକୁ ବୋର୍ଡକୁ ନିର୍ଦ୍ଦେଶ ଦେଇଥିଲେ । ସୁପ୍ରିମକୋର୍ଟ କହିଥିଲେ, ଯେ ପର୍ଯ୍ୟନ୍ତ ଅଦାଲତରେ ଜଣେ ଦୋଷୀ ସାବ୍ୟସ୍ତ ନ ହୋଇଛନ୍ତି ସେ ପର୍ଯ୍ୟନ୍ତ ଆଇନ ଆଗରେ ସେ ନିର୍ଦ୍ଦୋଷ ବୋଲି ସିଦ୍ଧାନ୍ତ ଲାଗୁ ହୋଇଥାଏ । ଏହି ମାମଲାରେ ପ୍ରତାରଣା ଅଭିଯୋଗ ରହିଥିଲା । କିନ୍ତୁ ଠକେଇ ବା ପ୍ରତାରଣା ପ୍ରମାଣ ହେବାର ବି ଆବଶ୍ୟକତା ରହିଥିଲା । କାରଣ ଅଭିଯୋଗ ବେଳେବେଳେ ମିଛ ବି ହୋଇଥାଏ । ଅନ୍ୟପକ୍ଷରେ ଅଭିଯୋଗକାରୀ ମଧ୍ୟ ମାମଲା ଆଗକୁ ବଢ଼ାଇ ନଥିଲେ ଏବଂ ବୁଝାମଣା କରିନେଇଥିଲେ । ତେଣୁ ବୋର୍ଡ ସେହି ବ୍ୟକ୍ତିଙ୍କ ବାବଦରେ ନକାରାତ୍ମକ ନିଷ୍କର୍ଷ ବାହାର କରିବାର କୌଣସି ଆଧାର ନ ଥିଲା ।



## ନଅ ବର୍ଷର ନାବାଳିକାକୁ ଦୁଷ୍କର୍ମ ଉଦ୍ୟମ

# ଅଭିଯୁକ୍ତ କୋର୍ଟ ଚାଲାଣ

**ରାଜନଗର(ଏନ୍.ଏମ୍.) :** ଦେଶରେ ଦିନକୁ ଦିନ ଦୁଷ୍କର୍ମ ମାମଲା ବଢ଼ିବାରେ ଲାଗିଛି । ଗୋଟିଏ ପଟେ ନାରୀଙ୍କ ସୁରକ୍ଷା ପାଇଁ ସରକାର ତଥା ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଉଥିଲେ ମଧ୍ୟ ପିଚାଷ ସ୍ୱରୂପୀ ପୁରୁଷମାନଙ୍କ ପାଇଁ ଆଜି ନାରୀମାନଙ୍କ ସୁରକ୍ଷା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ତେବେ ଏହି ପିଚାଷ ମାନଙ୍କ କବଳରୁ ଖସି ପାରୁନାହାନ୍ତି ନାବାଳିକା । ରାଜନଗର ବ୍ଲକ ତାଳଚୁଆ ସାମୁଦ୍ରିକ ଥାନା ଅଞ୍ଚଳର ଜଣେ ନଅ ବର୍ଷର ନାବାଳିକାକୁ ଦୁଷ୍କର୍ମ କରିବାକୁ ଉଦ୍ୟମ କରିଥିବା ଅଭିଯୁକ୍ତକୁ ପୋଲିସ କୋର୍ଟ ଚାଲାଣ କରିଛି । ଏହି ବ୍ଲକ ତାଳଚୁଆ ପଚାଞ୍ଚତର ନାବାଳିକାର ପିତା ସାମୁଦ୍ରିକ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ରାଜେନ୍ଦ୍ରନଗର ଗ୍ରାମର କାହ୍ନୁ ପରିଡା(୪୫) ମୋ ନାବାଳିକା ଝିଅକୁ ଥଣ୍ଡା ପିଆଇ ନିଜ ଘରକୁ ନେଇ ଯାଇଥିଲା । ସେଠାରେ ଥଣ୍ଡା ମଧ୍ୟରେ ଆସ୍କା-୪୦ ମିଶାଇ ଦେଇଥିଲା । ଦୁଷ୍କର୍ମ ଉଦ୍ୟମ କରିବାରୁ ସେ କାନ୍ଦିଥିଲା । ସ୍ଥାନୀୟ ଲୋକେ ପହଞ୍ଚିବାରୁ ନାବାଳିକାକୁ ଛାଡି ଅନ୍ୟତ୍ର ଚାଲିଯାଇଥିଲା । ପୋଲିସ ସାମୁଦ୍ରିକ ଥାନାରେ ୧୩୨/୨୬ରେ ପକ୍‌ସୋ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି । ତେବେ ପୂର୍ବ ମାମଲାଗୁଡ଼ିକ ଭଳି ଏଥର ମଧ୍ୟ ଏହି ନରରାକ୍ଷାସକୁ ଉପଯୁକ୍ତ ଦଣ୍ଡ ମିଳିବା ଆବଶ୍ୟକ ବୋଲି ବିଭିନ୍ନ ମହଲରେ ମତ ପ୍ରକାଶ ପାଇଛି ।



ସୋମବାର, ୧୫ ରୁ ୨୧ ଜୁନ,୨୦୨୬

ନିଷ୍କର୍ଷ
NISHKARSHA




## ଶ୍ରେଣୀଗୃହରୁ କ୍ୟାରିଅର ପର୍ଯ୍ୟନ୍ତ ଓଡ଼ିଶାର କେଜି-ଟୁ-ପିଜି ମାଗଣା ଶିକ୍ଷା ପଦକ୍ଷେପ ଏକ ନୂତନ ସାମାଜିକ ଚୁକ୍ତିନାମାକୁ ଚିହ୍ନିତ କରେ

ଶିକ୍ଷାକୁ ସାମାଜିକ ପରିବର୍ତ୍ତନ ପାଇଁ ସବୁଠାରୁ ଶକ୍ତିଶାଳୀ ଉପକରଣ ଭାବରେ ବହୁ ଦିନ ଧରି ବିବେଚନା କରାଯାଇଆସୁଛି । ଏହା ଦାରିଦ୍ର୍ୟର ଚକ୍ରକୁ ଭାଙ୍ଗିଥାଏ, ବ୍ୟକ୍ତିମାନଙ୍କୁ ସଶକ୍ତ କରିଥାଏ, ସାମାଜିକ ଗତିଶୀଳତାକୁ ପ୍ରୋତ୍ସାହିତ କରିଥାଏ ଏବଂ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ସୁଦୃଢ଼ କରିଥାଏ । ଏହି ପରିପ୍ରେକ୍ଷୀରେ, କିଣ୍ଡରଗାର୍ଡେନ୍ ଠାରୁ ସ୍ନାତକୋତ୍ତର ସ୍ତର ପର୍ଯ୍ୟନ୍ତ ମାଗଣା ଶିକ୍ଷା ପ୍ରଦାନ କରିବା ପାଇଁ ଓଡ଼ିଶା ସରକାରଙ୍କ ନିଷ୍ପତ୍ତି ଏକ ଐତିହାସିକ ନୀତିଗତ ହସ୍ତକ୍ଷେପକୁ ପ୍ରତିନିଧିତ୍ୱ କରେ ଯାହା ରାଜ୍ୟର ଶିକ୍ଷାଗତ ଦୃଶ୍ୟପଟକୁ ପୁନଃପରିଭାଷିତ କରିପାରିବ । ଏକ କଲ୍ୟାଣକାରୀ ପଦକ୍ଷେପ ଅପେକ୍ଷା, ଏହି ପଦକ୍ଷେପ ମାନବ ପୁଞ୍ଜି ବିକାଶ ଏବଂ ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧି ପ୍ରତି ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ । ଦଶନ୍ଧି ଧରି, ଛାତ୍ର ଛାଡ଼ିବା ପଛରେ ଆର୍ଥିକ ପ୍ରତିବନ୍ଧକ ମୁଖ୍ୟ କାରଣ ମଧ୍ୟରୁ ଏକ ହୋଇ ରହିଛି, ବିଶେଷକରି ଆର୍ଥିକ ଭାବରେ ପଛୁଆ ପରିବାର ମଧ୍ୟରେ । ସରକାରୀ ଯୋଜନା ମାଧ୍ୟମରେ ପ୍ରାଥମିକ ଶିକ୍ଷା ବହୁଳ ଭାବରେ ସୁଗମ ହୋଇଥିଲେ ମଧ୍ୟ, ଛାତ୍ରମାନେ ଉଚ୍ଚ ମାଧ୍ୟମିକ ଏବଂ ତୃତୀୟ ସ୍ତରୀୟ ଶିକ୍ଷାକୁ ଅଗ୍ରଗତି କରିବା ସହିତ ଖର୍ଚ୍ଚର ବୋଝ ପ୍ରାୟତଃ ବୃଦ୍ଧି ପାଉଥିଲା । ଶିକ୍ଷାଦାନ ଫି, ପରୀକ୍ଷା ଦେୟ, ପ୍ରବେଶ ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଶିକ୍ଷାଗତ ଖର୍ଚ୍ଚ ଅନେକ ପ୍ରତିଭାବାନ ଛାତ୍ରଛାତ୍ରୀଙ୍କୁ ସେମାନଙ୍କର ଶିକ୍ଷାଗତ ଆକାଂକ୍ଷା ଅନୁସରଣ କରିବାରୁ ନିରୁତ୍ସାହିତ କରିଥିଲା । ରାଜ୍ୟର ସଦ୍ୟତମ ଘୋଷଣା ଆର୍ଥିକ କଷ୍ଟ ଶିକ୍ଷା ପାଇଁ ପ୍ରତିବନ୍ଧକ ନହେବା ନିଶ୍ଚିତ କରି ଏହି ସାଂରଚନିକ ଚ୍ୟାଲେଞ୍ଜକୁ ସମାଧାନ କରିବାକୁ ଚେଷ୍ଟା କରେ । କଏ ରୁ ଚଏ ପର୍ଯ୍ୟନ୍ତ ମାଗଣା ଶିକ୍ଷାର ଗୁରୁତ୍ୱ କେବଳ ସୁଲଭତାଠାରୁ ଅଧିକ । ଏହା ଏକ ଶକ୍ତିଶାଳୀ ବାର୍ତ୍ତା ପଠାଏ ଯେ ଶିକ୍ଷା ଆର୍ଥିକ ଦୃଷ୍ଟିରୁ ସୁରକ୍ଷିତ ପାଇଁ ସଂରକ୍ଷିତ ଏକ ସୁବିଧା ନୁହେଁ ବରଂ ଏକ ମୌଳିକ ଅଧିକାର ଯାହା ପ୍ରତ୍ୟେକ ଶିଶୁ ଏବଂ ଯୁବକଙ୍କ ପାଇଁ ଉପଲବ୍ଧ ହେବା ଉଚିତ । ଓଡ଼ିଶା ଭଳି ରାଜ୍ୟରେ, ଯେଉଁଠାରେ ଅନେକ ପରିବାର କୃଷି, ଅନୁଷ୍ଠାନିକ ଶ୍ରମ ଏବଂ ନିମ୍ନ ଆୟ ବୃତ୍ତି ଉପରେ ନିର୍ଭରଶୀଳ, ଏପରି ନୀତି ସାମାଜିକ ନ୍ୟାୟ ପାଇଁ ଏକ ଉତ୍ତେଜକ ଭାବରେ କାର୍ଯ୍ୟ କରିପାରିବ । ଏହି ପଦକ୍ଷେପର ସବୁଠାରୁ ପ୍ରତିଶ୍ରୁତିପୂର୍ଣ୍ଣ ଫଳାଫଳ ମଧ୍ୟରୁ ଗୋଟିଏ ହୋଇପାରେ ପାଠପଢ଼ା ଛାଡିବା ହାର ହ୍ରାସ । ଆର୍ଥିକ ଚାପ କିମ୍ବା ପରିବାରର ଆୟରେ ଯୋଗଦାନ ଦେବାର ତୁରନ୍ତ ଆବଶ୍ୟକତା ଯୋଗୁଁ ଅନେକ ଛାତ୍ର ମାଧ୍ୟମିକ ବିଦ୍ୟାଳୟ ପରେ ସେମାନଙ୍କର ପାଠପଢ଼ା ବନ୍ଦ କରିଦିଅନ୍ତି । ଶିକ୍ଷା ଯାତ୍ରାରେ ଆର୍ଥିକ ପ୍ରତିବନ୍ଧକଗୁଡ଼ିକୁ ଦୂର କରି, ସରକାର ଏକ ପରିବେଶ ସୃଷ୍ଟି କରନ୍ତି ଯେଉଁଠାରେ ଛାତ୍ରମାନେ ସୁଲଭତାର ନିରନ୍ତର ଭୟ ବିନା ଉଚ୍ଚଶିକ୍ଷା କରିପାରିବେ । ଶିକ୍ଷାରେ ଏହି ନିରନ୍ତରତା ସାକ୍ଷରତା ସ୍ତରକୁ ଉନ୍ନତ କରିବା, ନିଯୁକ୍ତି କ୍ଷମତା ବୃଦ୍ଧି କରିବା ଏବଂ ଅଧିକ କୁଶଳୀ କର୍ମଶକ୍ତିକୁ ପ୍ରୋତ୍ସାହିତ କରିବାର ସମ୍ଭାବନା ରଖେ । ବିଶେଷ ଭାବରେ ଉଲ୍ଲେଖନୀୟ ହେଉଛି ଝିଅମାନଙ୍କ ଶିକ୍ଷା ଉପରେ ସମ୍ଭାବ୍ୟ ପ୍ରଭାବ । ସାମ୍ପ୍ରତିକ ବର୍ଷଗୁଡ଼ିକରେ ଉଲ୍ଲେଖନୀୟ ଅଗ୍ରଗତି ସତ୍ତ୍ୱେ, ଉଚ୍ଚଶିକ୍ଷାରେ ଲିଙ୍ଗଗତ ବୈଷମ୍ୟ ଅନେକ ଅଞ୍ଚଳରେ ରହିଛି । ଆର୍ଥିକ ଅସୁବିଧା ପ୍ରାୟତଃ ପରିବାରଗୁଡ଼ିକୁ ଝିଅମାନଙ୍କ ଅପେକ୍ଷା ପୁଅ ପିଲାମାନଙ୍କ ଶିକ୍ଷାକୁ ପ୍ରାଥମିକତା ଦେବାକୁ ବାଧ କରେ । ସ୍ନାତକୋତ୍ତର ସ୍ତର ପର୍ଯ୍ୟନ୍ତ ମାଗଣା ଶିକ୍ଷା ଉଚ୍ଚଶିକ୍ଷାରେ ମହିଳାମାନଙ୍କର ଅଧିକ ଅଂଶଗ୍ରହଣକୁ ଉତ୍ସାହିତ କରିପାରିବ, ଯାହା ଲିଙ୍ଗଗତ ସମାନତା ଏବଂ ମହିଳା ସଶକ୍ତିକରଣରେ ଯୋଗଦାନ ଦେଇଥାଏ । ଶିକ୍ଷିତ ମହିଳାମାନେ କେବଳ ବ୍ୟକ୍ତିଗତ ଉନ୍ନତି ହାସଲ କରନ୍ତି ନାହିଁ ବରଂ ଭବିଷ୍ୟତ ପିଢ଼ିର ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ଆର୍ଥିକ କଲ୍ୟାଣ ଉପରେ ମଧ୍ୟ ସକାରାତ୍ମକ ପ୍ରଭାବ ପକାଇଥାନ୍ତି । ତଥାପି, ଏହି ମହତ୍ୱାକାଂକ୍ଷୀ କାର୍ଯ୍ୟକ୍ରମର ସଫଳତା କେବଳ ଘୋଷଣା ଉପରେ ନୁହେଁ ବରଂ ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନ ଉପରେ ନିର୍ଭର କରିବ । ମାଗଣା ଶିକ୍ଷା ଶିକ୍ଷାଗତ ଗୁଣବତ୍ତା ସହିତ ସାମ୍ନାସ କରିବା ଉଚିତ୍ ନୁହେଁ । ବୃଦ୍ଧି ପଞ୍ଜିକରଣ ଅନିବାର୍ଯ୍ୟ ଭାବରେ ବିଦ୍ୟମାନ ଭିତ୍ତିଭୂମି, ଶିକ୍ଷାଦାନ ସମ୍ବଳ ଏବଂ ପ୍ରଶାସନିକ ବ୍ୟବସ୍ଥା ଉପରେ ଅତିରିକ୍ତ ଚାପ ପକାଇବ । ସରକାରଙ୍କୁ ଏକକାଳୀନ ଶ୍ରେଣୀଗୃହ ସୁବିଧା ଉନ୍ନତ କରିବା, ଡିଜିଟାଲ୍ ଭିତ୍ତିଭୂମିକୁ ସୁଦୃଢ଼ କରିବା, ଯୋଗ୍ୟ ଶିକ୍ଷକ ନିଯୁକ୍ତି କରିବା ଏବଂ ସମସାମୟିକ ଶିକ୍ଷା ଏବଂ ଶିଳ୍ପ ଆବଶ୍ୟକତା ପୂରଣ କରିବା ପାଇଁ ପାଠ୍ୟକ୍ରମକୁ ଆଧୁନିକୀକରଣ କରିବା ପାଇଁ ନିବେଶ କରିବାକୁ ପଡିବ । ଆଉ ଏକ ଗୁରୁତ୍ୱପୂର୍ଣ୍ଣ ବିଚାର ହେଉଛି ପ୍ରଶାସନିକ ଜଟିଳତା ବିନା ଲାଭ ଉଦ୍ଦେଶ୍ୟପ୍ରାପ୍ତ ହିତାଧିକାରୀଙ୍କ ପାଖରେ ପହଞ୍ଚିବା ନିଶ୍ଚିତ କରିବା । ସ୍ୱଚ୍ଛ ନିର୍ଦ୍ଦେଶାବଳୀ, ସରଳୀକୃତ ପ୍ରକ୍ରିୟା ଏବଂ ଦକ୍ଷ ତଦାରଖ ବ୍ୟବସ୍ଥା ଅତ୍ୟାବଶ୍ୟକ ହେବ । ଶିକ୍ଷାନୁଷ୍ଠାନଗୁଡ଼ିକୁ ଛାଡ଼ କରାଯାଇଥିବା ଫି ପାଇଁ କ୍ଷତିପୂରଣ ଦେବା ପାଇଁ ପର୍ଯ୍ୟାପ୍ତ ଆର୍ଥିକ ସହାୟତା ପାଇବା ଆବଶ୍ୟକ ଯାହା ଦ୍ୱାରା ଶୈକ୍ଷିକ ମାନ ବାଧା ବିନା ବଜାୟ ରହିବ । ସମାଲୋଚକମାନେ ଯୁକ୍ତି ଦେଇପାରନ୍ତି ଯେ ଏପରି ବଡ଼ ଧରଣର କଲ୍ୟାଣକାରୀ ପଦକ୍ଷେପ ରାଜ୍ୟର ଆର୍ଥିକ ଉପରେ ଏକ ଯଥେଷ୍ଟ ଆର୍ଥିକ ବୋଝ ଲଦିଥାଏ । ସ୍ଥାୟୀତ୍ୱ ସମ୍ପର୍କରେ ଚିନ୍ତା ଧ୍ୟାନ ଦେବା ଯୋଗ୍ୟ ହେଲେ, ଶିକ୍ଷାରେ ନିବେଶକୁ ଖର୍ଚ୍ଚ ଭାବରେ ନୁହେଁ ବରଂ ଦୀର୍ଘକାଳୀନ ବିକାଶ ନିବେଶ ଭାବରେ ଦେଖାଯିବା ଉଚିତ । ଯେଉଁ ଦେଶ ଏବଂ ଅଞ୍ଚଳଗୁଡ଼ିକ ଗୁଣାତ୍ମକ ଶିକ୍ଷା ପ୍ରତି ସାର୍ବଜନୀନ ପ୍ରବେଶକୁ ପ୍ରାଥମିକତା ଦେଇଛନ୍ତି ସେମାନେ ନିରନ୍ତର ଭାବରେ ଶକ୍ତିଶାଳୀ ଆର୍ଥିକ ଅଭିବୃଦ୍ଧି, ଉଚ୍ଚ ଉତ୍ପାଦକତା ଏବଂ ଉତ୍ତମ ସାମାଜିକ ଫଳାଫଳ ପ୍ରଦର୍ଶନ କରିଛନ୍ତି । ଶିକ୍ଷିତ ଜନସଂଖ୍ୟାରୁ ମିଳୁଥିବା ଲାଭ - ନବସୃଜନ, ଉଦ୍ୟୋଗୀତା, ଦକ୍ଷ ମାନବଶକ୍ତି ଏବଂ ସୂଚନାପ୍ରାପ୍ତ ନାଗରିକତା ଦୃଷ୍ଟିରୁ - ତୁରନ୍ତ ଆର୍ଥିକ ଖର୍ଚ୍ଚ ଅପେକ୍ଷା ବହୁତ ଅଧିକ । ଏହା ସହିତ, ଓଡ଼ିଶାର ଏହି ପଦକ୍ଷେପ ଶିକ୍ଷାଗତ ସୁଗମତା ବୃଦ୍ଧି ଏବଂ ସମାନ ବିକାଶ ହାସଲ କରିବାର ବ୍ୟାପକ ଜାତୀୟ ଉଦ୍ଦେଶ୍ୟ ସହିତ ସମନ୍ୱିତ । ଏହା ଜାତୀୟ ଶିକ୍ଷା ନୀତିର ଭାବନାକୁ ପରିପୂର୍ଣ୍ଣ କରେ, ଯାହା ଅନ୍ତର୍ଭୁକ୍ତି, ବହୁବିଧ ଶିକ୍ଷା ଏବଂ ଉଚ୍ଚଶିକ୍ଷାରେ ବିସ୍ତାରିତ ଅଂଶଗ୍ରହଣ ଉପରେ ଗୁରୁତ୍ୱ ଦିଏ । ଯଦି ଦକ୍ଷତାର ସହିତ କାର୍ଯ୍ୟକାରୀ କରାଯାଏ, ତେବେ ଶିକ୍ଷାଗତ ସମାନତାକୁ ସୁଦୃଢ଼ କରିବାକୁ ଆକାଂକ୍ଷୀ ଅନ୍ୟ ରାଜ୍ୟଗୁଡ଼ିକ ପାଇଁ ଓଡ଼ିଶା ଏକ ମଡେଲ ଭାବରେ ଉଭା ହୋଇପାରିବ । ତଥାପି, ନୀତି ନିର୍ଦ୍ଧାରକମାନଙ୍କୁ ସ୍ୱୀକାର କରିବାକୁ ପଡିବ ଯେ କେବଳ ମାଗଣା ଶିକ୍ଷା ଶିକ୍ଷାଗତ ସଫଳତାର ସମସ୍ତ ପ୍ରତିବନ୍ଧକକୁ ଦୂର କରିପାରିବ ନାହିଁ । ପରିବହନ ଅସୁବିଧା, ଭାଷା ପ୍ରତିବନ୍ଧକ, ଡିଜିଟାଲ୍ ବିଭାଜନ, ପୁଷ୍ଟିକର ଅଭାବ ଏବଂ ଅପର୍ଯ୍ୟାପ୍ତ କ୍ୟାରିଅର ମାର୍ଗଦର୍ଶନ ଭଳି ସମସ୍ୟା ମଧ୍ୟ ଶିକ୍ଷାଗତ ଫଳାଫଳକୁ ପ୍ରଭାବିତ କରେ । ଏହି ନୀତିର ପ୍ରଭାବକୁ ସର୍ବାଧିକ କରିବା ପାଇଁ ଛାତ୍ରମାନଙ୍କୁ ଶୈକ୍ଷିକ, ଭାବପ୍ରବଣ ଏବଂ ଆର୍ଥିକ ଭାବରେ ସମର୍ଥନ କରୁଥିବା ଏକ ବ୍ୟାପକ ଇକୋସିଷ୍ଟମ ଆବଶ୍ୟକ । କଏ ରୁ ଚଏ ପର୍ଯ୍ୟନ୍ତ ମାଗଣା ଶିକ୍ଷା ଘୋଷଣା ଓଡ଼ିଶାର ବିକାଶ ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ । ଏହା ଏକ ଦୃଷ୍ଟିକୋଣକୁ ପ୍ରତିଫଳିତ କରେ ଯାହା ଜ୍ଞାନକୁ ପ୍ରଗତିର ମୂଳଦୁଆ ଭାବରେ ମୂଲ୍ୟ ଦିଏ ଏବଂ ଶିକ୍ଷାକୁ ଏକ ପରିବର୍ତ୍ତନକାରୀ ସାର୍ବଜନୀନ ମଙ୍ଗଳ ଭାବରେ ସ୍ୱୀକାର କରେ ।

# ଭାରତୀୟ ମୁସଲିମ ମହିଳା: ସମ୍ପ୍ରଦାୟରେ ନୂତନ ପରିବର୍ତ୍ତନର ସ୍ୱର

ଭାରତୀୟ ମୁସଲିମ ମହିଳାମାନଙ୍କର କାହାଣୀକୁ ଇତିହାସ ଓ ସାମାଜିକ ଆଲୋଚନାରେ ପ୍ରାୟତଃ ଅବହେଳା କରାଯାଇଛି । ସାଧାରଣତଃ ସେମାନଙ୍କୁ ନୀରବ ଓ ଯନ୍ତ୍ରଣା ଭୋଗୁଥିବା ଭାବରେ ଦର୍ଶାଯାଇଥାଏ, ଯାହା ସମ୍ପୂର୍ଣ୍ଣ ସତ୍ୟ ନୁହେଁ । ବାସ୍ତବରେ ଭାରତୀୟ ମୁସଲିମ ମହିଳାମାନେ ସାମାଜିକ ପରିବର୍ତ୍ତନ ଆଣିବାରେ, ବିଶ୍ୱାସ, ପରମ୍ପରା ଏବଂ ଆଧୁନିକ ଜୀବନକୁ ସନ୍ତୁଳିତ କରିବାରେ ସକ୍ରିୟ ଭୂମିକା ଗ୍ରହଣ କରିଛନ୍ତି ଏବଂ ସେମାନଙ୍କ ସମ୍ପ୍ରଦାୟର ଉନ୍ନତି ପାଇଁ ମଧ୍ୟ କାର୍ଯ୍ୟ କରିଛନ୍ତି । ଭୋପାଳର ରାଜଦରବାରରୁ ଆଜିର ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ସେମାନଙ୍କର ଯାତ୍ରା ଦର୍ଶାଏ ଦୃଢ଼ ନେତୃତ୍ୱ ଏବଂ ସ୍ପଷ୍ଟ ଦୃଷ୍ଟିକୋଣ ସାର୍ଥକ ପ୍ରଗତି ଆଣିପାରେ । ଏହି ଶକ୍ତିର ଉଦାହରଣ ଭୋପାଳର ଶାହଜାହାନ ବେଗମଙ୍କ ଭଳି ନେତୃତ୍ୱମାନଙ୍କ ମଧ୍ୟରେ ଦେଖିବାକୁ ମିଳେ, ଯେତେବେଳେ ମହିଳାମାନଙ୍କର ସାର୍ବଜନୀନ ଭୂମିକା ବହୁତ ସୀମିତ ଥିଲା, ସେତେବେଳେ ସେ ଭିତ୍ତିଭୂମି ନିର୍ମାଣ ଏବଂ ସାମାଜିକ କଲ୍ୟାଣରେ ଉନ୍ନତି ଉପରେ ଧ୍ୟାନ ଦେଇଥିଲେ । ସେ ପ୍ରମାଣ କରିଥିଲେ ଯେ ନେତୃତ୍ୱ ଏବଂ ଇସଲାମିକ୍ ପରିଚୟ ସହଯାତ୍ରୀ ହୋଇପାରେ, ଏବଂ ତାଙ୍କ କାର୍ଯ୍ୟ ଦେଖାଇଥିଲା ଯେ ଶିକ୍ଷା ହେଉଛି ସ୍ୱାଧୀନତା ଏବଂ ପ୍ରଗତିର ମୂଳ ଚାବିକାଠି ।

ଆଧୁନିକ ସମୟରେ ସଶକ୍ତିକରଣର ଏହି ପରମ୍ପରାକୁ ଆହୁରି ଶକ୍ତିଶାଳୀ କରୁଛି ସରକାରଙ୍କର ଯୋଜନାବଦ୍ଧ ପଦକ୍ଷେପ, ଯାହା ପ୍ରଗତି ପାଇଁ ଆବଶ୍ୟକ ଗଠନାତ୍ମକ ସହଯୋଗ ଯୋଗାଇବାକୁ ଲକ୍ଷ୍ୟ କରିଛି । ସରକାର ଏପରି ଅନେକ ବିଶେଷ ଯୋଜନା ଆରମ୍ଭ କରିଛନ୍ତି, ଯାହା ଏହି 'ପରିବର୍ତ୍ତନର ବାହକ' ମହିଳାମାନଙ୍କୁ ସଫଳତା ପାଇଁ ଆବଶ୍ୟକ ସମ୍ବଳ ସୁଯୋଗ ଦେଇଥାଏ । ଏହି ଯୋଜନାଗୁଡ଼ିକ ସମ୍ଭାବନା ଓ ସଫଳତା ମଧ୍ୟରେ ଏକ ସେତୁ ଭଳି କାମ କରେ, କାରଣ ସେମାନେ ସଂଖ୍ୟାଲଘୁ ମହିଳାମାନଙ୍କ ସମ୍ମୁଖୀନ ବିଶେଷ ସାମାଜିକ ଓ ଆର୍ଥିକ ସମସ୍ୟାଗୁଡ଼ିକୁ ଲକ୍ଷ୍ୟକରି ସମାଧାନ ଦେଇଥାନ୍ତି । ଉଦାହରଣ ସ୍ୱରୂପ, ନଇ ରୋଶନି ସଂଖ୍ୟାଲଘୁ ମହିଳାମାନଙ୍କ ମଧ୍ୟରେ ନେତୃତ୍ୱ ବିକାଶ ପାଇଁ ଏକ ମୁଖ୍ୟ ଯୋଜନା ଭାବେ ପରିଚିତ । ଏହାର ଲକ୍ଷ୍ୟ ହେଉଛି ମହିଳାମାନଙ୍କ ମନରେ ଆତ୍ମବିଶ୍ୱାସ ଜଗାଇବା ଓ ସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ ଏବଂ ଅନ୍ୟାନ୍ୟ ପ୍ରତିଷ୍ଠାନ ସହିତ କିପରି ସମ୍ପର୍କ ସ୍ଥାପନ କରିବେ, ସେ ବିଷୟରେ ଜ୍ଞାନ ଦେବା । ଡିଜିଟାଲ୍ ସାକ୍ଷରତା, ଆଇନଗତ ଅଧିକାର ଓ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ପ୍ରଶିକ୍ଷଣ ଦେଇ, ଏହି କାର୍ଯ୍ୟକ୍ରମ ମହିଳାମାନଙ୍କୁ ଘରର ସୀମା ପାର କରି ସକ୍ରିୟ ନେତୃତ୍ୱ ଭୂମିକା ନେବାକୁ ପ୍ରେରଣା ଦେଉଛି । ଏହା ନିରାଶା ଓ ଅସହାୟତାରୁ ସଚେତନ ଭାଗୀଦାରି ଓ ସଶକ୍ତିକରଣ ଦିଗକୁ ଯିବାରେ ସିଧାସଳଖ ସହଯୋଗ କରୁଛି ।

ଶିକ୍ଷାକୁ ପ୍ରଗତିର ପ୍ରମୁଖ ଶକ୍ତି ଭାବେ ରଖୁବା ପାଇଁ, ବେଗମ ହଜରତ ମହଲ ଜାତୀୟ ଛାତ୍ରବୃତ୍ତି ମେଧାବୀ ଛାତ୍ରୀମାନଙ୍କୁ ଆବଶ୍ୟକ ଆର୍ଥିକ ସହାୟତା ପ୍ରଦାନ କରୁଛି । ନବମ ରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀମାନଙ୍କୁ ସହାୟତା ପ୍ରଦାନ କରି, ସରକାର ପାଠ ଛାଡିବା ହାର କମାଇବା ଓ ଆର୍ଥିକ ପ୍ରତିବନ୍ଧକ କୌଣସି ଝିଅର ଶିକ୍ଷା ଯାତ୍ରାକୁ ଅଟକାଇ ନଦେବାକୁ ସକ୍ରିୟ ଭାବରେ କାର୍ଯ୍ୟ କରୁଛନ୍ତି । ଏହା ବ୍ୟତୀତ, ଶିଖୋ ଔର କମାଓ (ଶିଖନ୍ତୁ ଏବଂ ରୋଜଗାର କରନ୍ତୁ) ଯୋଜନା ଆଧୁନିକ ଏବଂ ପାରମ୍ପରିକ ଉଭୟ ବୃତ୍ତିରେ ବୃତ୍ତିଗତ ତାଲିମ ମାଧ୍ୟମରେ ଆର୍ଥିକ ସ୍ୱାଧୀନତାକୁ ପ୍ରୋତ୍ସାହନ ଦେଉଛି । ଅତି କମରେ ୩୩% ଆସନ ସଂଖ୍ୟାଲଘୁ ଝିଅ ଓ ମହିଳାମାନଙ୍କ ପାଇଁ ସଂରକ୍ଷିତ ରହିଛି । ଏହି ଯୋଜନାଗୁଡ଼ିକ ନିଶ୍ଚିତ କରେ ଯେ ମହିଳାମାନେ ଆର୍ଥିକ ଭାବରେ ସ୍ୱାଧୀନ ହେବା ପାଇଁ ଆବଶ୍ୟକୀୟ ଦକ୍ଷତା ହାସଲ କରନ୍ତି, ଯାହା ଫଳରେ ସମଗ୍ର ପରିବାର ଏବଂ ସମ୍ପ୍ରଦାୟକୁ ଲାଭ ମିଳିଥାଏ । ଆଧୁନିକ ସମୟର ନେତୃତ୍ୱମାନେ ମଧ୍ୟ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରତିବନ୍ଧକସବୁକୁ ଭାଙ୍ଗି ଆଗକୁ ବଢୁଛନ୍ତି । ଆଲିଗଡ଼ ମୁସଲିମ ବିଶ୍ୱବିଦ୍ୟାଳୟର ପ୍ରଥମ ମହିଳା ଉପାଚାର୍ଯ୍ୟ ଡକ୍ଟର ନଇମା ଖାତୁନ୍ ଶହେ ବର୍ଷରୁ ଅଧିକ ସମୟ ଧରି ରହିଥିବା ଏକ ପ୍ରତିବନ୍ଧକକୁ ଭାଙ୍ଗି ଦେଇଛନ୍ତି । ତାଙ୍କ ନେତୃତ୍ୱ ଦର୍ଶାଉଛି ଯେ ଯୁବତୀମାନଙ୍କ ପାଇଁ ସୁଯୋଗ ଗଠନରେ ଶିକ୍ଷା ଅନୁଷ୍ଠାନଗୁଡ଼ିକ କେତେ ଗୁରୁତ୍ୱପୂର୍ଣ୍ଣ, । ସେମାନେ ପ୍ରଶାସନିକ ଓ ରାଜନୈତିକ ସମସ୍ୟାଗୁଡ଼ିକୁ ସଫଳତାର ସହ ସମ୍ମୁଖୀନ ହୋଇ ଶିକ୍ଷାଗତ ସଶକ୍ତିକରଣର ପ୍ରତୀକ ହୋଇଉଠୁଛନ୍ତି । ଆଉ ଏକ ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତିତ୍ୱ ହେଉଛନ୍ତି ଡକ୍ଟର ସଇଦା ହମିଦ, ଯିଏ ଭାରତର ଯୋଜନା କମିଶନ ସହିତ କାମ କରିଥିଲେ ଏବଂ ମୁସଲିମ ମହିଳାଙ୍କ ଅସ୍ୱୀକାର ପାଇଁ ଗୁରୁତ୍ୱାରୋପ କରିଥିଲେ । ତାଙ୍କର କାର୍ଯ୍ୟ ଜାତୀୟ ନୀତିରେ ଉପେକ୍ଷିତ ଲୋକଙ୍କ ସ୍ୱରକୁ ଅନ୍ତର୍ଭୁକ୍ତ କରିବାର ଆବଶ୍ୟକତାକୁ ଆଲୋକପାତ କରିଥିଲା । ସେହିପରି, ବିଲକିସ୍ ଲତିଫ୍ ବସ୍ତି ସମ୍ପ୍ରଦାୟର କଲ୍ୟାଣ ପାଇଁ କାର୍ଯ୍ୟ କରିଥିଲେ ଏବଂ ଦେଖାଇଥିଲେ ଯେ ଦକ୍ଷତା ବିକାଶ ମହିଳାମାନଙ୍କୁ ସେମାନଙ୍କର ଯୋଗ୍ୟ ସ୍ୱାଧୀନତା ହାସଲ କରିବାରେ ସାହାଯ୍ୟ କରେ । ଏହି ପ୍ରଗତିରେ ଏକ ପ୍ରମୁଖ ଅଂଶ ହେଉଛି କେତେ ମୁସଲିମ ମହିଳା ଧାର୍ମିକ ପ୍ରଥା ଉପରେ ପୁନର୍ବିଚାର କରୁଛନ୍ତି । ଧର୍ମକୁ ଏକ ସୀମା ଭାବରେ ଦେଖିବା ପରିବର୍ତ୍ତେ, ସେମାନେ ଲିଙ୍ଗଗତ ନ୍ୟାୟକୁ ସମର୍ଥନ କରିବା ପାଇଁ ଇସଲାମିକ ଶିକ୍ଷା ବ୍ୟବହାର କରୁଛନ୍ତି । ସେମାନେ ସାଂସ୍କୃତିକ ପରମ୍ପରାକୁ କୁରାନରେ ସମାନତାର ପ୍ରକୃତ ବାର୍ତ୍ତାଠାରୁ ପୃଥକ କରୁଛନ୍ତି, ଯାହା ବିବାହ ଅଧିକାର, ଉତ୍ତରାଧିକାର ଏବଂ ଶିକ୍ଷା ଭଳି ପ୍ରସଙ୍ଗଗୁଡ଼ିକୁ ସମାଧାନ କରିବାରେ ସାହାଯ୍ୟ କରେ । ଏହି ପଦ୍ଧତି ନିଶ୍ଚିତ କରେ ଯେ ଧର୍ମ ପ୍ରତିବନ୍ଧକ ବଦଳରେ ଶକ୍ତିର ଉତ୍ସ ହୋଇଯାଏ । ଶିକ୍ଷା, ଦକ୍ଷତା ଏବଂ ସାମାଜିକ ସଚେତନତା ମାଧ୍ୟମରେ, ଏହି ମହିଳାମାନେ କେବଳ ପରିବର୍ତ୍ତନର ଅଂଶ ନୁହଁନ୍ତି ବରଂ ଏହାକୁ ମର୍ଯ୍ୟାଦା, ଅନ୍ତର୍ଭୁକ୍ତି ଏବଂ ଜ୍ଞାନ ଉପରେ ଆଧାରିତ ଭବିଷ୍ୟତ ଆଡ଼କୁ ନେଇ ଯାଉଛନ୍ତି ।

ସେମାନଙ୍କର ପ୍ରୟାସ କେବଳ ଧର୍ମ କିମ୍ବା ଶିକ୍ଷା ପର୍ଯ୍ୟନ୍ତ ସୀମିତ ନୁହେଁ; ସେମାନେ ସମାଜରେ ଏକ ନିରପେକ୍ଷ ଏବଂ ଦୃଶ୍ୟମାନ ସ୍ଥାନ ସୁରକ୍ଷିତ କରିବା ପାଇଁ ମଧ୍ୟ କାର୍ଯ୍ୟ କରୁଛନ୍ତି । ମୁସଲିମ ମହିଳାମାନେ ଆଗକୁ ବଢ଼ି ପ୍ରମାଣ କରୁଛନ୍ତି ଯେ ଜଣେ ବିଶ୍ୱାସକୁ ଅନୁସରଣ କରିପାରିବେ ଏବଂ ବୃତ୍ତିଗତ ଭାବରେ ମଧ୍ୟ ସଫଳ ହୋଇପାରିବେ । ଗଣମାଧ୍ୟମ, କଳା ଏବଂ ସାର୍ବଜନୀନ କ୍ଷେତ୍ରରେ, ଯୁବ ମୁସଲିମ ମହିଳାମାନେ ସେମାନଙ୍କ କାମରେ ଭଲ ପ୍ରଦର୍ଶନ କରି ଷ୍ଟେରିଓଟାଇପ୍‌ଗୁଡ଼ିକୁ ଆହ୍ୱାନ କରୁଛନ୍ତି । ସେମାନଙ୍କର ଦୃଶ୍ୟମାନତା ନିଜେ ପରିବର୍ତ୍ତନର ଏକ ଶକ୍ତିଶାଳୀ ରୂପ ହୋଇଯାଏ, ଅନ୍ୟମାନଙ୍କୁ ପ୍ରେରଣା ଦିଏ ଏବଂ ପ୍ରତ୍ୟେକ କ୍ଷେତ୍ରରେ ସେମାନଙ୍କର ଅନ୍ତର୍ଭୁକ୍ତ ବୋଲି ଦର୍ଶାଏ । ସେମାନେ ସାମ୍ପ୍ରଦାୟିକ ସଦ୍ଭାବ ଏବଂ ସରକାରୀ ଯୋଜନାଗୁଡ଼ିକର ଉତ୍ତମ ପ୍ରବେଶ ପାଇଁ କାମ କରୁଛନ୍ତି, ଅସହାୟତାରୁ ସକ୍ରିୟ ଅଂଶଗ୍ରହଣକୁ ପ୍ରତିଛବିକୁ ପରିବର୍ତ୍ତନ କରୁଛନ୍ତି । କ୍ରୀଡା ଏବଂ ସାମାଜିକ କାର୍ଯ୍ୟରେ, ମହିଳାମାନେ ସ୍ୱୀକୃତି ପାଉଛନ୍ତି ଏବଂ ଆଦର୍ଶ ହୋଇପାରୁଛନ୍ତି । ଏହି ସଫଳତା ପରିବାରକୁ ଝିଅମାନଙ୍କ ଶିକ୍ଷାରେ ବିନିଯୋଗ କରିବାକୁ ଏବଂ ଆଭ୍ୟନ୍ତରୀଣ ଏବଂ ବାହ୍ୟ ପ୍ରତିବନ୍ଧକଗୁଡ଼ିକୁ ଭାଙ୍ଗିବାରେ ସାହାଯ୍ୟ କରିବାକୁ ଉତ୍ସାହିତ କରୁଛି । ବିଶ୍ୱାସ ଦ୍ୱାରା ପରିଚାଳିତ ଏବଂ ବିଭିନ୍ନ ସରକାରୀ ପ୍ରୟାସ ଦ୍ୱାରା ତ୍ୱରାନ୍ୱିତ ଭାରତୀୟ ମୁସଲିମ ମହିଳାମାନଙ୍କର ପ୍ରଗତି ସମଗ୍ର ସମାଜ ଏବଂ ଜାତି ପାଇଁ ମର୍ଯ୍ୟାଦା ଏବଂ ଅଭିବୃଦ୍ଧିର ମୂଳଦୁଆ ନିର୍ମାଣ କରୁଛି ।

- ଅଲତାଫ୍ ମିର୍
ପିଏଚ. ଡି. ଜାମିଆ ମିଲିଆ ଇସଲାମିଆ

# ଅପମାନରୁ ପରିଚୟ ପର୍ଯ୍ୟନ୍ତ

## କକ୍ରୋଚ ଜନତା ଦଳର ଉତ୍ଥାନ ଭାରତର ଯୁବପିଢ଼ିଙ୍କ ବିଷୟରେ କ'ଣ ପ୍ରକାଶ କରେ ?



ଡକ୍ଟର ନୀଳମଣୀ ସୂତାର

ଏକ ଅସମ୍ଭବ ପ୍ରତୀକ ସମ୍ପ୍ରତି ହଜାର ହଜାର ଯୁବ ଭାରତୀୟଙ୍କ କଳ୍ପନାକୁ କବଳିତ କରିଛି : ଭାରତର ପ୍ରଧାନ ବିଚାରପତି କିଛି ବେକାର ଯୁବକଙ୍କୁ ' କୋକରାଚ ' ସହିତ ତୁଳନା କରିବା ପାଇଁ ବିବାଦୀୟ ମନ୍ତବ୍ୟର ଏକ କ୍ରୋଧିତ ପ୍ରତିକ୍ରିୟା ଭାବରେ ଯାହା ଆରମ୍ଭ ହୋଇଥିଲା ତାହା ସାମ୍ପ୍ରତିକ ସ୍ମୃତିରେ ସବୁଠାରୁ ଅସାଧାରଣ ଡିଜିଟାଲ ରାଜନୈତିକ ଘଟଣାରେ ପରିଣତ । 'କକ୍ରୋଚ ଜନତା ପାର୍ଟି' ପ୍ରାରମ୍ଭିକ ବ୍ୟଙ୍ଗ ଭାବରେ କଳ୍ପନା କରାଯାଇଥିଲା, ତାହା ଯୁବ ହତାଶାର ଏକ ବ୍ୟାପକ ଅଭିବ୍ୟକ୍ତିରେ ପରିଣତ ହୋଇଛି, ହଜାର ହଜାର ସମର୍ଥକଙ୍କୁ ଆକର୍ଷିତ କରିଛି ଏବଂ ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମରେ ଲକ୍ଷ ଲକ୍ଷ ପାରସ୍ପରିକ କ୍ରିୟା ସୃଷ୍ଟି କରିଛି । ପ୍ରଥମ ନଜରରେ, ଆନ୍ଦୋଳନ ଅଯଥା ମନେହୁଏ । ସମାଜର ସବୁଠାରୁ ଘୃଣିତ କୀଟପତଙ୍ଗମାନଙ୍କ ମଧ୍ୟରୁ ଗୋଟିଏ ନାମରେ ନାମିତ ଏକ ରାଜନୈତିକ ସଂଗଠନ ଗମ୍ଭୀର ସାର୍ବଜନୀନ ଆଲୋଚନା ଅପେକ୍ଷା ଇଣ୍ଟରନେଟ୍ ମିମ୍ ପାଇଁ ଅଧିକ ଉପଯୁକ୍ତ ମନେହୁଏ । ତଥାପି ସିଜେପିକୁ କେବଳ ଅନ୍ୟ ଏକ ଭାଇରାଲ୍ ଧାରା ଭାବରେ ଖାରଜ କରିବା ଏକ ଭୁଲ ହେବ । ହାସ୍ୟରସ, ବ୍ୟଙ୍ଗ ଏବଂ ଡିଜିଟାଲ୍ ସୃଜନଶୀଳତା ପଛରେ ଭାରତର ଯୁବ ପିଢ଼ିର ଚିନ୍ତା ବିଷୟରେ ଏକ ଗଭୀର କାହାଣୀ ରହିଛି । ସିଜେପି ପ୍ରତି ଅସାଧାରଣ ପ୍ରତିକ୍ରିୟା ଏକ ଅସହଜ ସତ୍ୟ ପ୍ରକାଶ କରେ: ଅନେକ ଯୁବ ଭାରତୀୟ ସେମାନଙ୍କୁ ପ୍ରତିନିଧିତ୍ୱ ଏବଂ ସୁରକ୍ଷା ଦେବା ପାଇଁ ଉଦ୍ଦିଷ୍ଟ ସଂସ୍ଥାଗୁଡ଼ିକଠାରୁ ଅଶୁଣା, ଅବମାନିତ ଏବଂ କ୍ରମାଗତ ଭାବରେ ବିଚ୍ଛିନ୍ନ ଅନୁଭବ କରନ୍ତି ।

'କକ୍ରୋଚ ଶବ୍ଦକୁ ଗ୍ରହଣ କରି, ସିଜେପିର ସମର୍ଥକମାନେ ଅପମାନ ଭାବରେ କଥିତ ହୋଇଥିବା କଥାକୁ ସ୍ଥିରତାର ପ୍ରତୀକରେ ପରିଣତ କରିଥିଲେ । କକ୍ରୋଚ ବଞ୍ଚି ରହିଛନ୍ତି । ସେମାନେ ପ୍ରତିକୂଳ ପରିବେଶ ସହିତ ଖାପ ଖୁଆଇଥାନ୍ତି, କଠିନ ପରିସ୍ଥିତି ସହ୍ୟ କରନ୍ତି ଏବଂ ସେମାନଙ୍କୁ ଦୂର କରିବାକୁ ବାରମ୍ବାର ଚେଷ୍ଟା କରିବା ସତ୍ତ୍ୱେ ଅଟଳ ରହିଥାନ୍ତି । ଭାରତର ଯୁବପିଢ଼ିର ପରିପ୍ରେକ୍ଷୀରେ, ଏହି ରୂପକ ଦୃଢ଼ ଭାବରେ ପ୍ରତିଧ୍ୱନିତ ହୋଇଥିଲା । ବେକାରୀ, ପ୍ରତିଯୋଗିତାମୂଳକ ପରୀକ୍ଷା, ବର୍ଦ୍ଧିତ ଜୀବନଯାପନ ଖର୍ଚ୍ଚ ଏବଂ ଅନିଶ୍ଚିତ କ୍ୟାରିଅର ସମ୍ଭାବନାକୁ ନେଭିଗେଟ୍ କରୁଥିବା ଅନେକ ଯୁବକ ସେମାନଙ୍କ ନିଜ ସଂଘର୍ଷର ପ୍ରତିଫଳନ ଦେଖିଥିଲେ । କେବଳ କ୍ରୋଧ ସହିତ ପ୍ରତିକ୍ରିୟା କରିବା ପରିବର୍ତ୍ତେ, ସେମାନେ ବିଡ଼ମ୍ବନା ସହିତ ପ୍ରତିକ୍ରିୟା କରିଥିଲେ । ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମରେ ମିମସ ବନ୍ୟା ଆସିଥିଲା । ବ୍ୟଙ୍ଗାତ୍ମକ ଘୋଷଣାପତ୍ର ଉଭା ହୋଇଥିଲା । ଅମଲାତନ୍ତ୍ରର ଅଦକ୍ଷତା ଏବଂ ବ୍ୟବସ୍ଥାଗତ ବିଫଳତାକୁ ଉପହାସ କରୁଥିବା ଭିଡିଓଗୁଡ଼ିକ ଆକର୍ଷଣ ହାସଲ କରିଥିଲା । ହାସ୍ୟରସ ପ୍ରତିରୋଧର ଏକ ରୂପ ହୋଇଗଲା । ଏହା ରାଜନୈତିକ ସମ୍ପର୍କର ଭାଷାରେ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନକୁ ପ୍ରତିନିଧିତ୍ୱ କରେ । ପାରମ୍ପରିକ ରାଜନୈତିକ ଅଂଶଗ୍ରହଣ ପ୍ରାୟତଃ ଭାଷଣ, ରାଲି ଏବଂ ଆଦର୍ଶଗତ ବିତର୍କ ଉପରେ ନିର୍ଭର କରେ । ତଥାପି, ଜେନେରେସନ ତ ମିମ୍ସ, ଛୋଟ ଭିଡିଓ ଏବଂ ଡିଜିଟାଲ୍ କାହାଣୀ ମାଧ୍ୟମରେ ଅଧିକରୁ ଅଧିକ ଯୋଗାଯୋଗ କରୁଛି । ସେମାନଙ୍କ ପାଇଁ, ବ୍ୟଙ୍ଗ ରାଜନୀତିରୁ ବିଭ୍ରାନ୍ତିକର ନୁହେଁ; ଏହା ରାଜନୀତି ।

ଅନିଶ୍ଚିତତା ଦ୍ୱାରା ଭାରାକ୍ରାନ୍ତ ଏକ ପିଢ଼ି ଭାରତରେ ଯୁବ ଅସନ୍ତୋଷର ବ୍ୟାପକ ପରିପ୍ରେକ୍ଷୀକୁ ପରୀକ୍ଷା ନକରି ସିଜେପିର ଦ୍ରୁତ ଲୋକପ୍ରିୟତା ବୁଝିହେବ ନାହିଁ । ଭାରତରେ ବିଶ୍ୱର ସବୁଠାରୁ ଯୁବ ଜନସଂଖ୍ୟା ମଧ୍ୟରୁ ଗୋଟିଏ, ଏକ ଜନସଂଖ୍ୟାଗତ ସୁବିଧା ଯାହାକୁ ପ୍ରାୟତଃ ଦେଶର ସର୍ବବୃହତ ସମ୍ପତ୍ତି ଭାବରେ ପାଳନ କରାଯାଏ । ତଥାପି ଜନସଂଖ୍ୟାଗତ ଲାଭାଂଶ ସ୍ୱୟଂଚାଳିତ ନୁହେଁ । ସେମାନଙ୍କୁ ଗୁଣାତ୍ମକ ଶିକ୍ଷା, ନିଯୁକ୍ତି ସୁଯୋଗ ଏବଂ ସଂସ୍ଥାଗତ ପ୍ରତିକ୍ରିୟାଶୀଳତା ଆବଶ୍ୟକ । ଆଜି ଅନେକ ଯୁବ ଭାରତୀୟ ଏକ ବର୍ଦ୍ଧିତ ପ୍ରତିଯୋଗିତାମୂଳକ ପରିବେଶର ସମ୍ମୁଖୀନ ହେଉଛନ୍ତି । ପ୍ରବେଶ ପରୀକ୍ଷା ଶିକ୍ଷାଗତ ଭବିଷ୍ୟତ ନିର୍ଣ୍ଣୟ କରେ, ନିଯୁକ୍ତି ପ୍ରକ୍ରିୟାଗୁଡ଼ିକ ପ୍ରାୟତଃ ବିବାଦର ବିଷୟ ହୋଇଯାଏ ଏବଂ ନିଯୁକ୍ତି ସୁଯୋଗଗୁଡ଼ିକ ଆକାଂକ୍ଷା ସହିତ ତାଳ ଦେଇ ଚାଲିବାରେ ବିଫଳ ହୁଏ । ଫଳସ୍ୱରୂପ ଏକ ପିଢ଼ି ଯାହା ଶିକ୍ଷିତ, ଡିଜିଟାଲ୍ ଭାବରେ ସଂଯୁକ୍ତ, ରାଜନୈତିକ ଭାବରେ ସଚେତନ, କିନ୍ତୁ ପ୍ରାୟତଃ ଆର୍ଥିକ ଭାବରେ ଅସୁରକ୍ଷିତ । ଯେତେବେଳେ ଅନୁଷ୍ଠାନଗୁଡ଼ିକ ଏହି ଚିନ୍ତାଗୁଡ଼ିକୁ ଖାରଜ କରୁଥିବା ଦେଖାଯାଏ, ଅନିଚ୍ଛାକୃତ ଭାବରେ ମଧ୍ୟ, ହତାଶା ଜମା ହୁଏ । ସିଜେପିର ସଫଳତା କେବଳ ଏକ ନିର୍ଦ୍ଦିଷ୍ଟ ବିବୃତ୍ତି ସହିତ ଅସହମତି ନୁହେଁ ବରଂ ଯୁବ ସଂଘର୍ଷ ପ୍ରତି ଉଦାସୀନ ଭାବରେ ବିବେଚିତ ଏକ ବୃହତ ଇକୋସିଷ୍ଟମ ପ୍ରତି ଅସନ୍ତୋଷକୁ ପ୍ରତିଫଳିତ କରେ । ଯୁବକମାନଙ୍କ ଠାରୁ ବାର୍ତ୍ତା ସ୍ପଷ୍ଟ ମନେହୁଏ: ସେମାନେ ସହାନୁଭୂତି ଚାହାଁନ୍ତି ନାହିଁ । ସେମାନେ ସ୍ୱୀକୃତି, ସୁଯୋଗ ଏବଂ ସମ୍ମାନ ଚାହାଁନ୍ତି । ଡିଜିଟାଲ୍ ରାଜନୀତିର ଶକ୍ତି ସିଜେପିର



ଉଦୟ ଡିଜିଟାଲ୍ ଯୁଗରେ ରାଜନୈତିକ ଗତିଶୀଳତା କିପରି ପରିବର୍ତ୍ତନ ହେଉଛି ତାହା ମଧ୍ୟ ଉଲ୍ଲେଖ କରେ । ସାମାଜିକ ଗଣମାଧ୍ୟମ ସାଧାରଣ ଆଲୋଚନାରେ ଅଂଶଗ୍ରହଣକୁ ଗଣତାନ୍ତ୍ରିକ କରିଛି । ବ୍ୟକ୍ତିବିଶେଷଙ୍କୁ ଆଉ ଆଲୋଚନାକୁ ପ୍ରଭାବିତ କରିବା ପାଇଁ ଦଳୀୟ ସଦସ୍ୟତା କିମ୍ବା ସଂଗଠନ ଭିତ୍ତିଭୂମିର ଆବଶ୍ୟକତା ନାହିଁ । ସମ୍ପର୍କିତ ବିଷୟବସ୍ତୁ ସହିତ ଏକ ଆକର୍ଷଣୀୟ କାହାଣୀ ଦିନ ମଧ୍ୟରେ ଲକ୍ଷ ଲକ୍ଷ ଲୋକଙ୍କ ପାଖରେ ପହଞ୍ଚିପାରେ । ପାରମ୍ପରିକ ରାଜନୈତିକ ସଂଗଠନ ପରି ନୁହେଁ, ଡିଜିଟାଲ୍ ଆନ୍ଦୋଳନଗୁଡ଼ିକ ସ୍ୱତଃସ୍ଫୂର୍ତ୍ତିରେ ବୃଦ୍ଧି ପାଏ । ସେମାନେ ବିକେନ୍ଦ୍ରୀକରଣ, ଅତ୍ୟନ୍ତ ଅନୁକୂଳନଶୀଳ ଏବଂ ଭାବପ୍ରବଣ ଭାବରେ ପ୍ରତିଧ୍ୱନିତ । ସେମାନଙ୍କର ଶକ୍ତି ଆନୁଷ୍ଠାନିକ ଗଠନରେ ନୁହେଁ ବରଂ ସାମୂହିକ ଭାବନାକୁ କବଜା କରିବାର କ୍ଷମତାରେ ରହିଛି । ତଥାପି, ଏହି ମଡେଲ୍ ସୀମାବଦ୍ଧତା ସହିତ ଆସିଥାଏ । ଅନଲାଇନ୍ ଯୋଗଦାନ ସ୍ୱୟଂଚାଳିତ ଭାବରେ ଅର୍ଥପୂର୍ଣ୍ଣ ରାଜନୈତିକ ପରିବର୍ତ୍ତନରେ ପରିଣତ ହୁଏ ନାହିଁ । ଅନୁଗାମୀମାନେ ଭୋଟର ନୁହଁନ୍ତି । ଭାଇରାଲ୍ ହ୍ୟାସଟ୍ୟାଗ୍ ନୀତି ପ୍ରସ୍ତାବ ନୁହେଁ । ମିମ୍ ସମସ୍ୟାଗୁଡ଼ିକୁ ସ୍ପଟଲାଇଟ୍ କରିପାରିବ, କିନ୍ତୁ ସେମାନେ ନିଜେ ସେଗୁଡ଼ିକୁ ସମାଧାନ କରିପାରିବେ ନାହିଁ । ସିଜେପି ଭଳି ଆନ୍ଦୋଳନ ପାଇଁ ଚ୍ୟାଲେଞ୍ଜ ହେଉଛି ସାଂକେତିକ ପ୍ରତିବାଦରୁ ଗଠନମୂଳକ ସମ୍ପର୍କ ଆଡ଼କୁ ଆଗକୁ ବଢ଼ିବା । ଗତିକୁ ସ୍ଥାୟୀ କରିବା ପାଇଁ ସ୍ପଷ୍ଟ ଉଦ୍ଦେଶ୍ୟ, ବିଶ୍ୱସନୀୟ ନେତୃତ୍ୱ ଏବଂ ବ୍ୟବହାରିକ ସମାଧାନ ଆବଶ୍ୟକ । ଏହି ଉପାଦାନଗୁଡ଼ିକ ବିନା, ଡିଜିଟାଲ୍ ସକ୍ରିୟତା ପରିବର୍ତ୍ତନକାରୀ ହେବା ପରିବର୍ତ୍ତେ କାର୍ଯ୍ୟକ୍ଷମ ହେବାର ବିପଦ ଥାଏ । କାହିଁକି ଅନୁଷ୍ଠାନଗୁଡ଼ିକ ଶୁଣିବାକୁ ପଡିବ ସିଜେପି ଘଟଣାରୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ଅନୁଷ୍ଠାନ ଏବଂ ନାଗରିକଙ୍କ ମଧ୍ୟରେ ସମ୍ପର୍କକୁ ନେଇ ଉଦ୍ଦିଷ୍ଟ । ଗଣତାନ୍ତ୍ରିକ ପ୍ରତିଷ୍ଠାନ ଗୁଡ଼ିକ କେବଳ ସାମ୍ବିଧାନିକ କର୍ତ୍ତୃପକ୍ଷରୁ ନୁହେଁ ବରଂ ଜନସାଧାରଣଙ୍କ ବିଶ୍ୱାସରୁ ମଧ୍ୟ ବୈଧତା ପାଆନ୍ତି । ଭାଷା ଗୁରୁତ୍ୱପୂର୍ଣ୍ଣ । ସରକାରୀ ଅଧିକାରୀମାନେ, ବିଶେଷକରି ପ୍ରଭାବଶାଳୀ ପଦବୀରେ ଥିବା ବ୍ୟକ୍ତିମାନେ, ଏହା ସ୍ୱୀକାର କରିବା ଉଚିତ ଯେ ସେମାନଙ୍କ କଥାର ଭାର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ପୂର୍ବରୁ ବହିଷ୍କାର ଭାବନା ସହିତ ସଂଘର୍ଷ କରୁଥିବା ଯୁବକମାନେ ବିଶେଷ ଭାବରେ ଏପରି କାହାଣୀ ପ୍ରତି ସମ୍ବେଦନଶୀଳ ଯାହା ସେମାନଙ୍କ ଅଭିଜ୍ଞତାକୁ ଖାରଜ କରୁଥିବା ପରି ମନେହୁଏ । ଅନିଚ୍ଛାକୃତ ମନ୍ତବ୍ୟ ମଧ୍ୟ ଅନୁଷ୍ଠାନ ଏବଂ ସାଧାରଣ ନାଗରିକଙ୍କ ମଧ୍ୟରେ ବିଚ୍ଛିନ୍ନତାର ଧାରଣାକୁ ଦୃଢ଼ କରିପାରିବ । ସମାଧାନ ସେନ୍ସରସିପ୍ କିମ୍ବା ପ୍ରତିରକ୍ଷା ନୁହେଁ । ଏହା ଆଲୋଚନା । ଅନୁଷ୍ଠାନଗୁଡ଼ିକୁ ଏପରି ସ୍ଥାନ ସୃଷ୍ଟି କରିବା ଉଚିତ ଯେଉଁଠାରେ ଯୁବପିଢ଼ି ଉପହାସ କିମ୍ବା ବହିଷ୍କାରର ଭୟ ବିନା ଚିନ୍ତା ପ୍ରକାଶ କରିପାରିବେ । ନୀତି ନିର୍ଦ୍ଧାରକମାନେ ବେକାରୀ, ଶିକ୍ଷାଗତ ସଂସ୍କାର, ମାନସିକ ସ୍ୱାସ୍ଥ୍ୟ ଚାପ ଏବଂ ଆର୍ଥିକ ଅସୁରକ୍ଷା ଭଳି ସମସ୍ୟାଗୁଡ଼ିକ ସହିତ ଆନ୍ତରିକତାର ସହ ଜଡିତ ହେବା ଉଚିତ । ଶୁଣିବା ଦୁର୍ବଳତାର ଲକ୍ଷଣ ନୁହେଁ । ଗଣତନ୍ତ୍ରରେ, ଏହା ଏକ ଦାୟିତ୍ୱ । ରାଜନୈତିକ ବ୍ୟଙ୍ଗର ଦୁଇଧାରୀ ଖଣ୍ଡା ରାଜନୈତିକ ବ୍ୟଙ୍ଗ ଦୀର୍ଘ ଦିନ ଧରି ଗଣତାନ୍ତ୍ରିକ ସମାଜରେ ଏକ ଅତ୍ୟାବଶ୍ୟକ ଭୂମିକା ଗ୍ରହଣ କରିଆସିଛି । ଏହା କର୍ତ୍ତୃପକ୍ଷଙ୍କୁ ଚ୍ୟାଲେଞ୍ଜ କରେ, ବିରୋଧାଭାସକୁ ପ୍ରକାଶ କରେ ଏବଂ ସମାଲୋଚନାମୂଳକ ଚିନ୍ତାଧାରାକୁ ଉତ୍ସାହିତ କରେ । ଜଟିଳ ପ୍ରସଙ୍ଗଗୁଡ଼ିକୁ ସୁଗମ ଏବଂ ଆକର୍ଷଣୀୟ କରି, ବ୍ୟଙ୍ଗ ନାଗରିକମାନଙ୍କ ମଧ୍ୟରେ ଅଂଶଗ୍ରହଣକୁ ବିସ୍ତାର କରିପାରିବ ଯେଉଁମାନେ ଅନ୍ୟଥା ରାଜନୈତିକ ଭାବରେ ନିଷ୍କ୍ରିୟ ରହିପାରନ୍ତି । କକ୍ରୋଚ୍ ଜନତା ପାର୍ଟି ଏହି ସମ୍ଭାବନାକୁ ପ୍ରଦର୍ଶନ କରେ । ଅନେକ ଯୁବକ ଯେଉଁମାନେ ପାରମ୍ପରିକ ରାଜନୈତିକ ଆଲୋଚନା ସହିତ କ୍ୱଚିତ୍ ପାରସ୍ପରିକ ଆଲୋଚନା କରିଥିଲେ ସେମାନେ ନିଜକୁ ବ୍ୟଙ୍ଗର ଚକ୍ଷୁ ମାଧ୍ୟମରେ ନ୍ୟାୟିକ ମନ୍ତବ୍ୟ, ବେକାରୀ ପରିସଂଖ୍ୟାନ, ଶିକ୍ଷାଗତ ସଂସ୍କାର ଏବଂ ସାଂସ୍ଥାଗତ ଦାୟିତ୍ୱ ବିଷୟରେ ଆଲୋଚନା କରୁଥିବା ଦେଖିବାକୁ ପାଇଲେ । ତଥାପି ବ୍ୟଙ୍ଗ ବିପଦ ବହନ କରେ । ଏହା ଜଟିଳ ପ୍ରସଙ୍ଗଗୁଡ଼ିକୁ ସରଳୀକରଣ କରିପାରେ । ଏହା ଗଠନମୂଳକ କାର୍ଯ୍ୟ ଅପେକ୍ଷା ନିନ୍ଦାବାଦକୁ ଉତ୍ସାହିତ କରିପାରେ । ଯେତେବେଳେ ରାଜନୀତି ମନୋରଞ୍ଜନରେ ପରିଣତ ହୁଏ, ସେତେବେଳେ ଏକ ବିପଦ ଥାଏ ଯେ କ୍ରୋଧ ଅର୍ଥପୂର୍ଣ୍ଣ କାର୍ଯ୍ୟ ପାଇଁ ଉତ୍ପ୍ରେରକ ହେବା ପରିବର୍ତ୍ତେ ନିଜେ ଶେଷ ହୋଇଯାଏ । ଗଣତନ୍ତ୍ରକୁ ଆଗ୍ରହ ଏବଂ ବ୍ୟବହାରିକତା ଉଭୟ ଆବଶ୍ୟକ । ହାସ୍ୟ ଅଂଶଗ୍ରହଣର ଦ୍ୱାର ଖୋଲିପାରେ, କିନ୍ତୁ ଗମ୍ଭୀର ନୀତି ଆଲୋଚନା ଶେଷରେ ଅନୁସରଣ କରିବାକୁ ପଡିବ । କକ୍ରୋଚ୍ ବାହାରେ ସିଜେପିର ସ୍ଥାୟୀ ଗୁରୁତ୍ୱ ଶେଷରେ କକ୍ରୋଚ୍ ସହିତ ବହୁତ କମ୍ ସମ୍ପର୍କ ରଖିପାରେ । ଏହାର ପ୍ରକୃତ ଗୁରୁତ୍ୱ ଏହା କ'ଣ ପ୍ରତୀକ କରେ ତାହା ଉପରେ ନିହିତ: ଏକ ପିଢ଼ି ଯାହା ଅଦୃଶ୍ୟ ରହିବାକୁ ମନା କରୁଛି । ଭାରତୀୟ ଯୁବପିଢ଼ି ରାଜନୈତିକ ଦୃଷ୍ଟିରୁ ଉଦାସୀନ ନୁହଁନ୍ତି । ବିପରୀତରେ, ସେମାନେ ଗଭୀର ଭାବରେ ନିୟୋଜିତ । ତଥାପି, ସେମାନେ ବାକ୍ୟର ଅପେକ୍ଷା ପ୍ରାମାଣିକତା, ପ୍ରତୀକବାଦ ଅପେକ୍ଷା ଉତ୍ତରଦାୟିତ୍ୱ ଏବଂ ସ୍ଲୋଗାନ ବଦଳରେ ସମାଧାନ ଖୋଜନ୍ତି । ସେମାନଙ୍କର ପଦ୍ଧତି ପୂର୍ବ ପିଢ଼ିଠାରୁ ଭିନ୍ନ ହୋଇପାରେ । ସେମାନେ ପାରମ୍ପରିକ ପାର୍ଟି ନେଟୱାର୍କ ବଦଳରେ ଅନଲାଇନରେ ଆୟୋଜନ କରନ୍ତି ।

ସେମାନେ ଇସ୍ତାହାର ସହିତ ମିମ୍ ବ୍ୟବହାର କରନ୍ତି । ସେମାନେ ସୃଜନଶୀଳତା ମାଧ୍ୟମରେ କର୍ତ୍ତୃତ୍ୱକୁ ଚ୍ୟାଲେଞ୍ଜ କରନ୍ତି ଯେପରି ମୁକାବିଲା । କିନ୍ତୁ ସେମାନଙ୍କର ମୌଳିକ ଦାବିଗୁଡ଼ିକ ମୌଳିକ କିମ୍ବା ଅଯୌକ୍ତିକ ନୁହେଁ । ସେମାନେ ମର୍ଯ୍ୟାଦା ଖୋଜନ୍ତି । ସେମାନେ ସୁଯୋଗ ଖୋଜନ୍ତି । ସେମାନେ ଏପରି ଅନୁଷ୍ଠାନ ଖୋଜନ୍ତି ଯାହା ସେମାନଙ୍କର ସଂଘର୍ଷକୁ ଚିହ୍ନିଥାଏ ଏବଂ ସହାନୁଭୂତି ଏବଂ ଗମ୍ଭୀରତାର ସହିତ ପ୍ରତିକ୍ରିୟା ଦିଏ । ଏକ ଚେତାବନୀ ଏବଂ ଏକ ସୁଯୋଗ କୋକ୍ରୋଚ୍ ଜନତା ପାର୍ଟିର ଉତ୍ଥାନ ଏକ ଚେତାବନୀ ଏବଂ ଏକ ସୁଯୋଗ ଉଭୟ ଭାବରେ କାର୍ଯ୍ୟ କରିବା ଉଚିତ । ଏହା ଯୁବ ଚିନ୍ତାକୁ କ୍ଷଣସ୍ଥାୟୀ ହତାଶା କିମ୍ବା ଇଣ୍ଟରନେଟ୍ ଧାରା ଭାବରେ ଖାରଜ କରିବା ବିରୁଦ୍ଧରେ ନୀତି ନିର୍ମାତା ଏବଂ ଅନୁଷ୍ଠାନଗୁଡ଼ିକୁ ଚେତାବନୀ ଦିଏ । ପୃଷ୍ଠରେ ଯାହା ହାସ୍ୟରସପୂର୍ଣ୍ଣ ଦେଖାଯାଏ ତାହା ପ୍ରାୟତଃ ତଳେ ଗଭୀର ଅସନ୍ତୋଷକୁ ଲୁଚାଇ ରଖେ । ସେହି ସମୟରେ, ଏହା ଏକ ନୂତନ ପିଢ଼ି ପାଇଁ ନାଗରିକ ସମ୍ପର୍କକୁ ପୁନଃକଳ୍ପନା କରିବାର ସୁଯୋଗ ପ୍ରଦାନ କରେ । ଡିଜିଟାଲ୍ ଚାଳିତ ସକ୍ରିୟତାକୁ ସନ୍ଦେହ ସହିତ ଦେଖିବା ପରିବର୍ତ୍ତେ, ନେତାମାନେ ଏହାକୁ ନିରନ୍ତର ଗଣତାନ୍ତ୍ରିକ ଜୀବନଶକ୍ତିର ପ୍ରମାଣ ଭାବରେ ଚିହ୍ନିତ କରିବା ଉଚିତ । ଯୁବକମାନେ ସାର୍ବଜନୀନ ଜୀବନରୁ ଓହରି ଯାଉନାହାଁନ୍ତି । ସେମାନେ ଅଂଶଗ୍ରହଣ କରିବାର ଉପାୟଗୁଡ଼ିକୁ ପୁନଃନିର୍ମାଣ କରୁଛନ୍ତି । ପ୍ରଶ୍ନ ହେଉଛି ଭାରତର ପ୍ରତିଷ୍ଠାନଗୁଡ଼ିକ ସେମାନଙ୍କ ସହିତ ବିକଶିତ ହେବାକୁ ପ୍ରସ୍ତୁତ କି ? କାରଣ ଯେତେବେଳେ ହଜାର ହଜାର ଯୁବ ନାଗରିକ ନିଜକୁ ଶୁଣାଇବା ପାଇଁ 'କକ୍ରୋଚ'ର ପରିଚୟକୁ ଗ୍ରହଣ କରନ୍ତି, ସେତେବେଳେ କାହାଣୀଟି ଆଉ କୀଟପତଙ୍ଗ ବିଷୟରେ ନୁହେଁ । ଏହା ଏକ ପିଢ଼ି ବିଷୟରେ ଯେଉଁମାନେ ଦାବି କରୁଛନ୍ତି ଯେ ଏହାର ସ୍ୱର ଗୁରୁତ୍ୱପୂର୍ଣ୍ଣ ଏବଂ ଯେ କୌଣସି ଗଣତନ୍ତ୍ରରେ, ସେହି ଦାବିକୁ ଗମ୍ଭୀରତାର ସହିତ ନିଆଯିବା ଉଚିତ ।

ଖାନନଗର, କଟକ
ଦୂରଭାଷ : ୮୫୯୯୮୯୪୯୧୫




# ନିମିନାରେ ସେତୁ ନିର୍ମାଣର ଭିତ୍ତିପ୍ରସ୍ତର କଲେ ବିଧାୟକ ସରୋଜ ପାଢ଼ୀ



**ଆସିକା(ଏନ୍.ଏମ୍.):** ଆସିକା ବିଧାନସଭା ନିର୍ବାଚନ ମଣ୍ଡଳୀର ନିମିନା ଗ୍ରାମରେ ଏକ ସେତୁ ନିର୍ମାଣ କାର୍ଯ୍ୟର ଶୁଭଦେଲେ ଆସିକା ବିଧାୟକ ସରୋଜ କୁମାର ପାଢ଼ୀ । ଓଡିଶା ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ସେତୁବନ୍ଧ ଯୋଜନା ଆନୁକୁଲ୍ୟରେ ୧ କୋଟି ୮୫ ଟଙ୍କା ବ୍ୟୟ ରେ ଜାତୀୟ ରାଜପଥ ୧୫୭ ଠାରୁ ନିମିନା ଗ୍ରାମ ପର୍ଯ୍ୟନ୍ତ ସେତୁ ନିର୍ମାଣ ହେବ । ଏହି ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମରେ ବିଧାୟକଙ୍କ ସହ ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ଯନ୍ତ୍ରୀ ଇ. ନନ୍ଦିନୀ ପାଢ଼ୀ, ପଦ୍ମଲାଭ ପାଢ଼ୀ, ଆମ୍ଭାର ବରିଷ୍ଠ ବିଜେପି ନେତା ବିଜୟ କୁମାର ସ୍ୱାଇଁ, ଶିବ ନାୟକ, ସଂଗୀତ ପାଢ଼ୀ, ସମ୍ବିତ ପାଢ଼ୀ, ଆସିକା ଚିନ୍ମୟ ମିଶନ ଶାଖାର ନିରଞ୍ଜନ ମହାନ୍ତି,ପୂର୍ଣ୍ଣଚନ୍ଦ୍ର ମହାନ୍ତି, ସାଗର କୁମାର ମହାନ୍ତି, ସୋନୁ ଜେନା,ସିତୁନ୍ ସ୍ୱାଇଁ,ପପୁ ମହାନ୍ତି, ମଳୟ ସ୍ୱାଇଁ, ମନୋଜ ପରିଡା, ଆଶିଷ ପାଢ଼ୀ, କ୍ୟାମେରାମ୍ୟାନ ବାଦଲ ସ୍ୱାଇଁ, ନିମିନା ଗ୍ରାମର ଶଶାଙ୍କ ଚର୍ଚ୍ଚ, ନରସିଂହ ନାହାକ, ସିମାଞ୍ଚଳ ନାୟକ, ସୁବାସ ନାୟକ, ସରପଞ୍ଚ ଦୈତାରୀ ବେହେରା, ସନ୍ତୋଷ ସ୍ୱାଇଁ, ଚିତ୍ରସେନ ବିଶ୍ୱାଳ, ଜିତେନ୍ଦ୍ର ନାୟକ, ପଣ୍ଡିତ କୈଳାସ ଚନ୍ଦ୍ର ମହାପାତ୍ର ଶର୍ମା, କରୁଣାକର ମହାନ୍ତି, ଅନିଲ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ । ଏହି ସେତୁ ହେବା ଦ୍ୱାରା ଗ୍ରାମର ଶହ ଶହ ଲୋକ ମାନଙ୍କ ଯାତାୟାତ ପାଇଁ ସୁଗମ ହୋଇପାରିବ । ଏଥି ସହିତ ନିମିନା ପଂଚାୟତ ର ବିକାଶ ପାଇଁ ସମସ୍ତ କାର୍ଯ୍ୟ କରିବାକୁ ବିଧାୟକ ପ୍ରତିଶୃତି ଦେଇଥିଲେ ।

### ରାସ୍ତା ଦାବିରେ ଏକାଠି ହେଲେ ୩ ଗ୍ରାମର ଲୋକ

# ବିକାଶ ପାଇଁ ଉଠିଲା ସ୍ୱର



**ବରଗଡ (ଏନ୍.ଏମ୍.):** ବରଗଡ଼ ଜିଲ୍ଲା ପଦ୍ମପୁର ଉପଖଣ୍ଡ ବୁଡ଼ାମାଲ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଭେଲୁଆଁପଦର ଗ୍ରାମର ୱାର୍ଡ ସଭ୍ୟ ସହଦେବ ସାହୁଙ୍କ ନେତୃତ୍ୱରେ ଭେଲୁଆଁପଦର ଗ୍ରାମରେ ଏକ ବୈଠକ ଅନୁଷ୍ଠିତ ହୋଇଅଛି । ଉକ୍ତ ବୈଠକରେ ଜମରତଲା ଗ୍ରାମପଞ୍ଚାୟତ ସରପଞ୍ଚ ବିଦୁ ଭୂଷଣ ଚାନ୍ଦ, ପୂର୍ବତନ ସରପଞ୍ଚ ସୁରେଶ ଚାନ୍ଦ, ସମାଜସେବୀ ବାବୁଲାଲ ଚାନ୍ଦ, ଅଶୋକ ସେଠ, ସୁଶାନ୍ତ ପଣ୍ଡା, ଗର୍ଭନାଖୋଲ ଗୌନ୍ତିଆ, ପ୍ରମୋଦ ଚାନ୍ଦ, ଡଙ୍ଗରମୁଣ୍ଡା ଗୌନ୍ତିଆ ଦେବରାଜ ବେହେରା, ନନ୍ଦଲାଲ ସାହୁ, ଦିଲ୍ଲୀପ ବେହେରା, ସୁରେନ୍ଦ୍ର ଛତ୍ରିଆ, ଜଗତ ସାହୁ, ରମେଶ ସାହୁ, ଭୋଜରାଜ ପ୍ରଧାନ, ଯୁଗଳ ଭୁଏ ପ୍ରମୁଖ ଯୋଗ ଦେଇଥିବା ବେଳେ ଭେଲୁଆଁପଦର, ବେହେରାଟାଲ ଓ ଡଙ୍ଗରମୁଣ୍ଡା ଗ୍ରାମର ଅନେକ ସଚେତନ ନାଗରିକ ଉପସ୍ଥିତ ଥିଲେ । ତେବେ ଦୀର୍ଘ ଦିନ ଧରି ରାସ୍ତା ସମସ୍ୟାରେ ଜର୍ଜରିତ ତିନୋଟି ଗ୍ରାମର ବାସିନ୍ଦା ଶେଷରେ ଏକାଠି ହୋଇ ନିଜ ଦାବିକୁ ଜୋରଦାର କରିଛନ୍ତି । ବର୍ଷା ଦିନରେ କାଦୁଅ ଓ ଖାଲ ଖମାରେ ଭର୍ତ୍ତି ରାସ୍ତା ଯୋଗୁଁ ଯାତାୟତ, ଶିକ୍ଷା, ସ୍ୱାସ୍ଥ୍ୟସେବା ଏବଂ ଦୈନନ୍ଦିନ ଜୀବନ ବ୍ୟାହତ ହେଉଥିବାରୁ ଗ୍ରାମବାସୀମାନେ ପକ୍କା ରାସ୍ତା ନିର୍ମାଣ ପାଇଁ ଏକତ୍ରିତ ହୋଇଛନ୍ତି । ଗ୍ରାମବାସୀଙ୍କ କହିବା ଅନୁସାରେ, ରାସ୍ତାଟି କେବଳ ଯୋଗାଯୋଗର ମାଧମ ନୁହେଁ, ବରଂ ଏହା ଅଞ୍ଚଳର ବିକାଶର ମୂଳ ଭିତ୍ତି । ତେଣୁ ଯଥାଶୀଘ୍ର ରାସ୍ତା ନିର୍ମାଣ କରାଯିବାକୁ ସେମାନେ ଜନପ୍ରତିନିଧିଙ୍କ ନିକଟରେ ଦାବି ଜଣାଇଛନ୍ତି । ଡଙ୍ଗରମୁଣ୍ଡା ଠାରୁ ଭେଲୁଆଁପଦର, ବେହେରାଟାଲ ଗ୍ରାମକୁ ନୂତନ ରାସ୍ତା ସଂଯୋଗ କରିବା ପାଇଁ ତିନୋଟି ଗ୍ରାମର ଗ୍ରାମବାସୀ ଏକତ୍ରିତ ହୋଇ ପ୍ରଶାସନର ଦୃଷ୍ଟିରେ ଆଣିବା ପାଇଁ ଦୃଢ଼ ନିଷ୍ପତ୍ତି ନେଇଛନ୍ତି । ପରିଶେଷରେ ସଫେତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ୧୧ କେଭି ତାର ସଂସ୍ପର୍ଶରେ ଆସି ନାବାଳକ ଗୁରୁତର

**ବାଲୁଗାଁ (ଏନ୍.ଏମ୍.):** ଜଣେ ନାବାଳକ ଖେଳୁଥିବା ସମୟରେ ୧୧ କେଭି ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଶରୀରର ୬୦ ଭାଗ ପୋଡି ଯାଇଥିବା ବେଳେ ଗୁରୁତର ଅବସ୍ଥାରେ ଅଧିକ ଚିକିତ୍ସା ପାଇଁ ଭୁବନେଶ୍ୱର ଏମ୍ସ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି ।ବାଲୁଗାଁ ନିମିକ୍ଷେତା ଗ୍ରାମର ବିପିନ ପଣ୍ଡାଙ୍କ ପୁଅ ରୋହନ ପଣ୍ଡା (୧୬) ଶନିବାର ମଧ୍ୟାହ୍ନ ସମୟରେ ଗାଁ ଖେଳ ପଡ଼ିଆରେ ପିଲାଙ୍କ ସହିତ କ୍ରିକେଟ ଖେଳୁ ଥିବା ବେଳେ ବଲ ଗୋଟାଇବାକୁ ଯାଇ ବିଲ ମଧ୍ୟରେ ଯାଇଥିବା ୧୧ କେଭି ବିଦ୍ୟୁତ ତାର ସଂସ୍ପର୍ଶରେ ଆସିଥିଲା । ତାର ସଂସ୍ପର୍ଶରେ ଆସିଥିବା ରୋହନର ୬୦ଭାଗ ପୋଡି ଯିବା ସମୟରେ ନିକଟରେ ଥିବା ଅନ୍ୟ ସାଙ୍ଗ ମାନେ ପାଟି କରିଥିଲେ । ଗ୍ରାମର କେତେକ ଲୋକ ଏହି ଘଟଣା ଦେଖି ଘଟଣା ସ୍ଥଳରେ ପହଞ୍ଚି ଶୁଖିଲା ବାଉଁଶ ଦ୍ୱାରା ରୋହନଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ବାଲୁଗାଁ ମେଡ଼ିକାଲକୁ ଆଣିଥିଲେ । ରୋହନର ଅବସ୍ଥା ଗୁରୁତର ହେବାରୁ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଭୁବନେଶ୍ୱର ଏମ୍ସ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି । ରୋହନକୁ ସ୍ଥାନାନ୍ତର କରିବା ସମୟରେ ଆମ୍ବୁଲାନ୍ସ ଦୀର୍ଘ ୨ଘଣ୍ଟା ବିଳମ୍ବରେ ପହଞ୍ଚିବାରୁ ବାଲୁଗାଁ ମେଡ଼ିକାଲ ପରିସରରେ ଉତ୍ତେଜନା ସୃଷ୍ଟି ହୋଇଥିଲା ।

# ମାଓ ସାମଗ୍ରୀ ଓ ଅସ୍ତ୍ରଶସ୍ତ୍ର ଜବତ

**ମାଲକାନଗିରି(ଏନ୍.ଏମ୍.) :** ଦେଶକୁ ମାଓମୁକ୍ତ କରିବା ପାଇଁ କେନ୍ଦ୍ରସରକାର ଚରମ ନିଷ୍ପତ୍ତି ଶୁଣାଇବା ପରେ ଏବେ ଭୁଷୁଡ଼ିବାରେ ଲାଗିଛି ମାଓ ସାମ୍ରାଜ୍ୟ । ତେବେ ମାଲକାନଗିରି ଜିଲ୍ଲା ମାଓ ବିରୋଧୀ ଅପରେସନରେ ସୁରକ୍ଷାବାହିନୀକୁ ପୁଣି ମିଳିଛି ସଫଳତା । ପୋଲିସ ଓ ସୁରକ୍ଷାକର୍ମୀଙ୍କ ମିଳିତ ଅପରେସନରେ ମିଳିଛି ସଫଳତା । ପୋଲିସ ଖବର ଅନୁଯାୟୀ, ଜିଲ୍ଲାର କିଟିମିଟି ଓ କଟୁଆପଦର ଜଙ୍ଗଲ ଅଞ୍ଚଳରେ ବିଏସଏଫ ଏବଂ ଡିଭିଏଫ୍ ଯବାନଙ୍କ ମିଳିତ ତଲାସୀ ଅଭିଯାନ ବେଳେ ଏହି ସଫଳତା ମିଳିଛି । ଅଭିଯାନ ସମୟରେ ପ୍ରାୟ ୩୨ ପ୍ରକାରର ମାଓ ସାମଗ୍ରୀ ଜବତ କରାଯାଇଥିବା ପୋଲିସ କହିଛି । ଜବତ ସାମଗ୍ରୀ ମଧ୍ୟରେ ବନ୍ଧୁକ, ବିସ୍ଫୋରକ ଉପକରଣ, ଦୈନନ୍ଦିନ ବ୍ୟବହାର ସାମଗ୍ରୀ ସହ ଅନ୍ୟାନ୍ୟ ମାଓବାଦୀ ସାମଗ୍ରୀ ରହିଛି ।

### ଅବକାରୀ ବିଭାଗ ପକ୍ଷରୁ ଚଢାଉ

# ୨ଗିରଫ ସହ ୯ ମାମଲା ରୁଜୁ



**ରାଉରକେଲା (ଏନ୍.ଏମ୍.):** ଅବକାରୀ ଅଧିକ୍ଷକ ଧନେଶ୍ୱର ବରାଡଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ, ରାଉରକେଲା ଅବକାରୀ ବିଭାଗ ପକ୍ଷରୁ କାରିଛପଲ, ଅଙ୍କୁରପାଲି, ଟଙ୍କାଟୋଲୀ ଅଞ୍ଚଳରେ ଚଢାଉ ସମେତ ବୀରମିତ୍ରପୁର ଥାନା, ହାତୀବାରି ଥାନା ପୋଲିସ ଏବଂ ଏପିଆର୍ ଫୋର୍ସଙ୍କ ସହାୟତାରେ ମାଜିଷ୍ଟ୍ରେଟ ଦ୍ୱାରା ମିଳିତ ଚଢ଼ାଉ କରାଯାଇ ୨ଗୋଟି ଦାବିଦାର ମାମଲା (କ୍ଲେମ୍ କେସ) ଏବଂ ୭ ଗୋଟି ଦାବିଦାର ନଥିବା ମାମଲା (କ୍ଲେମ୍ କେସ) ମୋଟ ୦୯ ଗୋଟି ମାମଲା ରୁଜୁ କରାଯାଇଛି । କରିଛାପଲ ଅଞ୍ଚଳରେ ମୋଟ ୨୨୦ ଲିଟର ବେଆଇନ ମହୁଲି ମଦ ଓ ୧୮,୭୨୦ କିଗ୍ରା ମହୁଲ ପୋଚ ଏବଂ ଅଙ୍କୁରପାଲି ଅଞ୍ଚଳରେ ମୋଟ ୩୦୦ ଲିଟର ବେଆଇନ ମହୁଲି ମଦ ଓ ୧୮,୮୦୦ କିଗ୍ରା ମହୁଲ ପୋଚ ଘଟଣା ସ୍ଥଳରେ ନଷ୍ଟ କରା ଯାଇଛି । ୨ ଜଣ ଆସାମୀଙ୍କୁ କୋର୍ଟ ଚାଲାଣ କରାଯାଇଛି । ଏହି ଚଢ଼ାଉରେ ଅବକାରୀ ଇନିସପେକ୍ଟର ମୋହନ ପଧାନ ଓ ଇନିସପେକ୍ଟର ହେମନ୍ତ ମହାନନ୍ଦିଆ, ଏସ୍ଆଇ ମିଳନ ତିର୍କୀ, ଏଏସ୍ଆଇ ବିନୋଦିନୀ ବେହେରା, ବିଦୂତ ଭୂଷଣ ଦାଶ ଓ ଯୁବରାଜ ବାଗ ଓ ଅନ୍ୟାନ୍ୟ ସହକର୍ମୀ ସାମିଲ ଥିଲେ ।

# ଭତ୍ତା ଟଙ୍କା ପ୍ରଦାନରେ ବିଳମ୍ବ ହେତୁ ବିଜେଡିର ପ୍ରତିବାଦ ସଭା



**ନୀଳଗିରି(ଏନ୍.ଏମ୍.):** ହିତାଧିକାରୀଙ୍କୁ ଭତ୍ତା ଟଙ୍କା ପ୍ରଦାନରେ ରାଜ୍ୟ ସରକାରଙ୍କ ବିଳମ୍ବତା ଓ ବିଫଳତା ପ୍ରତିବାଦରେ ନୀଳଗିରି ନିର୍ବାଚନ ମଣ୍ଡଳୀସ୍ତରରେ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ବିଜେଡି ପକ୍ଷରୁ ଆୟୋଜିତ ପ୍ରତିବାଦରେ ଶହଶହ ହିତାଧିକାରୀ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ କରିଥିଲେ । ପୂର୍ବତନ ବିଧାୟକ ଇଂ ସୁକାନ୍ତ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପ୍ରତିବାଦ ସମାବେଶରେ ବାଲେଶ୍ୱର ସାଂସଦ ପ୍ରାର୍ଥୀନୀ ଡ. ଲେଖାଶ୍ରୀ ସାମନ୍ତସିଂହାର ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟରେ ଚାଲିଥିବା ବିଜେପି ନେତୃତ୍ୱାଧୀନ ମୋହନ ସରକାରଙ୍କ ବିଫଳତା ସମ୍ବନ୍ଧରେ ଆଲୋକପାତ କରିଥିଲେ । ରାଜ୍ୟରେ ସରକାରଙ୍କ ଦୁଇ ବର୍ଷ ପୂରଣ ହୋଇଥିଲେ ମଧ ଅନେକ କ୍ଷେତ୍ରରେ ସରକାର ବିଫଳ ହୋଇଛନ୍ତି ଏବଂ ପୂର୍ବରୁ ନବୀନ ସରକାର ବୃଦ୍ଧ ବୃଦ୍ଧା, ବିଧବା ମହିଳା ଓ ଶାରୀରିକ ଅକ୍ଷମ ବ୍ୟକ୍ତି ମାନଙ୍କୁ ଉଚିତ୍ ସମୟରେ ଭତ୍ତା ପ୍ରଦାନ କରୁଥିଲେ ବୋଲି ସେ ତାଙ୍କ ଅଭିଭାଷଣ ରଖିଥିଲେ । ସେହିପରି ପୂର୍ବତନ ବିଧାୟକ ଶ୍ରୀ ନାୟକ ରାଜ୍ୟ ସରକାର ୩ମାସ ଧରି ବୃଦ୍ଧ ବୃଦ୍ଧାମାନଙ୍କ ବ୍ୟାଙ୍କ୍ ଖାତାକୁ ଭତ୍ତା ଟଙ୍କା ପ୍ରଦାନ ନକରି ତାଙ୍କମୁହଁରୁ ଆହାର ଏବଂ ଔଷଧ ଛଡ଼ାଇ ନେଇଛନ୍ତି ବୋଲି କହି ପ୍ରବଳ ବର୍ଷି ଥିଲେ । ଏଥିସହିତ ସରକାରଙ୍କୁ ଆହ୍ୱାନ ଦେଇ କହିଥିଲେ ଯଥାଶୀଘ୍ର ଅସହାୟ ଓ ଦୁର୍ବଳ ଶ୍ରେଣୀର ଲୋକମାନଙ୍କୁ ତାଙ୍କ ହକ ପ୍ରାପ୍ୟ ପ୍ରଦାନ କରନ୍ତୁ । ଏହି ପ୍ରତିବାଦ ସଭାରେ ନୀଳଗିରି ନିର୍ବାଚନ ମଣ୍ଡଳୀରୁ ହଜାର ହଜାର ସଂଖ୍ୟାରେ ବୃଦ୍ଧବୃଦ୍ଧା ଯୋଗଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବ୍ଲକ୍ ଅଧକ୍ଷା ଶୁଭଲକ୍ଷ୍ମୀ ମାଝୀ, ପୂର୍ବତନ ଏନଏସି ଅଧକ୍ଷ ରାଧାଗୋବିନ୍ଦ ଖଟୁଆ, ବ୍ଲକ୍ ବିଜେଡି ସଭାପତି ରାଜୀବ ଦାସବାବୁ, ଏ ନଏସି ବିଜେଡି ସଭାପତି ଅଚ୍ୟୁତ ପ୍ରଧାନ ବରିଷ୍ଠ ବିଜେଡି ନେତା ଗଙ୍ଗାଧର ମିଶ୍ର, ରମେଶ ମହାନ୍ତି, ରବୀନ୍ଦ୍ର ପରିଡ଼ା, ପ୍ରଫୁଲ୍ଲ ପରିଡ଼ାଙ୍କ ସମେତ ଅନେକ ନେତା ଯୋଗ ଦେଇ ସମସ୍ୟାର ତୁରନ୍ତ ସମାଧାନ କରାଯାଉ ବୋଲି ଦାବି କରିଥିଲେ । ଶେଷ ରେ ବିଜେଡିର ଏକ ପ୍ରତିନିଧି ମଣ୍ଡଳୀ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଉପଜିଲ୍ଲାପାଳ ଶୁଭଶ୍ରୀ ରଥଙ୍କୁ ପ୍ରଦାନ କରିଥିଲେ ।

# ମାଥିଲି ଉପଖଣ୍ଡ ଚିକିତ୍ସାଳୟ ପରିସରରେ ଭୟଙ୍କର ଅଗ୍ନିକାଣ୍ଡ



ବଡ଼ ବିପଦରୁ ଅଳ୍ପକେ ବର୍ତ୍ତିଲା ନିଆଁକୁ ଆୟତ୍ତ କଲା ଅଗ୍ନିଶମ ବାହିନୀ

**ମାଲକାନାଗିରି(ଏନ୍.ଏମ୍.):** ମାଥିଲି ଉପଖଣ୍ଡ ଚିକିତ୍ସାଳୟ ପରିସରରେ ଆଜି ଏକ ସ୍ପର୍ଶକାତର ଘଟଣା ଦେଖିବାକୁ ମିଳିଛି । ଚିକିତ୍ସାଳୟ ପରିସରରେ ଥିବା ଏକ କେଫ୍‌ରେ ହଠାତ୍ ଭୟଙ୍କର ଅଗ୍ନିକାଣ୍ଡ ଘଟି ପ୍ରକମ୍ପିତ ସ୍ଥିତି ସୃଷ୍ଟି ହୋଇଥିଲା । ତେବେ ସୌଭାଗ୍ୟବଶତଃ ଏକ ବଡ଼ ଧରଣର ଦୁର୍ଘଟଣାରୁ ଚିକିତ୍ସାଳୟ ଓ ଏହାର ଆଖପାଖ ଅଞ୍ଚଳ ଅଳ୍ପକେ ବର୍ତ୍ତି ଯାଇଛି । ସୂଚନା ଅନୁଯାୟୀ ମାଥିଲି ଉପଖଣ୍ଡ ଚିକିତ୍ସାଳୟ ପରିସରରେ ଥିବା କେଫ୍‌ରୁ ହଠାତ୍ ପ୍ରବଳ ଧୂଆଁ ବାହାରୁଥିବା ସ୍ଥାନୀୟ ଲୋକେ ଓ ହସ୍ପିଟାଲ କର୍ମଚାରୀ ଦେଖିବାକୁ ପାଇଥିଲେ । ଦେଖୁଦେଖୁ ନିଆଁ କେଫ୍‌କୁ ସମ୍ପୂର୍ଣ୍ଣ ଆପଦଗ୍ରସ୍ତ କରିଦେଇଥିଲା । ଚିକିତ୍ସାଳୟ ପରିସର ହୋଇଥିବାରୁ ରୋଗୀ ଏବଂ ସେମାନଙ୍କ ସମ୍ପର୍କୀୟଙ୍କ ମଧ୍ୟରେ କିଛି ସମୟ ପାଇଁ ଆତଙ୍କ ଓ ଉତ୍ତେଜନା ପ୍ରକାଶ ପାଇଥିଲା । ଅଗ୍ନିକାଣ୍ଡ ସମ୍ପର୍କରେ ଖବର ପାଇବା ମାତ୍ରେ ମାଥିଲି ଅଗ୍ନିଶମ ବାହିନୀ ସାମାନ୍ୟତମ ବିଳମ୍ବ ନକରି ସେଠାରେ ପହଞ୍ଚିଥିଲା । ଅଗ୍ନିଶମ କର୍ମଚାରୀମାନେ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ କରି ନିଆଁକୁ ସମ୍ପୂର୍ଣ୍ଣ ଆୟତ୍ତ କରିବାରେ ସଫଳ ହୋଇଥିଲେ । ଫଳରେ ନିଆଁ ଅଧିକ ବ୍ୟାପି ପାରିନଥିଲା ଏବଂ ହସ୍ପିଟାଲର ମୁଖ୍ୟ ବିଲଡିଂ ସୁରକ୍ଷିତ ରହିଥିଲା । ବିଦ୍ୟୁତ ସର୍ଟ ସର୍କିଟ ଯୋଗୁଁ ହିଁ ଏହି ଭୟାବହ ଅଗ୍ନିକାଣ୍ଡ ଘଟିଛି ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି । ଏହି ଦୁର୍ଘଟଣାରେ କେଫ୍‌ର କେତେକ ସାମଗ୍ରୀ ନଷ୍ଟ ହୋଇଥିବା ବେଳେ କୌଣସି ଜୀବନହାନି କିମ୍ବା ଆହତ ହେବାର ଖବର ମିଳିନାହିଁ । ଏ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ ଅଗ୍ନିଶମ ବିଭାଗ ଅଧିକାରୀ ରେଣୁ ଦିଶାରୀ କହିଛନ୍ତି, ଖବର ପାଇବା କ୍ଷଣି ଆମ ଟିମ୍ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ କାବୁ କରିଥିଲା । ଚିକିତ୍ସାଳୟ ପରିସର ହୋଇଥିବାରୁ ବିପଦ ବହୁତ ବଡ଼ ଥିଲା ମାତ୍ର ସମୟୋଚିତ ପଦକ୍ଷେପ ଯୋଗୁଁ ଏକ ବଡ଼ ଦୁର୍ଘଟଣାକୁ ଏଡ଼ାଇ ଦିଆଯାଇଛି । ବର୍ତ୍ତମାନ ପରିସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣାଧୀନ ଥିବାବେଳେ ଅଗ୍ନିଶମ ବିଭାଗ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାର ଯାଞ୍ଚ କରାଯାଉଛି ।

### ସରକାରୀ ଯାଗା ଉପରୁ ପ୍ରଶାସନ ଭାଙ୍ଗିଲା ଘର

# ସରକାରଙ୍କ ଦୋମୁହାଁ ନୀତିକୁ ବିରୋଧ



**ଆସିକା (ଏନ୍.ଏମ୍.):** ଆସିକା ତହସିଲ ଅନ୍ତର୍ଗତ ଗୁଣ୍ଠପଡା ରାଜସ୍ୱ କାର୍ଯ୍ୟାଳୟ ଅନ୍ତର୍ଗତ ମଙ୍ଗଳପୁରର ସାହି ମଝିରେ ସରକାରୀ ଯାଗା ରେ ଗଢି ଉଠିଥିବା ଘର, ଦୋକାନ, ପାଇଖାନା ଘରକୁ ଭାଙ୍ଗିଲା ପ୍ରଶାସନ । ହେଲେ ଗାଁ ମଝିରେ ମଦ ଦୋକାନ ଏବଂ ତାକୁ ପଟା ପ୍ରଦାନକୁ ନେଇ ଗ୍ରାମବାସୀ ପକ୍ଷରୁ ବିରୋଧ କରାଯାଇଥିଲା । ପୂର୍ବରୁ କୁଆଡେ ତହସିଲ ପକ୍ଷରୁ ପତ୍ର ସଂଖ୍ୟା ୬୩୮୯ ତାରିଖ ୦୧/୦୬/୨୬ ପ୍ରକାର ରେ ପ୍ଲଟ ନମ୍ବର ୧୪୯୯, ଖାତା ନମ୍ବର ୧୫୨୩ ଅନୁସାରେ ମୋଟ ୦୯ ଜଣଙ୍କ ନାମରେ ଭାଙ୍ଗିବାକୁ ନୋଟିସ ହୋଇଛି । ପୂର୍ବରୁ କିନ୍ତୁ ୧୬ ଜଣଙ୍କୁ ନୋଟିସ ହେଉଥିବା ବେଳେ ବର୍ତମାନ କିଭଳି ୦୯ ଜଣଙ୍କୁ ଆସିଲା ତାହା ଗ୍ରାମରେ ସମସ୍ତଙ୍କୁ ଚକିତ କରିଛି । ଗାଁ ମଝିରେ ମଦ ଦୋକାନକୁ ଦେଲେ ପଟ୍ଟା କିନ୍ତୁ ଗରିବର ଭାଙ୍ଗିଲେ କୋଠା । ଏହି ଘଟଣା ସ୍ଥଳରେ ତହସିଲଦାର ସଂଗୀତା ସେନ,ଅତିରିକ୍ତ ତହସିଲଦାର ଅମରେଶ ସାବତ,ଏସ ଡି ପି ଓ ସୌରଭ ରଞ୍ଜନ ପ୍ରଧାନ, ଥାନା ଅଧିକାରୀ ସୁଧୀର ସାହୁ ସମେତ ତହସିଲ ଟିମ ଏବଂ ପୋଲିସ କର୍ମଚାରୀ ଉପସ୍ଥିତ ରହିଥିଲେ ।

# ଆଇଏନ୍ଏସ୍ ଚିଲିକାରେ ଅଗ୍ନିବୀର ପାସିଂ ଆଉଟ୍ ପରେଡ୍

### ଦେଶ ସେବାରେ ନୌସେନାର ନୂତନ ଯାତ୍ରା

**ବାଲୁଗାଁ(ଏନ୍.ଏମ୍.):** ଆଇଏନ୍ଏସ୍ ଚିଲିକା ପରେଡ଼ ଗ୍ରାଉଣ୍ଡଠାରେ ଆନୁଷ୍ଠାନିକ ଭାବେ ୨୦୨୬ ସଂସ୍କରଣର ପ୍ରଥମ ବ୍ୟାଚ୍ ଅଗ୍ନିବୀର ପାସିଂ ଆଉଟ୍ ପରେଡ୍ ଅନୁଷ୍ଠିତ ହୋଇଯାଇଛି । ଏହି ବ୍ୟାଚରେ ୩୦୧୨ ଜଣ ଅଗ୍ନିବୀରଙ୍କ ମଧ୍ୟରେ ୧୧୬ ଜଣ ମହିଳା ଅଗ୍ନିବୀର (୨୧୯୨ ଜଣ ଏସ୍ଏସ୍ଆର ଓ ୫୫୪ ଜଣ ଏମ୍ଆର) ଏବଂ ୨୬୫ ଜଣ ତଟରକ୍ଷୀ ନାବିକ ଦୀର୍ଘ ୧୬ ସପ୍ତାହ ଧରି ଶାରୀରିକ ଓ ମାନସିକ ପ୍ରଶିକ୍ଷଣ ନେଇଥିଲେ । ସଫଳତାର ସହ ଦକ୍ଷ ଭାବେ ଦେଶ ସେବା ପାଇଁ ଭାରତୀୟ ନୌସେନାରେ ନୂତନ ଯାତ୍ରା ଆରମ୍ଭ ହୋଇଛି । ଯେଉଁଥିରେ ଏହି ଅଗ୍ନିବୀରଙ୍କ ଅବଦାନ ଅତୁଳନୀୟ ରହିବ ବୋଲି ଆଇଏନ୍ଏସ୍ ଚିଲିକା ନୌସେନା କମାଣ୍ଡର ବି ଦୀପକ ଅନୀଲ ପ୍ରକାଶ କରିଥିଲେ । ଏହି ଅବସରରେ ସେ ଅଗ୍ନିବୀରଙ୍କ ପିତାମାତା, ଅଭିଭାବକଙ୍କୁ କୃତଜ୍ଞତା ଜଣାଇଛନ୍ତି । କମାଣ୍ଡର ଅନୀଲଙ୍କ ତତ୍ତ୍ୱାବଧାନରେ କମାଣ୍ଡିଙ୍ଗ-ଇନ-ମୁଖ୍ୟ ପଶ୍ଚିମ ନୌସେନା କମାଣ୍ଡର ଭାଇସ ଆଡ଼ମିରାଲ ସଞ୍ଜୟ ଭାଟସାୟନ୍, ପିଭିଏସ୍ଏମ୍, ଏଭିଏସ୍ଏମ, ଏନ୍ଏମ୍, ଫ୍ଲାଗ୍ ଅଫିସର ଉକ୍ତ ପରେଡକୁ ନୀରିକ୍ଷଣ କରିବାସହ ପରିଚାଳନା କରିଥିଲେ । ଅନୁଷ୍ଠିତ ସମାରୋହରେ ସମସ୍ତ ତାଲିମପ୍ରାପ୍ତ ଅଗ୍ନିବୀର ପରେଡ଼ ଗ୍ରାଉଣ୍ଡରେ ଚିତ୍ତାକର୍ଷକ କଳା କୌଶଳ ପ୍ରଦର୍ଶନ କରିଥିଲେ । ଉକ୍ତ ପରେଡ ସମାରୋହରେ ଉଚ୍ଚ ପଦସ୍ଥ ନୌସେନା ଅଧିକାରୀ, ପୂର୍ବ କମାଣ ପତାକା ଅଧିକାରୀ, ପୂର୍ବତନ ନୌସେନା ଅଧିକାରୀ, ଅଗ୍ନିବୀରଙ୍କ ଅଭିଭାବକ ପ୍ରମୁଖ ଉପସ୍ଥିତ ଥିଲେ । ଆଇଏନ୍ଏସ୍ ଚିଲିକାରେ ୧୬ ସପ୍ତାହର ସଫଳ ପ୍ରଶିକ୍ଷଣ ଶେଷ ନୁହେଁ ବରଂ ଭାରତୀୟ ନୌସେନାର ଏକ ନୂତନ ଯାତ୍ରା ଆରମ୍ଭ ବୋଲି ନୌସେନାର ବରିଷ୍ଠ ଅଧିକାରୀମାନେ ମତ ଦେଇଥିଲେ । ଦେଶ ସେବା ସହ ନୌସେନାର ମୂଳ ମୂଲ୍ୟବୋଧ, କାର୍ଯ୍ୟ ଦକ୍ଷତା ଏବଂ ସାହସକୁ ଅଗ୍ନିବୀରମାନେ ସମର୍ଥନ କରିବାକୁ ପରାମର୍ଶ ଦେଇଥିଲେ । ଏହି ଅବସରରେ କୃତୀ ଅଗ୍ନିବୀରଙ୍କୁ ମୁଖ୍ୟ ଅତିଥି ପଦକ ଏବଂ ଟ୍ରଫି ପ୍ରଦାନ କରିଥିଲେ । ଶ୍ରେଷ୍ଠ ଅଗ୍ନିବୀର ଏସ୍ଏସ୍ଆର କୋରନାନା ଧନଲକ୍ଷ୍ମୀ, ଏମ୍ଆର ରୁଦ୍ଧିକେଶ ମାରୁତି ପାୱାର, ନାବିକ ଜିଡି, ଶ୍ରେଷ୍ଠ ମହିଳା ଅଗ୍ନିବୀର ବିପିନ ରାଉତ ଟ୍ରଫି ରମେଶ ଚୌହାନଙ୍କୁ ପ୍ରଦାନ କରାଯାଇଥିଲା । ଏହି ଅବସରରେ ଫ୍ଲାଗ୍ ଅଫିସର କମାଣ୍ଡିଂ ଇନ୍-ମୁଖ୍ୟ ଏବଂ କମାଣ୍ଡର ବି ଦୀପକ ଅନୀଲ, ଭିଏସ୍ଏମ୍, କମାଣ୍ଡିଂ ଅଫିସର, ଆଇଏନ୍ଏସ୍ ଚିଲିକାଙ୍କ ଉପସ୍ଥିତିରେ ଅଙ୍କୁର ୧/୨୬ ସଂସ୍କରଣ ଆଇଏନ୍ଏସ୍ ଚିଲିକା ଦ୍ୱିଭାଷୀ ପ୍ରଶିକ୍ଷକଙ୍କ ପତ୍ରିକା ଉନ୍ମୋଚନ କରାଯାଇଥିଲା । ସୂଚନା ଥାଉକି ହଜାର ହଜାର ଅଗ୍ନିବୀର ଚିଲିକାରେ ପ୍ରାରମ୍ଭିକ ତାଲିମ ନେଇସାରିଲେଣି । ଅଦ୍ୟାବଧି ସାତଟି ବ୍ୟାଚ୍ ଭାରତୀୟ ନୌସେନାରେ ବୀର ସିପାହୀ ଭାବେ ନିୟୋଜିତ ରହିଛନ୍ତି ।

### ମାଲକାନଗିରି ପ୍ରଶାସନକୁ ସାବାସୀ

# କତାପାଲି କଲୋନୀରେ ଜଳସଙ୍କଟର ସମାଧାନ

**ମାଲକାନଗିରି(ଏନ୍.ଏମ୍.):** ଜନସାଧାରଣଙ୍କ ମୌଳିକ ସମସ୍ୟାର ସମାଧାନ କରି ମାଲକାନାଗିରି ଜିଲ୍ଲା ପ୍ରଶାସନ ସମଗ୍ର ରାଜ୍ୟରେ ଏକ ଉଦାହରଣ ସୃଷ୍ଟି କରିଛି । ଯାହାକୁ ନେଇ ସାରା ରାଜ୍ୟରେ ଏବେ ଚର୍ଚ୍ଚା ହେଉଥିବା ଦେଖିବାକୁ ମିଳିଛି । ଜନସାଧାରଣଙ୍କ ପ୍ରତିଟି ସମସ୍ୟାର ସମାଧାନ ଏବଂ ସେମାନଙ୍କୁ ମୌଳିକ ସୁବିଧା ସୁଯୋଗ ଯୋଗାଇଦେବା ପାଇଁ ମାଲକାନଗିରି ଜିଲ୍ଲା ପ୍ରଶାସନ ସଦାସର୍ବଦା ନିଜର ପ୍ରତିବଦ୍ଧତା ପ୍ରଦର୍ଶନ କରିଆସିଛି । ଏହି କ୍ରମରେ ମାଲାକାନାଗିରି ଜିଲ୍ଲା ପ୍ରଶାସନର ଲୋକାଭିମୁଖୀ କାର୍ଯ୍ୟଧାରାର ଆଉ ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି କୋରକୁଣ୍ଡା ବ୍ଲକ ଅନ୍ତର୍ଗତ କତାପାଲି କଲୋନୀରେ । ଅଞ୍ଚଳବାସୀଙ୍କ ଦୀର୍ଘଦିନର ପାନୀୟ ଜଳ ସମସ୍ୟାକୁ ଅତି ଗମ୍ଭୀରତାର ସହ ନେଇ ପ୍ରଶାସନ ପକ୍ଷରୁ ରେକର୍ଡ ସମୟ ମଧ୍ୟରେ ଏକ ନୂତନ ନଳକୂପ ସ୍ଥାପନ କରାଯାଇଛି, ଯାହା ସ୍ଥାନୀୟ ଅଞ୍ଚଳରେ ଏକ ବଡ଼ ଆଶ୍ୱସ୍ତି ଆଣିଦେଇଛି । ପ୍ରାୟ ୨ହଜାରରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ଏବଂ ୧୨୧ପରିବାର ବସବାସ କରୁଥିବା ଏହି ବୃହତ ଗ୍ରାମରେ ପୂର୍ବରୁ ମାତ୍ର ୬ ଟି ନଳକୂପ ରହିଥିଲା । ଗ୍ରାମର ଜନସଂଖ୍ୟା ତୁଳନାରେ ଏହି ଉତ୍ସଗୁଡ଼ିକ ଯଥେଷ୍ଟ ନଥିବାରୁ ବିଶେଷ କରି ଗ୍ରୀଷ୍ମ ଋତୁରେ ଲୋକମାନେ ପାନୀୟ ଜଳ ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ । ଏସମ୍ପର୍କରେ ଗ୍ରାମବାସୀଙ୍କ ପକ୍ଷରୁ ଜିଲ୍ଲା ପ୍ରଶାସନ ନିକଟରେ ଗୁହାରି କରାଯିବା ମାତ୍ରେ ଏହାକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯାଇଥିଲା । ଜିଲ୍ଲାପାଳଙ୍କ ସୂଚନା ଏବଂ ପ୍ରତ୍ୟକ୍ଷ ନିର୍ଦ୍ଦେଶକ୍ରମେ ଗ୍ରାମର ଭୂତଳ ଜଳ ସ୍ଥିତି ଅନୁଧ୍ୟାନ କରିବା ପାଇଁ ଏକ ସ୍ୱତନ୍ତ୍ର ବୈଷୟିକ ଦଳ ତୁରନ୍ତ କତାପାଲି କଲୋନି ଗସ୍ତ କରିଥିଲେ । ସର୍ଭେ କାର୍ଯ୍ୟ ଶେଷ ହେବା ମାତ୍ରେ ବିଭାଗୀୟ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଯୁଦ୍ଧକାଳୀନ ଭିତ୍ତିରେ ଏକ ନୂତନ ନଳକୂପ ଖନନ କାର୍ଯ୍ୟ ଆରମ୍ଭ କରାଯାଇଥିଲା । ପ୍ରଶାସନର ସଠିକ୍ ପରିଚାଳନା ଏବଂ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଯୋଗୁଁ ଅତି କମ୍ ସମୟ ମଧ୍ୟରେ ଏହି ହ୍ୟାଣ୍ଡପମ୍ପଟିକୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରାଯାଇ ପାରିଛି । ବର୍ତ୍ତମାନ କଲୋନୀର ସମସ୍ତ ପରିବାର ନିଜ ଘର ପାଖରେ ସ୍ୱଚ୍ଛ, ନିରାପଦ ଓ ବିଶୁଦ୍ଧ ପାନୀୟ ଜଳ ପାଇବା ଆରମ୍ଭ କରିଛନ୍ତି, ଯାହା ସେମାନଙ୍କର ଦୈନନ୍ଦିନ ଜୀବନଧାରଣକୁ ବହୁତ ସହଜ କରିଦେଇଛି । ଜନସାଧାରଣଙ୍କ ସୁଖ ଦୁଃଖରେ ସାମିଲ ହୋଇ ପ୍ରଶାସନ ଯେଭଳି ସକାରାତ୍ମକ ଓ ଦ୍ରୁତ ପଦକ୍ଷେପ ଗ୍ରହଣ କଲେ, ସେଥିପାଇଁ କତାପାଲି କଲୋନୀର ସମସ୍ତ ଗ୍ରାମବାସୀ ମାଲକାନଗିରି ଜିଲ୍ଲା ପ୍ରଶାସନ ଓ ସ୍ଥାନୀୟ କର୍ତ୍ତୃପକ୍ଷଙ୍କୁ ଧନ୍ୟବାଦ ସହ କୃତଜ୍ଞତା ଜ୍ଞାପନ କରିଛନ୍ତି । ମାଲାକାନାଗିରି ଜିଲ୍ଲାପାଳଙ୍କ ଭଳି ଯଦି ସମସ୍ତ ଜିଲ୍ଲାରେ ଜିଲ୍ଲାପାଳମାନେ ଜନସାଧାରଣଙ୍କ ମୌଳିକ ସମସ୍ୟା ଉପରେ ଧ୍ୟାନ ଦେବେ ତେବେ ରାଜ୍ୟରେ ସମସ୍ତ ସମସ୍ୟାର ଅବସାନ ଘଟିବା ସହ ରାଜ୍ୟର ସୁନାମ ମଧ୍ୟ ବୃଦ୍ଧି ପାଇବ ବୋଲି ଅଞ୍ଚଳର ବୁଦ୍ଧିଜୀବୀ ପ୍ରକାଶ କରିଛନ୍ତି ।




# ପ୍ରଥମ ପୃଷ୍ଠାର ଅବଶିଷ୍ଟ ...

## ଅକଳରେ ପଡ଼ି ପାରନ୍ତି ...

କାର୍ଯ୍ୟାଳୟରେ ଜିଲ୍ଲାପାଳ ରଘୁରାମ ଆର ଆୟର ଓ ଏସପି ସିଦ୍ଧାର୍ଥ କଟାରିଆଙ୍କ ସହ ଆଲୋଚନା କରି ବିଡିଓ ଓ ମହାକାଳପଡା ପୁଲିସ୍ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି । ତିଖିରୀର ମହିଳା ସରପଞ୍ଚ କେଉଁ ଅପରାଧ କଲା ଯେ ତାଙ୍କୁ ଜାମିନ ବିହୀନ ଦଫାରେ ଜେଲ୍ ପଠାଗଲା ? ତରବରିଆ ଭାବେ କାହିଁକି କୋର୍ଟକୁ ନିଆଯାଇଥିଲା ବୋଲି ପିସିସି ସଭାପତି ଶ୍ରୀ ଦାସ ପ୍ରଶ୍ନ କରିଛନ୍ତି । ବଡବଡିଆଙ୍କ କୁକର୍ମର ପ୍ରମାଣ ଯଦି ମହିଳା ସରପଞ୍ଚଙ୍କ ପାଖରେ ଥିବ ତାକୁ ମାରି ଦେବାର ଷଡଯନ୍ତ୍ର କରିପାରନ୍ତି ବୋଲି ସେ ଆଶଙ୍କା ବ୍ୟକ୍ତ କରିଛନ୍ତି । ତେଣୁ ସରକାର ତାକୁ ନ୍ୟାୟ ଦେବାକୁ ପଡିବ ଓ ତୁରନ୍ତ ତାକୁ ଜାମିନ ଦେବାର ବ୍ୟବସ୍ଥା କରନ୍ତୁ ବୋଲି ସେ ଦାବି କରିଛନ୍ତି । ମହିଳା ସରପଞ୍ଚ ତାର ଅଧିକାର ପରିସର ଭିତରେ ସ୍ୱର ଉଠାଇଛନ୍ତି । ଫକିରମୋହନ ସେନାପତି ମହାବିଦ୍ୟାଳୟରେ ତାଙ୍କ ଦଳର ଛାତ୍ରୀଙ୍କୁ ପୋଡି ମାରିବା ଭଳି ତାଙ୍କ ଦଳର ସରପଞ୍ଚଙ୍କୁ ଅତ୍ୟାଚାର କରାଯାଉଛି ବୋଲି କହିଛନ୍ତି । ଏହା ପଛରେ କେଉଁ କ୍ଷମତାଶାଳୀ ଲୋକଙ୍କ ହାତ ଅଛି ବୋଲି ପୀଡ଼ିତା ସରପଞ୍ଚ କରିଥିବା ଅଭିଯୋଗ ଉପରେ କାହିଁକି କାର୍ଯ୍ୟାନୁଷ୍ଠାନ ନିଆଯାଇନି ବୋଲି ପିସିସି ସଭାପତି ପ୍ରଶ୍ନ କରିଛନ୍ତି । ପିସିସି ସଭାପତି ଶ୍ରୀ ଦାସଙ୍କ ସହିତ ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନଗୋ, ନଗେନ୍ଦ୍ର ପ୍ରଧାନ, ଯୁବ ନେତା ସିଦ୍ଧାର୍ଥ ସ୍ୱରୂପ ଦାସ, ଶିବାନନ୍ଦ ରାୟ, ପୂର୍ବତନ ବିଧାୟକ ସିପ୍ରା ମଲ୍ଲିକ, ଚିନ୍ମୟ ପ୍ରସାଦ ବେହୁରା, ଜିଲ୍ଲା ସଭାପତି ଦେବସ୍ମିତା ଶର୍ମା, କଂଗ୍ରେସ ସେବା ଦଳର ମୁଖ୍ୟ ଶୁଭେନ୍ଦୁ ମହାନ୍ତି, କିଶାନ ମୋର୍ଚ୍ଚା ମୁଖ୍ୟ ଅଭୟ ସାହୁ, ପିସିସି ଉପସଭାନେତ୍ରୀ ସସ୍ମିତା ବେହେରା, ଯୁବ କଂଗ୍ରେସ ଜିଲ୍ଲା ସଭାନେତ୍ରୀ ଲକ୍ଷ୍ମୀପ୍ରିୟା ନାୟକ, ପ୍ରଶାନ୍ତ କୁମାର ରାଉତ, ଆକବର ଅଲ୍ଲୀ, ହଲଧର ସେଠୀ, ସତ୍ୟପ୍ରିୟ ସାମଲ, ରତିକାନ୍ତ କାନୁନଗୋ, ପ୍ରଫୁଲ ଦାସ ପ୍ରମୁଖ କଂଗ୍ରେସନେତାମାନେ ପୀଡ଼ିତା ସରପଞ୍ଚ ଚାମେଲିଙ୍କୁ ସାକ୍ଷାତ କରିଥିଲେ । ସେହିଭଳି ଚାମେଲୀ ଓଝାଙ୍କ ସମର୍ଥନରେ ବିଜୁ ଜନତା ଦଳ ଅଣ୍ଟାଭିଡ଼ିଛି । ସରପଞ୍ଚଙ୍କ ପ୍ରତି ହୋଇଥିବା ଦୁର୍ବ୍ୟବହାର, ଶାରୀରିକ ଆକ୍ରମଣ, ଧମକ ଘଟଣା ଓଡ଼ିଶାରେ ମହିଳା ସୁରକ୍ଷା ଉପରେ ଗମ୍ଭୀର ପ୍ରଶ୍ନବାଚୀ ସୃଷ୍ଟି କରିଛି । ରାଜ୍ୟ ସରକାର ୨ ବର୍ଷ ପୂର୍ତ୍ତି ଉତ୍ସବ ପାଳନ କରୁଥିବା ବେଳେ ଜଣେ ନିର୍ବାଚିତ ମହିଳା ଜନପ୍ରତିନିଧିଙ୍କୁ ସର୍ବସମ୍ମୁଖରେ ଏଭଳି ଅପମାନିତ କରାଯିବା ଅତ୍ୟନ୍ତ ଲଜ୍ଜାଜନକ ଓ ନିନ୍ଦନୀୟ ବୋଲି ବିଜେଡି କହିଛି । ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ରାଜ୍ୟସଭା ସାଂସଦ ସୁଲତା ଦେଓ ଓ ପୂର୍ବତନ ମହିଳା କମିଶନ ଅଧକ୍ଷା ମୀନତୀ ବେହେରା ଉପସ୍ଥିତ ଥିଲେ । ସେମାନେ କହିଛନ୍ତି, ବିଜେପିର ନାରୀଶକ୍ତି ବନ୍ଦନ ସ୍ଲୋଗାନ ପ୍ରହସନରେ ପରିଣତ ହୋଇଛି । ଲୋକଙ୍କ ଅଧିକାର ପାଇଁ ଲଢ଼େଇ କରୁଥିବା ସରପଞ୍ଚ ଚାମେଲୀ ଓଝାଙ୍କୁ ସର୍ବସମ୍ମୁଖରେ ଯେଉଁଭଳି ନିର୍ଯାତନା ଓ ଅପମାନର ଶିକାର ହେବାକୁ ପଡ଼ିଲା, ତାହା ରାଜ୍ୟ ସରକାରଙ୍କ ଅସଲ ସ୍ୱରୂପକୁ ପଦାରେ ପକାଇଦେଇଛି । ମହିଳାଙ୍କ ସମ୍ମାନ, ସୁରକ୍ଷା ଓ ଅଧିକାର ପ୍ରସଙ୍ଗରେ କୌଣସି ପ୍ରକାରର ଅନ୍ୟାୟକୁ ବିଜେଡି ସହ୍ୟ କରିବ ନାହିଁ । ଚାମେଲୀ ଓଝାଙ୍କୁ ନ୍ୟାୟ ମିଳିବା ପର୍ଯ୍ୟନ୍ତ ବିଜେଡି ଏହି ପ୍ରସଙ୍ଗରେ ଆନ୍ଦୋଳନ ଓ ସଂଗ୍ରାମ ଜାରି ରଖିବ ବୋଲି ଶ୍ରୀମତୀ ବେହେରା କହିଛନ୍ତି ।

## ଓଡ଼ିଶାରେ ମୋହନ ସରକାରଙ୍କ ...

କିମ୍ବା ୮୦ ପ୍ରତିଶତଭିନ୍ନ କ୍ଷମ ବ୍ୟକ୍ତିଙ୍କୁ ୩୧ଶହ ଟଙ୍କା ଦେଉଛୁ । ୬ଲକ୍ଷ ହିତାଧିକାରୀଙ୍କୁ ସେଚୁରନ ମୋଡରେ ଭତାରେ ଦେଉଛୁ । ଗଲା ଦୁଇ ମାସରୁ ଅଧିକ ସମୟ ହେବ ଭତ୍ତା ଦିଆଯାଇ ନଥିବା ସମସ୍ୟା ଆସିଛି କିନ୍ତୁ ଏହା କେନ୍ଦ୍ର ସରକାରଙ୍କର ସମସ୍ୟା । ଟେକ୍ନିକାଲ ସମସ୍ୟା ପାଇଁ ଅର୍ଥ ପ୍ରଦାନ କରାଯାଇ ପାରୁ ନାହିଁ । ଗୋଟେ ମାସର ନୁହେଁ ଏକକାଳୀନ ତାଙ୍କୁ ୩ମାସର ଭତ୍ତା ଦେବେ ସରକାର । ୩୫ଲକ୍ଷ ଯୋଗ୍ୟ ଲୋକଙ୍କୁ ପକ୍କା ଘର ଦିଆଯିବ । ପ୍ରତ୍ୟେକ ବର୍ଷ ୧୦ ଲକ୍ଷ ପ୍ରଧାନମନ୍ତ୍ରୀ ଆବାସ ରାଜ୍ୟକୁ ଯୋଗାଇବେ କେନ୍ଦ୍ର ।

**ଜଗନ୍ନାଥ ଦର୍ଶନ କାର୍ଯ୍ୟକ୍ରମ :**

୪୫୫୧ଜଣ ଶ୍ରୀ ଜଗନ୍ନାଥ ଦର୍ଶନ କାର୍ଯ୍ୟକ୍ରମରେ ମହାପ୍ରଭୁଙ୍କୁ ଆସି ଦର୍ଶନ କରିଛନ୍ତି । ଫାଷ୍ଟ ଡେଷ୍ଟିନେସନ କରିବେ ସରକାର । ୨ବର୍ଷରେ କୌଣସି ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ହୋଇନାହିଁ । ୨୦୨୭ ସୁଦ୍ଧା ସବୁ ଗାଁକୁ ବିଜୁଳି ଯୋଗାଇବେ ସରକାର । ୨୪ବର୍ଷ ଶାସନରେ ଗଲା ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀଙ୍କୁ ତାଙ୍କ ଗୁହାରି ଶୁଣାଇ ପାରୁ ନଥିଲେ । ଆମ ସରକାର ଆସିବା ମାତ୍ରେ ଶୁଣାଣି କରୁଛନ୍ତି ଲୋକଙ୍କ ସମସ୍ୟା । ୧୪ହଜାରରୁ ଅଧିକ ଅଭିଯୋଗ ଆସିଛି ତନ୍ ମଧ୍ୟରୁ ୯୫ ପ୍ରତିଶତ ସମାଧାନ କରାଯାଇଛି । ସବୁ ବିଭାଗରେ ପଦ ପଦବୀ ପୂର୍ବ ସରକାର କରିନଥିଲେ ଠିକରେ ନିଯୁକ୍ତି ଦେଇ ଚଳାଉଥିଲେ । ଲୋକସେବା ଭବନ ହେଉ କି ବିଧାନସଭା ଭବନରେ କଟକଣା ଗଣମାଧମ ପାଇଁ ଲଗାଇଥିଲେ ପୂର୍ବ ସରକାର । ୩୧୪ ବ୍ଲକରେ ଷ୍ଟାଡିୟମ ନିର୍ମାଣ କରାଯିବ । ୪ହଜାର ୧୨୪କୋଟି ଟଙ୍କା ସରକାର ସେଥିପାଇଁ ରଖିଛନ୍ତି । ଆର୍ଥିକ ସୁପରିଚାଳନାରେ ଆମେ ଶୃଙ୍ଖଳା ରକ୍ଷା କରିଛୁ । ଜାତୀୟ ହାରଠାରୁ ଆମର ଅଭିବୃଦ୍ଧି ଅଧିକ ରହିଛି ।

**ମମତାଙ୍କ ଅହମ ଭଙ୍ଗ ହୋଇଛି : ମୋହନ**

ବିରୋଧୀ ଦଳ ଦୁଇ ବର୍ଷ ହେବ ପଚାରୁଛନ୍ତି ଡବଲ ଇଞ୍ଜିନ ସରକାରରେ ଓଡ଼ିଶା ପାଇଲା କଣ ? ମୁଁ କହୁଛି ସେମାନେ ଶୁଣନ୍ତୁ ଦୀଘାର ଜଗନ୍ନାଥ ଧାମରୁ ଧାମ ଶବ୍ଦ ଉଠାଇବାରେ ଆମ ସରକାର ସଫଳ ହୋଇଛନ୍ତି । ଦାରୁକୁ ନେଇ ମଧ ପ୍ରଶ୍ନ କରିଥିଲେ । ମମତାଙ୍କ ଅହଁମ ଭଙ୍ଗ ହୋଇଛି ।ଭୁବନେଶ୍ୱରକୁ ଗ୍ରେଟର ଭୁବନେଶ୍ୱର ବନାଇ ଦିଆଯିବ । ଓଡ଼ିଶାର ସମସ୍ତ ଆଧାତ୍ମିକତା କ୍ଷେତ୍ରକୁ ବିକାଶ କରାଯିବ । ଫାଇଲରେ ବି ଏବେ ଓଡ଼ିଆ ଭାଷାରେ କାର୍ଯ୍ୟ କରାଯାଉଛି । ତାହାକୁ ସତ ପ୍ରତିଶତ କରାଯିବ । ପୂର୍ବ ସରକାର ଚଳାଉଥିବା ବ୍ୟକ୍ତି କିମ୍ବା ନେତାଙ୍କର ଓଡ଼ିଆ ପ୍ରତି ଭଲ ପାଇବା ନଥିଲା । ସେଥିପାଇଁ ୨୪ ବର୍ଷିଆ ଶାସନରେ ଲଗାଇ ନଥିଲେ । ଆମ ସରକାର ଲୋକଙ୍କ ସହ ଅଛନ୍ତି ସେଥିପାଇଁ ତ ଲୋକଙ୍କ ସରକାର କହୁଛନ୍ତି । ୨୪ବର୍ଷିଆ ଶାସନରେ ବିକାଶକୁ କେବଳ ପ୍ରଚାର ପ୍ରସାରରେ ସେମିତି ଥିଲା । ଗଲା ଶାସନରେ ହୁଇନ୍ସ ଆଣ୍ଡ ଫ୍ୟାନ୍ସି ଗୋଟିଏ ବ୍ୟକ୍ତି ପାଇଁ ପାଇଥିଲା । ଯାହାର ଉଦାହରଣ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କେମିତି ଆଉ କାହା ରଚନାରେ ହେଉଥିଲା ।

## ରାସ୍ତା କଡ଼ରେ ବସାଇଦେଲେ ...

ନିର୍ଦ୍ଦେଶ ଥିବା କଥା ମଧ ଜଣାଇଥିଲୁ । ତଥାପି ସେମାନେ ନିଜ ସୁବିଧା ପାଇଁ ଏଠାକାର ଉତ୍ସବ ସମୟରେ ରଥଯାତ୍ରା ଆୟୋଜନ କଲେ । ରଥଯାତ୍ରା ନାଁ ଦେଲେ, କିନ୍ତୁ ରଥରେ ଠାକୁରଙ୍କୁ ଆଣିବା ପରିବର୍ତ୍ତେ ରାସ୍ତା କଡ଼ରେ ଆଣି ବସାଇଦେଲେ । ଜଗତର ମୁରବିଙ୍କୁ ଏଭଳି ଅପମାନିତ କରିବା ଦୃଶ୍ୟ ଆମେ ସ୍ୱଚକ୍ଷୁରେ ଦେଖିବାକୁ ସାହସ କରିପାରିଲୁ ନାହିଁ । ଏତେ କହିବା ସତ୍ତ୍ୱେ ସେମାନେ ମାନିବାକୁ ନାରାଜ । କହୁଛନ୍ତି, ଆମକୁ ଯାହା ଉପରୁ ନିର୍ଦ୍ଦେଶ ଆସିଛି ଆମେ ସେହି ଅନୁଯାୟୀ ପାଳନ କରୁଛୁ । ମାତ୍ର ଏଥିରେ କ'ଣ ସତ୍ୟତା ତାହା ଜାଣି ହେଉନାହିଁ । ଯେତେ ପ୍ରକାରର ପ୍ରମାଣ ଦେଲେ ମଧ ନିୟମ ଉଲ୍ଲଂଘନ କରି ବାରମ୍ବାର ଅ-ତିଥିରେ ରଥଯାତ୍ରା କରିବା ଏବଂ ମହାପ୍ରଭୁଙ୍କୁ ଆଣି ରାସ୍ତାରେ ବସାଇବା କଦାପି କ୍ଷମଣୀୟ ନୁହେଁ । ଏଥିରେ ସେମାନଙ୍କର ଭିନ୍ନ କିଛି ଅଭିମୁଖ୍ୟ ଥିବା ଭଳି ହୃଦବୋଧ ହେଉଛି । ଏଥିରେ ଭାରତ ସରକାର ତୁରନ୍ତ ହସ୍ତକ୍ଷେପ କରିବା ପାଇଁ ପ୍ରବାସୀ ଭାରତୀୟମାନେ ଦାବି କରିଛନ୍ତି । ଜର୍ମାନୀର ୱି ସବାଡେନ୍ ଭଳି ଆମେରିକାର ନ୍ୟୁୟର୍କରେ ମଧ ଆଜି ଅ-ତିଥିରେ ରଥଯାତ୍ରା ଅନୁଷ୍ଠିତ ହୋଇଛି ।

## ଏସ୍କର୍ଟ ସର୍ଭିସ ନାଁରେ ସେକ୍ସ ର୍ୟାକେଟ୍ ...

ଟଙ୍କା ଲେଖା ଯାଇଛି । ପରେ ସେ ଏସ୍କର୍ଟ ସର୍ଭିସ୍ ୱେବସାଇଟ ସର୍ଚ୍ଚ କରିଥିଲେ । ଦେଖିଥିଲେ ଗତ କିଛି ଦିନ ତଳେ ସେ ଯେଉଁ ଫଟୋ ଇନ୍ଷ୍ଟାଗ୍ରାମରେ ଅପଲୋଡ୍ କରିଥିଲେ ତାହା ସବୁ ଉକ୍ତ ୱେବସାଇଟରେ ପଡ଼ିଛି । ଅଭିଯୁକ୍ତଙ୍କ ଏଭଳି କାର୍ଯ୍ୟକଳାପ ପାଇଁ ଅଭିଯୋଗକାରିଣୀଙ୍କ ସମ୍ମାନ, ମର୍ଯ୍ୟାଦା ଓ ଗୋପନୀୟତା କ୍ଷୁଣ୍ଣ ହୋଇଥିଲା । ଏ ନେଇ ସେ ଥାନାରେ ଅଭିଯୋଗ କରିଥିଲେ । ପୁଲିସ୍ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା । ଯାଞ୍ଚ ସମୟରେ ଜଣାପଡ଼ିଥିଲା ଯେ ଅଭିଯୁକ୍ତମାନେ ଅନେକ ଯୁବତୀଙ୍କ ଫଟୋକୁ ସେମାନଙ୍କ ବିନା ଅନୁମତିରେ ବ୍ୟବହାର କରି ଏସ୍କର୍ଟ ସେବା ଯୋଗାଇଦେବାର ପ୍ରଲୋଭନ ଦେଖାଇ ଅନଲାଇନ ପେମେଣ୍ଟ ମାଧ୍ୟମରେ ଟଙ୍କା ଆଦାୟ କରୁଛନ୍ତି । ଏମାନଙ୍କୁ ଗିରଫ କରିବା ପରେ ସ୍କ୍ରିନସଟ, ଚାଟ୍ ରେକର୍ଡ, ମୋବାଇଲ ନମ୍ବର, ୟୁପିଆଇ କାରବାର ସମ୍ବନ୍ଧୀୟ ତଥ୍ୟ ଏବଂ ଅନ୍ୟାନ୍ୟ ଡିଜିଟାଲ ପ୍ରମାଣ ପୁଲିସ୍ ହାତରେ ଲାଗିଛି । ଏମାନେ ଅନଲାଇନରେ ସେକ୍ସ ରାକେଟ୍ ଚଳାଉଥିବା ପୁଲିସ୍ କହିଛି । ସେମାନେ ନିରୀହ ମହିଳାମାନଙ୍କର ଫଟୋ ଓ ପରିଚୟକୁ ବିନା ଅନୁମତିରେ ବ୍ୟବହାର କରି ଏସ୍କର୍ଟ ସର୍ଭିସ ୱେବସାଇଟରେ ଅପଲୋଡ଼ କରୁଥିଲେ । ତା'ଛଡା ବିଭିନ୍ନ ସୋସିଆଲ ମିଡିଆରେ ଉକ୍ତ ଫଟୋକୁ ଡିପି ରଖି ପୌଢ଼ ଓ ଯୁବକଙ୍କ ସହ ଅନଲାଇନରେ ନକଲି ପ୍ରେମ ସମ୍ପର୍କ ରଖୁଥିଲେ ବୋଲି ପୁଲିସ୍ ଜାଣିବାକୁ ପାଇଛି ।

## ଅନ୍ଧାର ଭିତରେ ହଜି ଯାଇଛି ...

ତେଣୁ ସନ୍ଧ୍ୟା ହେଲେ ଗାଁରେ ଘୋଟି ଯାଉଛି ଅନ୍ଧକାର । ତାଟି କବାଟ ପଡି ଯାଉଛି । ମଣିଷ ଘର ଭିତରେ ରହୁଛି, ହାତୀ ଓ ହିଂସ୍ର ବନ୍ୟଜନ୍ତୁ ଗାଁ ଦାଣ୍ଡରେ ଅବାଧରେ ବୁଲୁଛନ୍ତି । ଅଞ୍ଚଳବାସୀଙ୍କ ଅଭିଯୋଗ ଅନୁଯାୟୀ, ସମ୍ପ୍ରତି ୪୫ ଡିଗ୍ରୀ ଅନୁଭୂତ ହେଉଛି । ତେଣୁ ଅସହ୍ୟ ଗରମ ଯୋଗୁ ଛୋଟ ପିଲାମାନେ ଚର୍ମ ରୋଗର ଶିକାର ହେଉଛନ୍ତି । ଖରା ଗରମ ସାଙ୍ଗକୁ ରୋଗ ଯନ୍ତ୍ରଣାରେ ପଡି ଛଟପଟ ହେଉଛନ୍ତି । ସୋଲାର ପମ୍ପ ଅଚଳ ହୋଇ ପଡିଥିବାରୁ ପିଇବା ପାଣି ଟୋପାଏ ମିଳୁନି ଗାଁ ଲୋକଙ୍କୁ । କେତେ ଦୂର ଚାଲି ଚାଲି ଯାଇ ଗାଁ ନିକଟ ନାଳରୁ ଚୁଆ ଖୋଳି ପାଣି ଆଣୁଛନ୍ତି । ଏପରିକି ମୋବାଇଲ ଫୋନ ବି ଏମାନଙ୍କ ପାଖରେ ନାହିଁ । କାରଣ, ବିଦ୍ୟୁତ ସଂଯୋଗ ନ ଥିବାରୁ ମୋବାଇଲ ରିଚାର୍ଜ କରିପାରୁ ନାହାନ୍ତି ଏମାନେ । ଗାଁରେ ଅଗ୍ନିକାଣ୍ଡ ହେଲେ ବା କେହି ଗୁରୁତର ହେଲେ ଦମକଳ କିମ୍ବା ଆମ୍ବୁଲାନ୍ସ ସେବାକୁ ଫୋନ କରିବା ସମ୍ଭବ ହୋଇ ପାରୁ ନାହିଁ । ଜଙ୍ଗଲ ଭିତରେ ଏଭଳି ଦୟନୀୟ ଅବସ୍ଥାରେ ଲୋକେ ବଞ୍ଚି ରହିଥିବାବେଳେ ପ୍ରଶାସନ ଠାରୁ ବନ ବିଭାଗ ପର୍ଯ୍ୟନ୍ତ ସମସ୍ତେ ଚୁପ ବସିଛନ୍ତି ।' ଆଦିବାସୀଙ୍କ ଉନ୍ନୟନ ପାଇଁ ସରକାରଙ୍କର ଅନେକ ଯୋଜନା ରହିଛି । ସେଥି ପାଇଁ ସ୍ୱତନ୍ତ୍ର ପାଣ୍ଠି ମଧ ଅଛି । ହେଲେ ସାଲର ଗାଁରେ ଏହି ଆଦିବାସୀ ପରିବାରଗୁଡ଼ିକ ପାଇଁ ସାମାନ୍ୟ ବିଦ୍ୟୁତ୍ ସଂଯୋଗ ହୋଇ ପାରୁ ନାହିଁ ଯାହାକି ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ।

## ଇରାନ ସହିତ ଶାନ୍ତି ଚୁକ୍ତି ସ୍ୱାକ୍ଷରିତ ...

ଆମେ ଆମର ବି-୨ ବୋମାବର୍ଷୀ ବିମାନ ଏବଂ ସେମାନଙ୍କର ଚତୁର ପାଇଲଟମାନଙ୍କ ସହାୟତାରେ ଗ୍ରାନାଇଟ୍ ପର୍ବତ ତଳେ ପୋତି ହୋଇଯାଇଥିବା ପରମାଣୁ ସାମଗ୍ରୀ (ପରମାଣୁ ଧୂଳି) ବାହାର କରିବୁ । ପରେ ଏହାକୁ ନଷ୍ଟ କରାଯିବ । ଆମେ ଭବିଷ୍ୟତରେ ଇରାନ ଏବଂ ସମଗ୍ର ମଧ୍ୟପ୍ରାଚ୍ୟ ସହିତ ଘନିଷ୍ଠ ଭାବରେ କାମ କରିବାକୁ ଅପେକ୍ଷା କରିଛୁ । ଆମେ ଆଶା କରୁଛୁ ଯେ ଏହି ପ୍ରକ୍ରିୟା ଶୀଘ୍ର, ସୁଗମ ଏବଂ କୌଣସି ବାଧା ବିନା ସମାପ୍ତ ହେବ । ଯଦି ତାହା ନହୁଏ, ତେବେ ଆମ ପାଖରେ ଶେଷ ବିକଳ୍ପ ଅଛି, ଏବଂ ଆଶା କରୁଛୁ ଯେ, ଆମକୁ ଏହାକୁ କେବେ ବ୍ୟବହାର କରିବାକୁ ପଡ଼ିବ ନାହିଁ ।

# ଦୂରେଇ ଗଲାଣି ପରମ୍ପରା : ହଜିଲାଣି ରଜ ମଉଜ




**କଟକ(ଏନ୍.ଏମ୍.) :** ଆନନ୍ଦ ଉତ୍ସବର ପର୍ବ ରଜ । ଏହା ହିନ୍ଦୁ ଧର୍ମର ଏକ କୃଷି ଭିତ୍ତିକ ପର୍ବ । ଏହି ରଜପର୍ବର ଅବ୍ୟବହିତ ପୂର୍ବରୁ ଆଜି କଟକ ସହରରେ ଆରମ୍ଭ ହୋଇଛି ସଜବାଜ । ଘରେ ଘରେ ପିଠାପଣା ତିଆରି କରିବା ପାଇଁ ଆରମ୍ଭ ହୋଇଛି ପ୍ରସ୍ତୁତି । ପିଠା ଆଉ ମିଠା ପ୍ରସ୍ତୁତି ପାଇଁ ବିରି, ଚାଉଳ, ନଡ଼ିଆ ଆଦିକୁ ନେଇ ପିଠଉ ତିଆରି ହେଉଥିବାବେଳେ ରଜ ପର୍ବକୁ ଅଧିକ ମଧୁର କରିବା ପାଇଁ ଘରେ ଘରେ ପୋଡ଼ପିଠା ମଧ ତିଆରି ଚାଲିଛି । ଝିଅମାନେ ବିଭିନ୍ନ ପ୍ରସାଧନ ସମାଗ୍ରୀ ଦ୍ୱାରା ନିଜକୁ ଆଭୁଷଣ କରିବା ଆରମ୍ଭ କରିଛନ୍ତି । ରଜ ପର୍ବ ଝିଅମାନଙ୍କ ମୁଖ୍ୟପର୍ବ ହୋଇଥିବାରୁ ପୁଅମାନଙ୍କ ଅପେକ୍ଷା ଝିଅମାନେ ଅଧିକ ପ୍ରସ୍ତୁତିରେ ଲାଗିଯାଇଛନ୍ତି । ସାଙ୍ଗ ସାଥିଙ୍କ ଗହଣରେ ନିଜକୁ ସଜେଇ ହେବାର ଅଭ୍ୟାସ ଆରମ୍ଭ କରିଥିବାବେଳେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ରଜପର୍ବକୁ ଅଧିକ ଉତ୍ସବମୁଖର କରିବା ପାଇଁ ବିଭିନ୍ନ ଫୁଲ ଓ ତାଳ ପତ୍ର ବାନ୍ଧି ଦୋଳି ଝୁଲାଇବା କାର୍ଯ୍ୟରେ କର୍ମକର୍ତ୍ତାମାନେ ବ୍ୟସ୍ତ ଅଛନ୍ତି । ଆସନ୍ତା କାଲି ଠାରୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ବିଭିନ୍ନ ସ୍ଥାନରେ ରଜ ମହୋତ୍ସବ ଅନୁଷ୍ଠିତ ହେବ । ଏହି ଅବସରରେ ଆୟୋଜିତ ବିଭିନ୍ନ ପିଠା ଓ ମିଠାର ପ୍ରତିଯୋଗିତାରେ ଭାଗ ନେବା ପାଇଁ ମହିଳାମାନେ ମଧ ସ୍ୱତନ୍ତ୍ର ପିଠା ପ୍ରସ୍ତୁତିରେ ବ୍ୟସ୍ତ ରହିଛନ୍ତି । ଆଉକିଛି ସ୍ଥାନରେ ରଜଦୋଳି ଖେଳ ସାଙ୍ଗକୁ ରଜ ଗୀତ ଗାଇବା ପାଇଁ ରଜଦୋଳି କଟ ମଟ ମୋ ଭାଇ ମୁଣ୍ଡରେ ସୁନାମୁକୁଟ... ସହିତ ପୁଚି ଖେଳବେଳେ ଠିଆପୁଚି ନାରଙ୍ଗ ଗୋଡ ଦିଇଟା ସାରଙ୍ଗ ଆଦି ଗୀତର ପଙ୍କ୍ତି ଗୁଣୁଗୁଣୁ ହେବା ସହ ଆସନ୍ତାକାଲି କିପରି ରଜର ମଜା ଉଠାଇବେ ସେ ନେଇ ପୁରା ସଜବାଜ ହୋଇ ଉଠିଛନ୍ତି ।

ରଜପାଇଁ ସ୍ୱତନ୍ତ୍ର ବ୍ୟବହୃତ ଗୀତ ବନସ୍ତେ ଡାକିଲା ଗଜ ବରଷକେ ଥରେ ଆସିଛି ରଜ ଆସିଛି ରଜଲୋ ନେଇ ନୂଆସଜବାଜ ଆଜିବି ଗୁଞ୍ଜରିତ ହେଉଛି । ଅର୍ଥାତ ଗ୍ରୀଷ୍ମର ନିଧାଗର ଅନ୍ତଘଟାଇ ଆଶାଢ଼ର ପ୍ରବେଶ ହିଁ ରଜପର୍ବ । ତେଣୁ ଚାଷ କାମ ପାଇଁ ଆରମ୍ଭର ସମୟ । ତେଣୁ ରଜ ୩ଦିନ ପାଳନ ପରେ ଭୂଦହନ ଠାରୁ ଚାଷୀଭାଇମାନେ ଚାଷ କାମରେ ମନୋନିବେଶ କରିଥାନ୍ତି । ଏଥିପାଇଁ ପ୍ରତ୍ୟେକ ଚାଷୀ ଘରେ ନୂଆ ସଜବାଜ ହେବାର ପରମ୍ପରା ରହିଛି । ମାତ୍ର ବର୍ତ୍ତମାନ ଯୁଗ ଅନୁଯାଇ ସବୁକିଛି ବଦଳିବାରେ ଲାଗିଛି । ପ୍ରତି ଘରେ ଏହି ପର୍ବ ପାଳିତ ହେଉଥିଲେ ମଧ ସମୟକ୍ରମେ ପରମ୍ପରାରେ ଘଟିଲାଣି ଅନେକ କିଛି ପରିବର୍ତ୍ତନ । ଏହି ପର୍ବ ୩ଦିନ ଧରି ପାଳନ ହେଉଥିବାବେଳେ ପ୍ରଥମ ଦିନକୁ ପହିଲି ରଜ ବୋଲି କୁହାଯାଏ । ଏହି ପର୍ବର ପୂର୍ବଦିନକୁ ବଟା-ଘଷା ବା ସଜବାଜ ଭାବେ ଅଭିହିତ ହୋଇଥାଏ । ରଜ ସମୟରେ ବସୁମାତା ରଜସ୍ୱାଳା ହୋଇଥିବାରୁ ଏହି ଦିନ ଧରିତ୍ରୀ ଅର୍ଥାତ ମାଟିକୁ କୌଣସି ଆଘାତ ଲାଗିବା ଭଳି କାର୍ଯ୍ୟ କରାଯାଏ ନାହିଁ । ତେଣୁ ରଜ ପୂର୍ବ ଦିନ ପ୍ରତ୍ୟେକ କାର୍ଯ୍ୟ ଶେଷ କରାଯାଇଥାଏ । ରଜରେ ପିଠା ଓ ମିଠା ଖାଇବାର ପରମ୍ପରା ରହିଛି । ତେଣୁ ଲୋକେ ପିଠା ପ୍ରସ୍ତୁତ କରିବା ପାଇଁ ଆବଶ୍ୟକୀୟ ପିଠଉ ମଧ ପୂର୍ବ ଦିନରୁ ପ୍ରସ୍ତୁତ କରିଥାନ୍ତି । ହେଲେ ଏବେ ସମୟ ବଦଳିଛି । ଘରେ ଘରେ ଅତି ପରିଚିତ ଶିଳ, ଚକି ଏବେ କାହାଣୀ ପାଲଟିଛି । ବିଦ୍ୟୁତ ଚାଳିତ ଗ୍ରାଇଣ୍ଡର ତଥା ଅନ୍ୟାନ୍ୟ ଉପକରଣ ଯୋଗୁଁ ପାରମ୍ପରିକ ଶିଳ ଚକିର ଆଉ ବ୍ୟବହାର ହେଉନାହିଁ । ତଥାପି ଘରେ ଥିବା ବୁଢ଼ାବୁଢ଼ୀଲୋକଙ୍କ ମନ ମାନୁନି ରଜ ପାଇଁ ଶିଳ ଚକି ଧରି ପିଠଉ ପ୍ରସ୍ତୁତ କରିବାରେ ବ୍ୟସ୍ତ ରହିଛନ୍ତି ।ଏ ସଂକ୍ରାନ୍ତରେ ଯୁବପିଢ଼ିର ମତ ମଧ ବଦଳିଛି । ରଜରେ ଆମେ ଶିଳ ଚକିତ ବ୍ୟବହାର କରୁନୁ ତେଣୁ ପୂର୍ବରୁ କାହିଁକି ପ୍ରସ୍ତୁତି କରିବୁ । ପ୍ରସ୍ତୁତି ବେଶି ସମୟ ରହିଲେ ତାହା ନଷ୍ଟ ହୋଇଯିବ ବୋଲି ମଧ ମତ ଦେଉଛନ୍ତି । ବର୍ଷରେ ଥରେ ଆସୁଥିବା ରଜ ଯେମିତି ମଉଜ ଦେବ ସେଥିପାଇଁ ସେଥି ପାଇଁ ସମସ୍ତେ ବ୍ୟସ୍ତ । ମାତ୍ର ବଟା-ଘଷା ଦିନରେ ପୂର୍ବରୁ ଚାଲୁଥିବା କାର୍ଯ୍ୟ ଏବେ ଆଉ ଦେଖିବାକୁ ମିଳୁନାହିଁ । ଏହି ଭଳି ଆଧୁନିକତାର ଦ୍ୱାହିରେ ଅନେକ ପରମ୍ପରା ଆଜି ହଜିବାକୁ ବସିଛି । ତେବେ ଚଳିତ ବର୍ଷ ରଜ ରବି, ସୋମ ଓ ମଙ୍ଗଳବାର ପଡୁଥିବାରୁ ରଜକୁ ନିରାମିଷରେ ପାଳନ କରିବା ପାଇଁ ବହୁ ଲୋକ ଇଛା ପ୍ରକାଶ କରିଛନ୍ତି ।

# ରାଜ୍ୟର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳାକୁ ନେଇ ଡିଜିପି ଅଫିସ୍ ସମ୍ମୁଖରେ ଓଡ଼ିଶା ଜନତା କଂଗ୍ରେସର ବିଶାଳ ଗଣବିକ୍ଷୋଭ




**କଟକ(ଏନ୍.ଏମ୍.) :** ରାଜ୍ୟରେ କ୍ରମାଗତ ଭାବେ ବିପର୍ଯ୍ୟସ୍ତ ହେଉଥିବା ଆଇନ ଶୃଙ୍ଖଳା ପରିସ୍ଥିତି ଏବଂ ପୋଲିସ ନିର୍ଯାତନା ପ୍ରତିବାଦରେ ଆଜି ଓଡ଼ିଶା ଜନତା କଂଗ୍ରେସ ପକ୍ଷରୁ କଟକସ୍ଥିତ ଓଡ଼ିଶା ପୋଲିସ ମହାନିର୍ଦ୍ଦେଶକଙ୍କ (ଡିଜିପି) କାର୍ଯ୍ୟାଳୟ ସମ୍ମୁଖରେ ଏକ ବ୍ୟାପକ ଗଣବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଏହି କାର୍ଯ୍ୟକ୍ରମ ଅବସରରେ ଦଳର ଶତାଧିକ କର୍ମୀ ଓ ନେତୃବୃନ୍ଦ ସ୍ଥାନୀୟ ଜେଲ୍ ରୋଡ୍ ?ଠାରୁ ଏକ ବିଶାଳ ରାଲିରେ ବାହାରି ସରକାର ବିରୋଧୀ ନାରାବାଜି ଦେଇ ଡିଜିପି ଅଫିସ ଅଭିମୁଖେ ଅଗ୍ରସର ହୋଇ ପ୍ରତିବାଦ ସଭା ଠାରେ ପହଞ୍ଚିଥିଲେ । ଓଡ଼ିଶା ଜନତା କଂଗ୍ରେସର ରାଜ୍ୟ ସଭାପତି ତଥା ପୂର୍ବତନ ବିଧାୟକ ଇଂ. ମହମ୍ମଦ ମୋକିମ ଯୋଗଦେଇ ରାଜ୍ୟ ସରକାର ଏବଂ ପୋଲିସ ପ୍ରଶାସନ ଉପରେ ବର୍ଷିଥିଲେ । ସେ ନିଜ ବକ୍ତବ୍ୟରେ କହିଥିଲେ ଯେ, ଓଡ଼ିଶାରେ ଆଇନ ଶୃଙ୍ଖଳା ପରିସ୍ଥିତି ସମ୍ପୂର୍ଣ୍ଣ ଭାବେ ଭୁଶୁଡ଼ି ପଡ଼ିଛି ଏବଂ ସାଧାରଣ ଜନତା ଏବେ ନିଜକୁ ଅସୁରକ୍ଷିତ ମଣୁଛନ୍ତି । ରାଜଧାନୀ ଭୁବନେଶ୍ୱରରେ ବଢୁଥିବା ହତ୍ୟାକାଣ୍ଡ, ସିଜିମାଳି ଠାରେ ଆଦିବାସୀମାନଙ୍କ ଉପରେ ଅତ୍ୟାଚାର, ପୁରୀ କଣାସ ଘଟଣା ଏବଂ ଚାଞ୍ଚଲ୍ୟକର ସୌମ୍ୟ ହତ୍ୟାକାଣ୍ଡ ରାଜ୍ୟରେ ଅପରାଧୀଙ୍କ ବେପରୁଆ ମନୋଭାବକୁ ସ୍ପଷ୍ଟ କରୁଛି । ୨୦୨୪ ରୁ ୨୦୨୫ ମଧ୍ୟରେ ଅପରାଧ ହାରରେ ୭.୩% ବୃଦ୍ଧି ଘଟିଥିବା ବେଳେ ପୋଲିସ ଏହାକୁ ରୋକିବାରେ ବିଫଳ ହୋଇଛି । ଶ୍ରୀ ମୋକିମ ପୋଲିସର ଅମାନୁଷିକ ଚେହେରା ଉପରେ ଚିନ୍ତା ପ୍ରକଟ କରି କହିଥିଲେ ଯେ, ବାରଙ୍ଗ ଥାନାରେ ରାକେଶ ବେହେରା ଏବଂ କବିସୂର୍ଯ୍ୟନଗରରେ ଜଣେ ଦିବ୍ୟାଙ୍ଗ ଯୁବକ ସୁଶାନ୍ତ ସାହୁଙ୍କୁ ଥାନା ଭିତରେ ମରଣାନ୍ତକ ନିର୍ଯାତନା ଦିଆଯିବା ଓ ପରବର୍ତ୍ତୀ ସମୟରେ ସୁଶାନ୍ତଙ୍କ ମୃତ୍ୟୁ ଘଟିବା ଅତ୍ୟନ୍ତ ନିନ୍ଦନୀୟ । ଜନସାଧାରଣଙ୍କ ରକ୍ଷକ ସାଜିଥିବା ପୋଲିସ ଆଜି ଭକ୍ଷକ ସାଜିଛି, ଯାହା ଓଡ଼ିଶା ଭଳି ଶାନ୍ତିପ୍ରିୟ ରାଜ୍ୟ ପାଇଁ କଳଙ୍କ ସଦୃଶ । ଏହି ଆନ୍ଦୋଳନ ପରେ ଓଡ଼ିଶା ଜନତା କଂଗ୍ରେସର ଏକ ପ୍ରତିନିଧି ମଣ୍ଡଳୀ ଡିଜିପିଙ୍କୁ ବ୍ୟକ୍ତିଗତ ଭାବେ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ । ଏହି ଘଟଣାଗୁଡ଼ିକର ତଦନ୍ତ ପାଇଁ ଏକ ଉଚ୍ଚସ୍ତରୀୟ ସ୍ୱତନ୍ତ୍ର କମିଟି ଗଠନ କରିବା ସହ ଦୋଷୀ ପୋଲିସ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକଲେ ଆଗାମୀ ଦିନରେ ସାରା ରାଜ୍ୟରେ ଆନ୍ଦୋଳନକୁ ଆହୁରି ଜୋରଦାର କରାଯିବ ବୋଲି ଦଳ ପକ୍ଷରୁ ଚେତାବନୀ ଦିଆଯାଇଛି । ପ୍ରତିନିଧି ମଣ୍ଡଳୀରେ ପ୍ରଶାନ୍ତ ଶତପଥି, ସତ୍ୟଦୀପ ବିଶ୍ୱାଳ, ବଦ୍ରି ନାରାୟଣ ମହାନ୍ତି,ଶୁଭେନ୍ଦୁ ମଲ୍ଲିକ, ଗିରିବାଳା ବେହେରା, ଅନିଲ ବେଉରା, ସେକ ଲିଆକତ ଉଦ୍ଦୀନ ଅହମ୍ମଦ, ରମାକାନ୍ତ ବେହେରା, ଲିଜାରାଣୀ ରାଉତ, ସ୍ୱର୍ଣ୍ଣପ୍ରଭା ପସାୟତ ପ୍ରମୁଖ ଡିଜିପିଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ନିକୁଞ୍ଜ ପସାୟତ, ଶରତ ଚନ୍ଦ୍ର ଶେଠୀ, ଶୈଳବାଳା ଜେନା, ମନୋଜ ଜେନା, ପ୍ରତାପ ପରିଡା, ବିରେନ୍ଦ୍ର ଦାସ, କେଦାର ପୃଷ୍ଟି, ସଂଗ୍ରାମ କିଶୋର ମାଝି, ଦୀପକ ପରିଡା, ସୂର୍ଯ୍ୟକାନ୍ତ ରାଉତ, ବିଦ୍ୟାଧର ମହାନ୍ତି,ନରେଶ ମହାନ୍ତି, ସଞ୍ଜୟ ରାୟ, ମନୋଜ ଜେନା, ସେକ ବାରିକଉଦ୍ଦୀନ, କାଳି ପ୍ରସାଦ ମଲ୍ଲିକ, ନଯିବୁର ରେହେମାନ ଖାନ, ସୋମନାଥ ରାଉତ, ଆର୍ଯ୍ୟବୀର ଲେଙ୍କା, ସୁରଜିତ ସାହୁ, ସ୍ମୁରତି ରଞ୍ଜନ ରାଉତ, ସନ୍ତୋଷ ପାତ୍ର, ସୁନୀଲ ପଣ୍ଡା, ବାବୁ ସାହୁ, ସେକ ଗୁଲାମ ମୋଇହିଉଦ୍ଦୀନ, ଶୟଦ ରାମଜନ ଅଲ୍ଲି, ସେକ ବାବଜାଣି, ସଦାବ ସଲାମ, ଗୁଲଜାର ଅହମ୍ମଦ, ଦେବେନ୍ଦ୍ର ପ୍ରସାଦ ଶେଠୀ, ସେକ ଇମ୍ତିୟାଜ, ପୂର୍ବତନ କର୍ପୋରେଟର ଅନିତା ନାୟକ, ଗୌରୀ ଦାସ, କାଞ୍ଚନ ଦାସ, ସେକ ସମ୍ମିମଉଲ୍ଲା, ଚାରୁଲତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

### ଦିନକୁ ଦିନ ଭୁଷୁଡ଼ିବାରେ ଲାଗିଛି ଶିକ୍ଷା ବ୍ୟବସ୍ଥା

# ଜାଲ ପ୍ରମାଣପତ୍ର ଦେଇ ଚାକିରି କରିଥିବା ତୃତୀୟ ଅଧାପକ ବହିଷ୍କୃତ ପରେ ଶିକ୍ଷାବିଭାଗକୁ ନେଇ ପ୍ରଶ୍ନବାଚୀ




**ଭୁବନେଶ୍ୱର/ଜଗତସିଂହପୁର (ଏନ୍.ଏମ୍.) :** ସରକାର ସବୁବେଳେ ଶିକ୍ଷାକୁ ଯଥେଷ୍ଟ ଗୁରୁତ୍ୱ ଦେଇ ଆସିଛନ୍ତି । ଏପରିକି ପୂର୍ବରୁ ବହୁ ଦଳିତ, ଗରିବ ଆଦିବାସୀ ପିଲାମାନଙ୍କ ପାଇଁ ଅପହଞ୍ଚରେ ଥିବା ଶିକ୍ଷା ବ୍ୟବସ୍ଥାକୁ ପ୍ରସାର କରାଇବା ସହ ଶିକ୍ଷାନୁଷ୍ଠାନର ବିକାଶ ନିମନ୍ତେ ବିଭିନ୍ନ ଯୋଜନା ହାତକୁ ନେଇଛନ୍ତି । ଭିତ୍ତିଭୂମିର ବିକାଶ ପାଇଁ ପୁରାତନ ଛାତ୍ରଙ୍କ ସହଭାଗିତାରେ ସରକାର ଶିକ୍ଷାର ଭିତ୍ତିଭୂମିର ବିକାଶ ପାଇଁ ଯୋଜନା ପ୍ରଚଳନ କରିଛନ୍ତି । ଏପରିକି ବିଜେପି ସରକାର ରାଜ୍ୟରେ ଦୁଇବର୍ଷର ପୂର୍ତ୍ତି ପାଳନ ଅବସରରେ ମୁଖ୍ୟମନ୍ତ୍ରୀ କେଜିରୁ ପିଜି ପର୍ଯ୍ୟନ୍ତ ମାଗଣା ଶିକ୍ଷା ଦିଆଯିବ ବୋଲି ଘୋଷଣା କରିସାରିଛନ୍ତି । ହେଲେ ଶିକ୍ଷାର ପ୍ରକୃତ ବିକାଶରେ ଅନ୍ତରାୟ କେଉଁଠି ରହୁଛି ତାହା ଏବେ ଚର୍ଚ୍ଚାର ବିଷୟ ପାଲଟିଛି । ଦେଖିବାକୁ ଗଲେ ଶିକ୍ଷା ବ୍ୟବସ୍ଥାରେ ଏମିତି କିଛି ତ୍ରୁଟି ରହିଯାଇଛି ଯାହା ପାଇଁ ଏହାର ପ୍ରକୃତ ବିକାଶ ହୋଇ ପାରୁନାହିଁ । କହିବାକୁ ଗଲେ ଶିକ୍ଷାନୁଷ୍ଠାନ ଏକ ମନ୍ଦିର ହେଲେ ଶିକ୍ଷା ହେଉଛି ପୂଜା ଆଉ ଶିକ୍ଷା କର୍ମଚାରୀ ହେଉଛନ୍ତି ପୂଜକ । ସେହିଭଳି ଆଉ କେହି କେହି ଶିକ୍ଷାନୁଷ୍ଠାନକୁ ମଣିଷ ଗଢ଼ା କାରଖାନା ବୋଲି କହିଥାନ୍ତି । ଏହି କାରଖାନାର ଶିକ୍ଷାକର୍ମଚାରୀ ହେଉଛନ୍ତି ଜଣେ ମଣିଷ ଗଢ଼ିବା କୁଶଳୀ କାରିଗର । କିନ୍ତୁ ଏଠାରେ ପ୍ରକୃତ କାରିଗର ବିନା ଯେଉଁ ମଣିଷ ଗଢ଼ା ଯାଉଛି ସେଥିପାଇଁ ଏ ସମାଜ ଆଜି କଳୁଷିତ ହୋଇଯାଉଛି । ଏହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ଜଗତସିଂହପୁର ଜିଲ୍ଲାରେ । ଏଠାରେ ସରକାର ଓ ପ୍ରଶାସନ ଆଖିରେ ଆଙ୍ଗୁଠି ଗେଞ୍ଜି କିଛି ଅଣଯୋଗ୍ୟତାଯୁକ୍ତ ବ୍ୟକ୍ତି ଏଠି ଶିକ୍ଷାନୁଷ୍ଠାନମାନଙ୍କରେ ଶିକ୍ଷାଦାନ କରୁଛନ୍ତି । ଯିଏ ନିଜ କ୍ୟାରିୟର ଭିତରେ ନିଜେ ଜଣେ ଭଲ ଛାତ୍ର ନଥିଲେ ସେ କେମିତି ମେଧା ଛାତ୍ରଟିଏ ଗଢ଼ିବ ତାହା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏଥିସହିତ ଏହି ଅଯୋଗ୍ୟ ବ୍ୟକ୍ତି ଯେତିକି ଦିନ ଏହି ଭଳି ଛାତ୍ରଛାତ୍ରୀଙ୍କ ଜୀବନକୁ ନେଇ ଖେଳ ଖେଳିଛି ତା ବିରୋଧରେ ସରକାର ଓ ପ୍ରଶାସନ କିଭଳି କାର୍ଯ୍ୟାନୁଷ୍ଠାନ ନେଉଛି ତାହା ଦେଖିବାକୁ ବାକି ରହିଲା ।

ଜଗତସିଂହପୁର ଜିଲ୍ଲା ବାଲିକୁଦା କଲେଜରୁ ଏକାଧିକ ନକଲି ଅଧାପକ ଧରାପଡ଼ିବା ପରେ ଏଠାରେ କିଭଳି ଚାଲିଛି ଶିକ୍ଷା ବ୍ୟବସ୍ଥା ତାହା ଜଳଜଳ ହୋଇ ଦେଖିବାକୁ ମିଳିଛି । ତେବେ ଏହି କଲେଜରୁ ଧରାପଡିଲେ ପୁଣି ଜଣେ ନକଲି ଅଧାପକ । ସେ ଜାଲ ସାର୍ଟିଫିକେଟ ଦେଇ ୪୭ ବର୍ଷରେ ଚାକିରୀ ପାଇଥିଲେ । ୨୦ ବର୍ଷ ଚାକିରି କରିବା ପରେ ଏବେ ଧରା ପଡିଛନ୍ତି । ଏବେ ଚାକିରୀ ତ ଯିବ ପୁଣି ନେଇଥିବା ଅର୍ଥ ବି ଆଦାୟ କରାଯିବ । ଏହାକୁ ମିଶାଇ ଜଗତସିଂହପୁର ଜିଲ୍ଲା ବାଲିକୁଦା କଲେଜରୁ ୩ ଜଣ ନକଲି ଅଧାପକ ଧରାପଡି ବହିଷ୍କୃତ ହେଲେଣି । ଏହି ଘଟଣା ଏବେ ସାରା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି ।

ମିଳିଥିବା ସୂଚନା ଅନୁଯାୟୀ, ବସନ୍ତ ମହାନ୍ତି ନାମକ ଏହି ଅଧାପକ ଜଣକ ବାଲିକୁଦା କଲେଜର କମର୍ସ ବିଭାଗରେ ଅଧାପନା କରି ଆସୁଥିଲେ । କଲେଜ ଗଭର୍ଣ୍ଣିଙ୍ଗ ବଡିର ସଭାପତି ଭାବେ ଉପଜିଲ୍ଲାପାଳ ତାଙ୍କୁ ଚାକିରିରୁ ବହିଷ୍କାର କରିଛନ୍ତି । ତେବେ ତାଙ୍କ ବିରୋଧରେ ଛାତ୍ରଛାତ୍ରୀମାନେ ଅଧକ୍ଷ, ଉପଜିଲ୍ଲାପାଳଙ୍କୁ ବାରମ୍ବାର ଅଭିଯୋଗ କରିଥିଲେ । ସଂପୃକ୍ତ ଅଧାପକ ଜଣକ କଲେଜରେ ପାଠ ପଢାଇ ପାରୁ ନଥିଲେ ବୋଲି ଅଭିଯୋଗ ହୋଇଥିଲା । ଅଭିଯୋଗ ପରେ ଏକ ଫ୍ୟାକ୍ଟ ଫାଇଣ୍ଡିଂ କମିଟି ଏ ସଂକ୍ରାନ୍ତରେ ତଦନ୍ତ କରିଥିଲା । ତଦନ୍ତ ପରେ ଜଣାପଡିଥିଲା, ଶ୍ରୀ ମହାନ୍ତି ଅନର୍ସ ନଥାଇ ଥାର୍ଡ଼ ଡିଭିଜନରେ ଗ୍ରାଜୁଏସନ ପାସ କରିଥିଲେ । ଏହାର ୨୧ ବର୍ଷ ପରେ ଏକ ଜାଲ ସାର୍ଟିଫିକେଟ ଯୋଗାଡ଼ କରି ଚାକିରି ହାତେଇବାରେ ସଫଳ ହୋଇଥିଲେ । ବ୍ୟକ୍ତିଜଣକ ମାଟ୍ରିକ, ଯୁକ୍ତ ଦୁଇ ଓ ଯୁକ୍ତ ତିନିରେ କ୍ରମାଗତ ଭାବେ ଥାର୍ଡ଼ ଡିଭିଜନରେ ପାସ କରିଥିଲେ । ହେଲେ ଯୋଗାଡ଼ କରିଥିବା ନକଲି ପିଜି ସାର୍ଟିଫିକେଟରେ ୭୦ ପ୍ରତିଶତରୁ ଅଧିକ ମାର୍କ ରଖିଥିବା ଦର୍ଶାଇଥିଲା । ଏହି ଭଳି ଉକ୍ତ କଲେଜରେ ଅଧକ୍ଷଙ୍କ ଠାରୁ ଆରମ୍ଭ କରି ପ୍ରଶାସନ ପର୍ଯ୍ୟନ୍ତ ଏତେ ବର୍ଷ ଯାଏ କିଭଳି ଚୁପଥିଲେ ତାହା ନେଇ ପ୍ରଶ୍ନବାଚୀ ସୃଷ୍ଟି କରୁଛି ।




# ମ୍ୟାଚ୍ ଛଡ଼ାଇନେଲା ଭାରତ 'ଏ'

## ଋତୁରାଜଙ୍କ ରୋମାଞ୍ଚକର ଶତକ



ଦିନିକିଆ ତ୍ରିରାଷ୍ଟ୍ରୀୟ ଟୁର୍ଣ୍ଣାମେଣ୍ଟ

**ଡାମ୍ବୁଲା(ଏଜେନ୍ସି) :** ଶ୍ରୀଲଙ୍କାରେ ଆରମ୍ଭ ହୋଇଛି 'ଏ' ଦଳଙ୍କ ଦିନିକିଆ ତ୍ରିରାଷ୍ଟ୍ରୀୟ ଟୁର୍ଣ୍ଣାମେଣ୍ଟ । ଏହାର ପ୍ରଥମ ମ୍ୟାଚ୍ ରେ ଭାରତ 'ଏ' ରୋମାଞ୍ଚକର ବିଜୟ ହାସଲ କରିଛି । ଆୟୋଜକ ଶ୍ରୀଲଙ୍କା 'ଏ' ହାତରୁ ମ୍ୟାଚ୍ ଛଡ଼ାଇନେଇ ମାତ୍ର ୮ ରନ୍‌ରେ ଭାରତ 'ଏ' ବିଜୟୀ ହୋଇଛି । ୩ ୱିକେଟ୍ ଥାଇ ଶ୍ରୀଲଙ୍କା ଶେଷ ୧୧ ବଲ୍ ରୁ ଜିତିବା ପାଇଁ ୯ ରନ୍ ଆବଶ୍ୟକ କରୁଥିଲା । ହେଲେ ୪ଟି ବଲ୍ ରେ ୩ଟି ୱିକେଟ୍ ହରାଇ ଶ୍ରୀଲଙ୍କା 'ଏ' ପରାସ୍ତ ହୋଇଥିଲା । ଋତୁରାଜ ଗାଏକ୍ୱାଡଙ୍କ ଶତକ ବଳରେ ପ୍ରଥମେ ବ୍ୟାଟିଂକରି ଭାରତ 'ଏ' ୬ ୱିକେଟ୍ ରେ ୨୭୭ ରନ୍ କରିଥିଲା । ପରେ ୭ଟି ବଲ୍ ବାକିଥାଇ ୨୬୯ ରନ୍ କରି ଶ୍ରୀଲଙ୍କା ଅଲ୍ ଆଉଟ୍ ହୋଇଥିଲା । ଗୁରୁବାର ଆଫ୍ ଗାନିସ୍ତାନ 'ଏ' ବିପକ୍ଷରେ ଭାରତ 'ଏ' ୨ୟ ମ୍ୟାଚ୍ ଖେଳିବ । ଭାରତ 'ଏ' ଟସ୍ ଜିତି ବ୍ୟାଟିଂକରି ୧୬ ରନ୍ ରେ ୨ଟି ୱିକେଟ୍ ହରାଇଥିଲା । ବୈଭବ ସୂର୍ଯ୍ୟବଂଶୀ ୧୪ ଓ ପ୍ରଭସିମ୍ରନ ସିଂହ ୨ ରନ୍ କରି ଆଉଟ୍ ହୋଇଥିଲେ । ପ୍ରିୟାଂଶ ଆର୍ଯ୍ୟ ୩୨ ବଲ୍ ରୁ ଗୋଟିଏ ଛକା ଓ ୪ଟି ଚୌକା ସହ ୩୨ ରନ୍ କରିଥିଲେ । ପରେ ଋତୁରାଜ ଗାଏକ୍ୱାଡ ଓ ଅଧିନାୟକ ତିଳକ ବର୍ମା ୪ର୍ଥ ୱିକେଟ୍ ପାଇଁ ୧୫୦ ରନ୍ ଭାଗିଦାରୀ କରିଥିଲେ । ଋତୁରାଜ ୧୧୪ ବଲ୍ ରୁ ୩ଟି ଛକା ଓ ୬ଟି ଚୌକା ସହ ୧୦୧ ରନ୍ କରିଥିଲେ । ତିଳକ ବର୍ମା ଧିମା ଖେଳି ୯୭ ବଲ୍ ରୁ ୬୦ ରନ୍ କରିଥିଲେ । ଆୟୁଷ ବଦୋନି ୧୮ ବଲ୍ ରୁ ୨୪ ରନ୍ କରିଥିବା ବେଳେ ସୂର୍ଯ୍ୟାଂଶ ସେଡ୍ଗେ ୧୪ ବଲ୍ ରୁ ୨୬ ରନ୍ କରି ଅପରାଜିତ ଥିଲେ । ଘରୋଇ ବୋଲର ମହମ୍ମଦ ସିରାଜ୍ ୨ଟି ୱିକେଟ୍ ନେଇଥିଲେ । ଶ୍ରୀଲଙ୍କା 'ଏ' ଦୃଢ଼ତାର ସହ ୨୭୮ ରନ୍ ର ପିଛା ଆରମ୍ଭ କରିଥିଲା । ଓପ୍ ନିଂ ଯୋଡ଼ି ୯୩ ରନ୍ କରିବା ପରେ ୧୬ ରନ୍ ରେ ୩ଟି ୱିକେଟ୍ ପଡ଼ିଥିଲା । ନିରୋଶନ ଡିକ୍ୱେଲା ୪୭ ଓ ଅଭିଷ୍କା ଫର୍ଣ୍ଣାଣ୍ଡୋ ୪୫ ରନ୍ କରିଥିଲେ । ପରେ ସାଦିରା ସମରବିକ୍ରମ ୫୧ ବଲ୍ ରୁ ୪୬ ଏବଂ ଅଧିନାୟକ ସେହାନ୍ ଆରାଛିଗେ ୭୨ ବଲ୍ ରୁ ୨ଟି ଛକା ଓ ୬ଟି ଚୌକା ସହ ୭୪ ରନ୍ କରିଥିଲେ । ୬ ୱିକେଟ୍ ରେ ୨୬୨ ରନ୍ କରିଥିବା ଶ୍ରୀଲଙ୍କା 'ଏ' ଆଉ ୭ ରନ୍ ରେ ଶେଷ ୪ଟି ୱିକେଟ୍ ହରାଇଥିଲା । ୱାନୁଜା ସାହାନ୍ ୧୬ ବଲ୍ ରୁ ୨୩ ରନ୍ କରି ରନ୍ ଆଉଟ୍ ହେବା ନିର୍ଣ୍ଣାୟକ ହୋଇଥିଲା । ଅର୍ସଦ ଖାଁ, ଅନୁକୂଳ ରାୟ, ଆୟୁଷ ବଦୋନି ଓ ବିପ୍ରଜ ନିଗମ ୨ଟି ଲେଖାଏଁ ୱିକେଟ୍ ନେଇଥିଲେ । ଋତୁରାଜ ଗାଏକ୍ୱାଡ ପ୍ଲେୟର ଅଫ୍ ଦି ମ୍ୟାଚ୍ ହୋଇଥିଲେ ।

## ହରମନପ୍ରୀତ ଶୀର୍ଷ ୧୦ରେ

**ନୂଆଦିଲ୍ଲୀ (ଏଜେନ୍ସି) :** ଆଇସିସି ମହିଳା ଟି୨୦ ବିଶ୍ୱକପ୍ ମେ' ୧୨ରୁ ଜୁଲାଇ ୫ ପର୍ଯ୍ୟନ୍ତ ଇଂଲଣ୍ଡରେ ଖେଳାଯିବ । ଏହା ପୂର୍ବରୁ ମଙ୍ଗଳବାର ପ୍ରକାଶିତ ମହିଳା ଟି୨୦ ବ୍ୟାଟର ମାନ୍ୟତାରେ ଭାରତୀୟ ଅଧିନାୟିକା ହରମନପ୍ରୀତ କୌର ଶୀର୍ଷ ୧୦ରେ ରହିଛନ୍ତି । ହରମନପ୍ରୀତ ଗୋଟିଏ ସ୍ଥାନ ଉଠି ୧୧ରୁ ୧୦ମ ସ୍ଥାନରେ ପହଞ୍ଚିଥିବା ବେଳେ ନ୍ୟୁଜିଲାଣ୍ଡର ସୋଫି



ଆଇସିସି ମହିଳା ଟି୨୦ ବ୍ୟାଟର ମାନ୍ୟତା

ଡିଭାଇନ ୧୦ରୁ ୧୧ତମ ସ୍ଥାନକୁ ଖସି ଆସିଛନ୍ତି । ଅଷ୍ଟ୍ରେଲିଆର ଜର୍ଜିଆ ଭୋଲ ଶୀର୍ଷରେ ଥିବା ବେଳେ ବେଥ୍ ମୁନି ୨ୟ, ଦକ୍ଷିଣ ଆଫ୍ରିକାର ଲୌରା ୱାଲଭାର୍ଟ ୩ୟ, ୱେଷ୍ଟଇଣ୍ଡିଜର ହେଲ୍ ଲି ମାଥ୍ୟୁସ ୪ର୍ଥ, ଭାରତର ସ୍ମୃତି ମାନ୍ଧାନା ୫ମ, ଅଷ୍ଟ୍ରେଲିଆର ତାହ୍ ଲିଆ ମ୍ୟାକ୍ ଗ୍ରା ୬ଷ୍ଠ, ଭାରତର ଶେଫାଳି ବର୍ମା ୭ମ, ନ୍ୟୁଜିଲାଣ୍ଡର ଆମେଲିଆ କେର ଅଷ୍ଟମ, ଶ୍ରୀଲଙ୍କାର ଚାମିରା ଆଟାପଟୁ ୯ମ ଓ ଭାରତର ହରମନପ୍ରୀତ କୌର ୧୦ମ ସ୍ଥାନରେ ରହିଛନ୍ତି । ଅଲରାଉଣ୍ଡର ମାନ୍ୟତାର ଶୀର୍ଷରେ ନ୍ୟୁଜିଲାଣ୍ଡର ଆମେଲିଆ ଅଛନ୍ତି । ୱେଷ୍ଟଇଣ୍ଡିଜ୍ ର ହେଲି ମାଥ୍ୟୁସଙ୍କୁ ପଛରେ ପକାଇ ଶୀର୍ଷ ସ୍ଥାନକୁ ଉନ୍ନୀତ ହୋଇଛନ୍ତି । ମାଥ୍ୟୁସ ଶୀର୍ଷରୁ ଦ୍ୱିତୀୟ ସ୍ଥାନକୁ ଖସି ଆସିଛନ୍ତି । ଶ୍ରୀଲଙ୍କାର ଚାମିରା ଆଟାପଟୁ ୩ୟ, ଅଷ୍ଟ୍ରେଲିଆର ଆସ୍ ଲେ ଗାର୍ଡନର ୪ର୍ଥ ଓ ଭାରତର ଦୀପ୍ତି ଶର୍ମା ୫ମ ସ୍ଥାନରେ ରହିଛନ୍ତି । ବୋଲିଂ ମାନ୍ୟତାରେ ଇଂଲଣ୍ଡର ଲିନ୍ ସେ ସ୍ମିଥ୍ ଶୀର୍ଷରେ ରହିଛନ୍ତି । ପାକିସ୍ତାନର ସାଦିଆ ଇକବାଲ ୨ୟ, ଇଂଲଣ୍ଡର ଲୌରେନ ବେଲ୍ ୩ୟ, ଇଂଲଣ୍ଡର ଚାର୍ଲି ଡିନ୍ ଚତୁର୍ଥ, ଦକ୍ଷିଣ ଆଫ୍ରିକାର ନନ୍ କୁଲାକୁ ମାଲାବା ପଞ୍ଚମ ସ୍ଥାନରେ ରହିଛନ୍ତି । ଅଲ୍ ରାଉଣ୍ଡର ଦୀପ୍ତି ଶର୍ମା ୧୦ମ ସ୍ଥାନରେ ରହିଛନ୍ତି ।



## ବେଙ୍ଗଲ୍ ଟି୨୦ ଲିଗ୍

# ସାମିଙ୍କ ହ୍ୟାଟ୍ରିକ୍ ୱିକେଟ୍

**କଲକାତା (ଏଜେନ୍ସି) :** ଭାରତୀୟ ଦଳରେ ସ୍ଥାନ ନ ପାଇବା ସତ୍ତ୍ୱେ ଭେଟେରାନ୍ ପେସ୍ ବୋଲର ମହମ୍ମଦ ସାମି କ୍ରିକେଟ୍ ରୁ ଦୂରେଇ ଯାଇନାହାନ୍ତି । ସାମି ଏବେ ବେଙ୍ଗଲ୍ ଟି୨୦ ଲିଗ୍ ଖେଳିବାରେ ବ୍ୟସ୍ତ । ଏହି ଟୁର୍ଣ୍ଣାମେଣ୍ଟର ଏକ ମ୍ୟାଚ୍ ରେ ସାମି ହ୍ୟାଟ୍ରିକ୍ ନେଇଛନ୍ତି । ସାମି ସିଲିଗୁଡ଼ି ଷ୍ଟ୍ରାଇକର୍ସ ପାଇଁ ଖେଳି ହ୍ୟାଟ୍ରିକ୍ ନେଇଛନ୍ତି । ସାମି ୧୬ଶ ଓଭରରେ କ୍ରମାଗତ ୩ଟି ବଲ୍ ରେ ଶାହ୍ ବାଜ ଅହମ୍ମଦ, ରୋହିତ କୁମାର ଓ ଦୀପାଞ୍ଜନ ମୁଖାର୍ଜୀଙ୍କୁ ଆଉଟ୍ କରି ହ୍ୟାଟ୍ରିକ୍ ପୂରଣ କରିଥିଲେ । ଭାରତୀୟ ଟି୨୦ ଦଳରେ ସାମିଙ୍କୁ ସୁଯୋଗ ନ ମିଳିବା ନେଇ ମନୋନୟନ କମିଟି ମୁଖ୍ୟ ଅଜିତ ଆଗରକର କହିଥିଲେ, ଟ୍ୱେଣ୍ଟି୨୦ କ୍ରିକେଟ୍ ପାଇଁ ଦଳ ମନୋନୟନ କରାଯାଇଛି । ମୋ ପାଖରେ ଯେତିକି ଖବର ଅଛି ; ସାମି ଟ୍ୱେଣ୍ଟି୨୦ ଖେଳିବାକୁ ପ୍ରସ୍ତୁତ ନ ଥିବାରୁ ତାଙ୍କ ନାମ ଆଲୋଚନା କରାଯାଇନାହିଁ ।

## ଶ୍ରୀଲଙ୍କା 'ଏ' ବିପକ୍ଷରେ ବିଫଳ ହେଲେ ବୈଭବ ସୂର୍ଯ୍ୟବଂଶୀ

# ୧୪ ରନ କରି ଫେରିଲେ ପାଭିଲିୟନକୁ



**ଦାମ୍ବୁଲା (ଏଜେନ୍ସି) :** ଶ୍ରୀଲଙ୍କାର ଦାମ୍ବୁଲାଠାରେ ଭାରତ 'ଏ' ଏବଂ ଶ୍ରୀଲଙ୍କା 'ଏ' ମଧ୍ୟରେ ଖେଳାଯାଉଥିବା ତ୍ରିକୋଣୀୟ ଦିନିକିଆ ସିରିଜର ପ୍ରଥମ ମ୍ୟାଚରେ ଯୁବ ବ୍ୟାଟସମ୍ୟାନ ବୈଭବ ସୂର୍ଯ୍ୟବଂଶୀ ବଡ଼ ପାଳି ଖେଳିବାରେ ବିଫଳ ହୋଇଛନ୍ତି । ଚମତ୍କାର ଫର୍ମରେ ଥିବା ବୈଭବଙ୍କଠାରୁ ଭାରତୀୟ ପ୍ରଶଂସକମାନେ ଅନେକ ଆଶା ରଖିଥିଲେ, କିନ୍ତୁ ତାଙ୍କର ପାଳି ମାତ୍ର ୧୪ ରନରେ ସୀମିତ ରହିଛି । ଭାରତ 'ଏ' ପକ୍ଷରୁ ଓପନିଂ କରି ବୈଭବ ଆରମ୍ଭରୁ କିଛି ଆକର୍ଷଣୀୟ ସଟ୍ ଖେଳିଥିଲେ । ସେ ୧୨ଟି ବଲ୍‌ର ସମ୍ମୁଖୀନ ହୋଇ ୩ଟି ଚୌକା ସହାୟତାରେ ୧୪ ରନ୍ କରିଥିଲେ । ତେବେ ଏହି ଭଲ ଆରମ୍ଭକୁ ସେ ଏକ ବଡ଼ ସ୍କୋରରେ ପରିଣତ କରିପାରିନଥିଲେ । ଶ୍ରୀଲଙ୍କାର ଦ୍ରୁତ ବୋଲର ମହମ୍ମଦ ଶିରାଜ ତାଙ୍କର ୱିକେଟ୍ ନେଇଥିଲେ । ଚତୁର୍ଥ ଓଭରର ଚତୁର୍ଥ ବଲ୍‌ରେ ଏକ ସିଧା ସଟ୍ ଖେଳିବାକୁ ଚେଷ୍ଟା କରି ବୈଭବ ମିଡ୍-ଅଫ୍‌ରେ ଥିବା ଫିଲ୍‌ଡରଙ୍କୁ କ୍ୟାଚ୍ ଦେଇ ବସିଥିଲେ । ବୈଭବଙ୍କ ୱିକେଟ୍ ମିଳିବା ପରେ ଶ୍ରୀଲଙ୍କା ଖେଳାଳିଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଥିଲା । ଅନ୍ୟପଟେ, ବୈଭବ ନିଜେ ମଧ୍ୟ ଏହି ଆଉଟ୍‌କୁ ନେଇ ବହୁତ ନିରାଶ ଦେଖାଯାଉଥିଲେ । ସେ ଆଉଟ୍ ହେବା ସମୟରେ ଭାରତର ସ୍କୋର ମାତ୍ର ୧୬ ରନ୍ ଥିଲା । ସୂଚନାଯୋଗ୍ୟ ଯେ, ବୈଭବ ସୂର୍ଯ୍ୟବଂଶୀ ନିକଟରେ ଶେଷ ହୋଇଥିବା ଆଇପିଏଲ ୨୦୨୬ରେ ଦମଦାର ପ୍ରଦର୍ଶନ କରିଥିଲେ । ସେହି ସିଜନରେ ସେ ୨୩୭ରୁ ଅଧିକ ଷ୍ଟ୍ରାଇକ୍ ରେଟ୍‌ରେ ୭୭୬ ରନ୍ ସଂଗ୍ରହ କରିଥିଲେ, ଯେଉଁଥିରେ ୭୨ଟି ଛକା ସାମିଲ ଥିଲା । ଆଇପିଏଲରେ ଅରେଞ୍ଜ କ୍ୟାପ୍ ସହ ୫ଟି ଆୱାର୍ଡ ଜିତିଥିବା ବୈଭବ ଏହି ମ୍ୟାଚରେ ବିଫଳ ହେବା ଭାରତ 'ଏ' ପାଇଁ ଏକ ପ୍ରାରମ୍ଭିକ ଝଟକା ସଦୃଶ ଥିଲା ।

## ଫ୍ରେଞ୍ଚ ଓପନ୍ ୨୦୨୬

# ପ୍ରଥମ ଗ୍ରାଣ୍ଡ ସ୍ଲାମ ଜିତିଲେ ଆଲେକ୍ସଜାଣ୍ଡାର୍ ଜ୍ୱେରେଭ୍



**ପ୍ୟାରିସ (ଏଜେନ୍ସି) :** ଜର୍ମାନୀର ଷ୍ଟାର୍ ଟେନିସ ଖେଳାଳି ଆଲେକ୍ସଜାଣ୍ଡାର୍ ଜଭେରେଭ୍ ଶେଷରେ ନିଜ କ୍ୟାରିୟରର ସବୁଠାରୁ ବଡ଼ ସ୍ୱପ୍ନକୁ ପୂରଣ କରିଛନ୍ତି । ଫ୍ରେଞ୍ଚ ଓପନ୍ ୨୦୨୬ର ପୁରୁଷ ସିଙ୍ଗଲ୍ସ ଫାଇନାଲରେ ସେ ଇଟାଲୀର ଫ୍ଲାଭିଓ କୋବୋଲିଙ୍କୁ ପାଞ୍ଚ ସେଟ୍ ପର୍ଯ୍ୟନ୍ତ ଚାଲିଥିବା ଏକ ରୋମାଞ୍ଚକର ମୁକାବିଲାରେ ୬-୧, ୪-୬, ୬-୪, ୬-୭ (୫-୭), ୬-୧ ରେ ପରାସ୍ତ କରି ନିଜ କ୍ୟାରିୟରର ପ୍ରଥମ ଗ୍ରାଣ୍ଡସ୍ଲାମ୍ ଟାଇଟଲ୍ ହାସଲ କରିଛନ୍ତି । ପ୍ୟାରିସରେ ଖେଳାଯାଇଥିବା ଏହି ମ୍ୟାଚ୍ ୪ ଘଣ୍ଟା ୧୬ ମିନିଟ୍ ଧରି ଚାଲିଥିଲା । ଦ୍ୱିତୀୟ ମାନ୍ୟତା ପ୍ରାପ୍ତ ଜଭେରେଭ୍ ମ୍ୟାଚର ଆରମ୍ଭ ଚମତ୍କାର ଶୈଳୀରେ କରି ପ୍ରଥମ ସେଟକୁ ୬-୧ ରେ ନିଜ ନାମରେ କରିଥିଲେ । ତେବେ ୧୦ମ ମାନ୍ୟତା ପ୍ରାପ୍ତ କୋବୋଲି ଦ୍ୱିତୀୟ ସେଟରେ ଦମଦାର ପ୍ରତ୍ୟାବର୍ତ୍ତନ କରି ୬-୪ ରେ ବିଜୟୀ ହେବା ସହ ମ୍ୟାଚକୁ ସମାନ ସ୍ଥିତିକୁ ଆଣିଥିଲେ । ତୃତୀୟ ସେଟରେ ଜଭେରେଭ୍ ପୁଣି ଥରେ ନିୟନ୍ତ୍ରଣ ହାସଲ କରିଥିଲେ ଏବଂ ୬-୪ ରେ ଅଗ୍ରଣୀ ହାସଲ କରିଥିଲେ । ଚତୁର୍ଥ ସେଟରେ ଦୁଇ ଖେଳାଳିଙ୍କ ମଧ୍ୟରେ ଜବରଦସ୍ତ ସଂଘର୍ଷ ଦେଖିବାକୁ ମିଳିଥିଲା । ସେଟ୍‌ଟି ଟାଇବ୍ରେକର୍ ପର୍ଯ୍ୟନ୍ତ ପହଞ୍ଚିଥିଲା, ଯେଉଁଠାରେ କୋବୋଲି ୭-୫ ରେ ବିଜୟ ହାସଲ କରି ମ୍ୟାଚକୁ ନିର୍ଣ୍ଣାୟକ ପଞ୍ଚମ ସେଟ୍‌କୁ ନେଇଯାଇଥିଲେ । କିନ୍ତୁ ଶେଷ ସେଟରେ ଜଭେରେଭ୍ ନିଜର ଅଭିଜ୍ଞତା ପ୍ରଦର୍ଶନ କରି କୋବୋଲିଙ୍କ ସର୍ଭିସକୁ ଦୁଇଥର ଭାଙ୍ଗିଥିଲେ ଏବଂ ୬-୧ ରେ ସେଟ୍ ଜିତି ଟ୍ରଫି ନିଜ ନାମରେ କରିଥିଲେ । ଏହି ବିଜୟ ସହ ଜଭେରେଭ୍ ଫ୍ରେଞ୍ଚ ଓପନର ଓପନ୍ ଏରାରେ ଟାଇଟଲ୍ ଜିତିଥିବା ପ୍ରଥମ ଜର୍ମାନ ପୁରୁଷ ଖେଳାଳି ହୋଇପାରିଛନ୍ତି । ଏହାପୂର୍ବରୁ ୧୯୩୭ ମସିହାରେ ଜର୍ମାନୀର ହେନର୍ ହେନକେଲ୍ ରୋଲାଁ ଗ୍ୟାରୋସ୍ ଟାଇଟଲ୍ ଜିତିଥିଲେ । ଅର୍ଥାତ୍ ୮୯ ବର୍ଷ ପରେ ଜଣେ ଜର୍ମାନ ପୁରୁଷ ଖେଳାଳି ଫ୍ରେଞ୍ଚ ଓପନ୍ ଟ୍ରଫି ହାସଲ କରିଛନ୍ତି । ଜଭେରେଭ୍ ଏହାପୂର୍ବରୁ ତିନୋଟି ଗ୍ରାଣ୍ଡସ୍ଲାମ୍ ଫାଇନାଲରେ ପରାଜୟର ସମ୍ମୁଖୀନ ହୋଇଥିଲେ । ସେ ୨୦୨୦ ୟୁଏସ୍ ଓପନ୍, ୨୦୨୪ ଫ୍ରେଞ୍ଚ ଓପନ୍ ଏବଂ ୨୦୨୫ ଓପନ୍ ଫାଇନାଲରେ ବିଜୟରୁ ବଞ୍ଚିତ ହୋଇଥିଲେ । ତେବେ ଏଥର ସେ ସମସ୍ତ ଚାପକୁ ପଛରେ ପକାଇ ନିଜ କ୍ୟାରିୟରର ପ୍ରଥମ ମେଜର ଟାଇଟଲ୍ ଜିତିଛନ୍ତି । ବିଜୟ ପରେ ତାଙ୍କ ଆଖିରେ ଖୁସିର ଲୁହ ସ୍ପଷ୍ଟ ଦେଖାଯାଉଥିଲା । ଟୁର୍ଣ୍ଣାମେଣ୍ଟ ସମୟରେ ଶୀର୍ଷ ମାନ୍ୟତା ପ୍ରାପ୍ତ ଜାନିକ ସିନର ପ୍ରାରମ୍ଭିକ ପର୍ଯ୍ୟାୟରୁ ହିଁ ବାଦ୍ ପଡ଼ିଥିଲେ, ଏଥିସହିତ ନୋଭାକ ଜୋକୋଭିଚ୍ ମଧ୍ୟ ଟାଇଟଲ୍ ଦୌଡ଼ରୁ ବାହାରି ଯାଇଥିଲେ । ଅନ୍ୟପଟେ ଡିଫେଣ୍ଡିଂ ଚାମ୍ପିଅନ୍ କାର୍ଲୋସ୍ ଅଲକାରାଜ୍ ଆଘାତ କାରଣରୁ ଟୁର୍ଣ୍ଣାମେଣ୍ଟରେ ଭାଗ ନେଇପାରିନଥିଲେ । ଏଭଳି ପରିସ୍ଥିତିରେ ଜଭେରେଭ୍ ?ଙ୍କୁ ଟାଇଟଲ୍‌ର ଦୃଢ଼ ଦାବିଦାର ମାନାଯାଉଥିଲା ଏବଂ ସେ ଆଶା ଅନୁରୂପ ପ୍ରଦର୍ଶନ କରି ଇତିହାସ ରଚିଛନ୍ତି ।

# ଦିନିକିଆ ଶୃଙ୍ଖଳା ପାଇଁ ହାର୍ଦ୍ଦିକ ଫିଟ୍ ଘୋଷିତ



**ମୁମ୍ବାଇ(ଏଜେନ୍ସି) :** ଆଫଗାନିସ୍ତାନ ବିପକ୍ଷ ୩ ମ୍ୟାଚ୍ ଦିନିକିଆ ଶୃଙ୍ଖଳା ପାଇଁ ଅଭିଜ୍ଞ ଅଲରାଉଣ୍ଡର୍ ହାର୍ଦିକ ପାଣ୍ଡ୍ୟାଙ୍କୁ ଫିଟ୍ ଘୋଷଣା କରିଛି ବିସିସିଆଇ । ବୋର୍ଡର ସେଣ୍ଟର ଅଫ୍ ଏକ୍ସଲେନ୍ସ ହାର୍ଦିକଙ୍କ ଫିଟ୍‌ନେସ୍‌କୁ ନେଇ କ୍ଲିୟରାନ୍ସ ଦେବା ପରେ ସେ ଏବେ ସମ୍ପୃକ୍ତ ଶୃଙ୍ଖଳା ପାଇଁ ଉପଲବ୍ଧ ହୋଇଛନ୍ତି । ପିଠି ମାଂସପେଶୀରେ ସମସ୍ୟା କାରଣରୁ ପାଣ୍ଡ୍ୟା ଏକାଧିକ ଆଇପିଏଲ୍ ମ୍ୟାଚ୍‌ରେ ଖେଳିପାରିନଥିଲେ । ଜୁନ୍ ୨ ତାରିଖରୁ ସେ ସିଓଇରେ ଯୋଗଦେଇଥିଲେ । ଏବେ ବିନା ବାଧାରେ ୧୦ ଓଭର ବୋଲିଂ କରିବା ପରେ ସିଓଇର ସ୍ପୋର୍ଟସ ସାଇନ୍ସ ଟିମ୍ ତାଙ୍କ ଫିଟ୍‌ନେସ୍‌କୁ ସବୁଜ ସଙ୍କେତ ଦେଇଛି । ଫଳରେ ସେ ଶନିବାରଠାରୁ ଧରମଶାଳାରୁ ଆରମ୍ଭ ହେଉଥିବା ଆଫଗାନିସ୍ତାନ ବିପକ୍ଷ ଶୃଙ୍ଖଳାରେ ଖେଳିବାକୁ ଯୋଗ୍ୟ ହୋଇଛନ୍ତି । ବେଙ୍ଗାଲୁରୁସ୍ଥିତି ସିଓଇରେ ସାମିଲ ହେବା ପୂର୍ବରୁ ହାର୍ଦିକ ବିଦେଶରେ କିଛି ଦିନ କଟାଇଥିଲେ । ବିଶେଷ କରି ପାଣ୍ଡ୍ୟା ତାଙ୍କ ପୂର୍ଣ୍ଣ କୋଟାର ୧୦ ଓଭର ବୋଲିଂ କରିଥିବାରୁ ଭାରତୀୟ ଦଳ ଆଶାବାଦୀ ରହିଛି । ଅନ୍ୟପକ୍ଷରେ ପୂର୍ବତନ ଅଧିନାୟକ ରୋହିତ ଶର୍ମା ମଧ୍ୟ ସିଓଇରେ ରହି ନିଜ ଫିଟ୍‌ନେସ୍ ଫେରିପାଇବା ପ୍ରକ୍ରିୟା ଭିତରେ ରହିଛନ୍ତି ।

# ଫିଫା ମାନ୍ୟତାରେ ଭାରତ ୩କୁ ଖସିଲା



**ନୂଆଦିଲ୍ଲୀ(ଏଜେନ୍ସି) :** ଭାରତୀୟ ପୁରୁଷ ଫୁଟ୍‌ବଲ୍ ଦଳ ସଦ୍ୟପ୍ରକାଶିତ ଫିଫା ମାନ୍ୟତାରେ ୩ ସ୍ଥାନ ତଳକୁ ଖସି ୧୩୯ରେ ପହଞ୍ଚିଛି । ଭାରତୀୟ ଦଳର ଲଗାତାର ୩ ମ୍ୟାଚ୍ ପରାଜୟ କାରଣରୁ ଏଭଳି ଅବନତି ଘଟିଛି । ୟୁନିଟି କପ୍‌ରେ ଲଗାତାର ୨ ପରାଜୟ ପୂର୍ବରୁ ତାଜିକସ୍ତାନ ବିପକ୍ଷ ୨ ମ୍ୟାଚ୍ ବିଶିଷ୍ଟ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ୧-୩ରେ ପରାସ୍ତ ହୋଇଥିଲା । ଖଲିଦ ଜମିଲଙ୍କ ଦଳ ଏପ୍ରିଲ ୧ରେ ପ୍ରକାଶିତ ଫିଫା ମାନ୍ୟତାରେ ୫ଟି ସ୍ଥାନ ଉଠି ୧୩୬ରେ ରହିଥିଲା । ଏଏଫ୍‌ସି ଏସୀୟ କପ୍ ୨୦୨୭ ଯୋଗ୍ୟତା ମ୍ୟାଚ୍‌ରେ ଭାରତ ୨-୧ ଗୋଲ୍‌ରେ ହଂକଂକୁ ପରାସ୍ତ କରି ଏହି ସଫଳତା ପାଇଥିଲା । ନିକଟରେ ଭାରତ ୦-୨ରେ ଜାମାଇକା, ୦-୧ରେ ଜିମ୍ବାୱେ ଓ ୧-୩ରେ ତାଜିକସ୍ତାନଠୁ ହାରିଯାଇଥିଲା । ମଙ୍ଗଳବାର ତାଜକିସ୍ତାନ ବିପକ୍ଷରେ ଦ୍ୱିତୀୟ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳିବ ଭାରତ ।

# ଲଟଭିଆରେ ତନଭୀଙ୍କୁ ରୌପ୍ୟ

**ନୂଆଦିଲ୍ଲୀ (ଏଜେନ୍ସି) :** ଓଡ଼ିଆ ଝିଅ ତନଭୀ ପତ୍ରୀ ଲାଟଭିଆରେ ନିଜର ଚମକ ଦେଖାଇଛନ୍ତି । ଲାଟଭିଆରେ ଆୟୋଜିତ ଆର୍‌ଏସ୍‌ଏଲ୍ ଲାଟଭିଆ ଇଣ୍ଟରନ୍ୟାସ୍‌ନାଲ ବ୍ୟାଡ୍‌ମିଣ୍ଟନ୍ ପ୍ରତିଯୋଗିତାରେ ତନଭୀ ଉପବିଜୟିନୀ ହୋଇ ରୌପ୍ୟ ପଦକ କରାୟତ୍ତ କରିଛନ୍ତି । ମହିଳା ଏକକ ଫାଇନାଲ୍‌ରେ ସେ ୧୪-୨୧, ୧୬-୨୧ରେ ହଂକଂର ଆଇପି ସୁମ୍ ୟାଉଙ୍କଠୁ ହାରି ରୌପ୍ୟରେ ସନ୍ତୁଷ୍ଟ ରହିଥିଲେ । ଏହା ପୂର୍ବରୁ ତନଭୀ ସେମିଫାଇନାଲ୍‌ରେ ଦ୍ୱିତୀୟ ମାନ୍ୟତାପ୍ରାପ୍ତ ମିଆଁମାରା ଥେଟ୍ ତାର୍ ଥୁଜାର୍‌ଙ୍କୁ ୨୧-୧୨, ୨୧-୧୦ରେ ପରାସ୍ତ କରିଥିଲେ । କ୍ୱାର୍ଟର ଫାଇନାଲ୍‌ରେ ସେ ୨୧-୬, ୨୧-୧୨ରେ ଇସ୍ତୋନିଆର ମାରିଜା ପାସ୍କୋସିଙ୍କୁ ହରାଇଥିଲେ । ତାଙ୍କର ଏହି ସଫଳତା ଲାଗି ରାଜ୍ୟ କ୍ରୀଡ଼ା ବିଭାଗ ପକ୍ଷରୁ ଅଭିନନ୍ଦନ ଜ୍ଞାପନ କରାଯାଇଛି ।



Printed and Published by Smt. Manasi Sahoo on behalf of Nishkarsha Media Entertainment & Publication. Published at Badachanchoo, Po- Nakhara, Via- Choudwar, Dist.Cuttack, PIN- 754025 (ODISHA).
Printed at Durga Madhav Printers, At- Bajrakbati Road, Po- Buxi Bazar, Dist-Cuttack (Odisha). Mob- 8895134289, 9938725879. Email : nishkarsha.media@gmail.com.
Our Website: nishkarsha.com & nishkarsha.site
Editor : TAPAN KUMAR SAHOO
Email for Admin.: nishkarshamedia.admn@gmail.com, Email for Editor: nishkarsha.editor@gmail.com, Email for Advertisement: nishkarsha.advt@gmail.com
ସମ୍ପାଦକ : ତପନ କୁମାର ସାହୁ